ବର୍ଷ-୨୬, ସଂଖ୍ୟା-୨୮୩
ଭୁବନେଶ୍ୱର
ଅକ୍ଟୋବର, ୨୩, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 283
Bhubaneswar
October, 23, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ବିଦାୟ ନେଲେ ମା'



## ଆଜି ଲଘୁଚାପ : ବାତ୍ୟା ନେଇ ବଢ଼ୁଛି ଦ୍ୱନ୍ଦ୍ୱ

ଭୁବନେଶ୍ୱର୨୨।୧୦(ମହାଭାରତ): ଆଣ୍ଡାମାନ ସାଗର ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରୁଛି। ଆଜି ସନ୍ଧ୍ୟା ସୁଦ୍ଧା ଏହା ଦକ୍ଷିଣ-ପୂର୍ବ, ପାର୍ଶ୍ୱବର୍ତ୍ତୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ସଂଲଗ୍ନ ଆଣ୍ଡାମାନ ଉପରେ ରହିଛି। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ଶୁକ୍ରବାର ଦକ୍ଷିଣ-ପୂର୍ବ ଓ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହି ଲଘୁଚାପ କ୍ଷେତ୍ର ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଅଧିକ ଘନୀଭୂତ ହୋଇ ୨୫ ତାରିଖ ସକାଳ ସୁଦ୍ଧା ଅବପାତର ରୂପ ନେଇପାରେ। ଏହା ପରେ ମଧ୍ୟ ଏହାର ତୀବ୍ରତା ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ସମ୍ପ୍ରସାରିତ ପୂର୍ବାନୁମାନରେ ସ୍ପଷ୍ଟ କରାଯାଇଛି। ଆହୁରି କୁହାଯାଇଛି ଯେ ଲଘୁଚାପ ସୃଷ୍ଟି ହେବା ପରେ ୨୩ ତାରିଖ ସନ୍ଧ୍ୟାରୁ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପବନର ଘଣ୍ଟାପ୍ରତି ବେଗ ୩୫ରୁ ୪୫ କିଲୋମିଟର (କିମି) ରହିବ। ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ପବନର ବେଗ ଘଣ୍ଟାପ୍ରତି ୪୫ରୁ ୫୫ କିମି ଓ ଝଟକା ପବନର ବେଗ ୬୫ କିମି ଏବଂ ୨୫ ତାରିଖ ସନ୍ଧ୍ୟା ସୁଦ୍ଧା ପୂର୍ବ-କେନ୍ଦ୍ରୀୟ, ପଶ୍ଚିମ-କେନ୍ଦ୍ରୀୟ ଓ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କିମି ଓ ଝଟକା ପବନର ବେଗ ୭୦ କିମି ରହିପାରେ। ଅକ୍ଟୋବର ୨୬ରୁ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ପବନର ବେଗ ଘଣ୍ଟା ପ୍ରତି ୭୦ରୁ ୮୦ କିମି ଓ ଝଟକା ପବନର ବେଗ ୯୦ କିଲୋମିଟର ଛୁଇଁପାରେ। ୨୮ ତାରିଖ ପର୍ଯ୍ୟନ୍ତ ପବନର ତୀବ୍ରତା ବୃଦ୍ଧି ପାଇବାର ଆଶଙ୍କା ରହିଛି। ସମ୍ଭାବ୍ୟ ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୩ ସନ୍ଧ୍ୟାରୁ ୨୫ ତାରିଖ ଯାଏଁ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ୨୬ରୁ ୨୮ ତାରିଖ ଯାଏଁ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଏହି ସମୟରେ ସମୁଦ୍ର ଅଶାନ୍ତରୁ ଅତ୍ୟନ୍ତ ଅଶାନ୍ତ ରହିବା ସହ ୨୬ରୁ ୨୮ ତାରିଖ ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଉଚ୍ଚ ଜୁଆର ଓ ବଡ଼ ଢେଉ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ୨୩ରୁ ୨୯ ତାରିଖ ମଧ୍ୟରେ ମତ୍ସ୍ୟଜୀବୀଙ୍କ ଗତିବିଧି, ଜାହାଜ ଚଳାଚଳ, ବନ୍ଦର ଓ ସାମୁଦ୍ରିକ ପର୍ଯ୍ୟଟନ ସମ୍ପର୍କିତ କଟକଣା ପରବର୍ତ୍ତୀ ପାଣିପାଗ ସତର୍କ ସୂଚନା ଆଧାରରେ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଷ୍ଟମ୍ କେଉଁ ରୂପରେ ଉପକୂଳକୁ ଆସିବ ଏବଂ କେଉଁଠି ସ୍ଥଳଭାଗ ଛୁଇଁବ ତାହାକୁ ନେଇ ଏବେ ବି ସ୍ପଷ୍ଟତା ଆସି ପାରିନାହିଁ। ତେବେ ୨୬ ତାରିଖଠାରୁ ଓଡ଼ିଶା ଉପକୂଳରେ ପାଗ ବଦଳିବ। ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ରୁ ୬୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ଆକଳନ ଅନୁଯାୟୀ ୨୫ ତାରିଖରେ ଅବପାତ ଓ ୨୬ରେ ଗଭୀର ଅବପାତରେ ପରିଣତ ହୋଇପାରେ। ବାତ୍ୟା ପାଇଁ ଏବେ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଗଭୀର ଅବପାତ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନେବାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଉର୍ଦ୍ଧ୍ୱଗାମୀ ବାୟୁର ଘର୍ଷଣ ଶକ୍ତି। ତେଣୁ ମଡେଲ୍‌ଗୁଡ଼ିକ ଭିନ୍ନ ଭିନ୍ନ ଆକଳନ କରିଛନ୍ତି। ତେବେ ୟୁରୋପିଆନ୍ ମଡେଲ୍ କହୁଛି ଯେ ୨୮ ଓ ୨୯ ତାରିଖ ବେଳକୁ ଘର୍ଷଣ ଶକ୍ତି ୨୦ ନଟ୍ (କେଟି)ରୁ କମ୍ ରହିବ, ଯାହାକି ବାତ୍ୟା ରୂପ ନେବାରେ ସହାୟକ ହେବ। ଅନ୍ୟ ସମସ୍ତ ମଡେଲ୍‌ରୁ ଜଣାପଡୁଛି ଉତ୍ତର-ଉତ୍ତରପଶ୍ଚିମ ବାୟୁ ବଙ୍ଗୋପସାଗରକୁ ଆସି ଅବପାତର କେନ୍ଦ୍ରକୁ ଆସିବା ଫଳରେ ଏହା ଗଭୀର ଅବପାତରୁ ଅଧିକ ଘନୀଭୂତ ହେବାକୁ ଦେବ ନାହିଁ। ତେବେ ସମସ୍ତ ମଡେଲ୍‌ରୁ ଜଣାପଡୁଛି ଯେ ଏସ୍‌ଟିଆର (ସବ୍ ଟପିକାଲ ରିଜ୍) ୨୦ ଡିଗ୍ରି ଉତ୍ତରରେ କାନ୍ଥ ଭଳି ରହିବ, ଯାହାକି ସିଷ୍ଟମ୍‌କୁ ଆଗକୁ ଯିବାକୁ ଦେବ ନାହିଁ। ଏହା ଦକ୍ଷିଣ ଓଡ଼ିଶା ଉପକୂଳ କିମ୍ବା ସଂଲଗ୍ନ ଉତ୍ତର ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବ। ସମ୍ଭାବ୍ୟ ଗତିପଥ ବିଶାଖାପାଟଣାରୁ ପାରାଦୀପ ମଧ୍ୟରେ ରହିପାରେ।

## କିଛି ଲୋକ ଅରାଜକତାର ସ୍ୱପ୍ନ ଦେଖୁଛନ୍ତି: ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ୨୨।୧୦(ମହାଭାରତ): : କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କଡ଼ା କଟାକ୍ଷ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମଗ୍ର ବିଶ୍ୱ ବର୍ତ୍ତମାନ ଏକ ନୂତନ ବ୍ୟବସ୍ଥା ସନ୍ଧାନ କରୁଥିବା ବେଳେ ଦେଶ ମଧ୍ୟରେ କେତେକ ବ୍ୟକ୍ତି କେବଳ ଅରାଜକତା ଓ ଅଶାନ୍ତିର ସ୍ୱପ୍ନ ଦେଖୁଛନ୍ତି। ଗୁରୁବାର ଅନୁଷ୍ଠିତ 'ଏନ୍‌ଡିଟିଭି ୱାର୍ଲ୍ଡ ସମିଟ୍ ୨୦୨୬'ର ପ୍ରାରମ୍ଭିକ ଦିବସରେ ମୁଖ୍ୟ ଅଭିଭାଷଣ ଦେଇ ପ୍ରଧାନମନ୍ତ୍ରୀ କଂଗ୍ରେସ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ବିରୋଧୀ ଦଳ ନେତା ରାହୁଲ



ଗାନ୍ଧୀଙ୍କ ନାମ ନନେଇ ସେ କହିଛନ୍ତି ଯେ ଏକ 'ବିଫଳ ପ୍ରଡକ୍ଟ'କୁ କେତେ ଦିନ ପର୍ଯ୍ୟନ୍ତ କଂଗ୍ରେସ ବାରମ୍ବାର ଲଞ୍ଚ୍ କରିବାକୁ ଚେଷ୍ଟା କରିବ ।ପ୍ରଧାନମନ୍ତ୍ରୀ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛନ୍ତି ଯେ କଂଗ୍ରେସର ନିଜସ୍ୱ ଚିନ୍ତାଧାରା ଶେଷ ହୋଇଯାଇଛି ଏବଂ ଦଳ ଉପରେ ବର୍ତ୍ତମାନ 'ଦିମାଗୀ ନକ୍ସଲ୍' ମାନେ ସମ୍ପୂର୍ଣ୍ଣ ଭାବେ ପ୍ରଭାବ ବିସ୍ତାର କରିଛନ୍ତି। କଂଗ୍ରେସକୁ ଏକ 'ପରଜୀବୀ' ସଂଗଠନ ଭାବେ ଅଭିହିତ କରି ସେ କହିଛନ୍ତି ଯେ ଏହି ଦଳ ଅନ୍ୟ କାହାକୁ ଆଗକୁ ବଢ଼ିବାକୁ ଦିଏନାହିଁ। କ୍ଷମତା ହରାଇବା ପରେ କଂଗ୍ରେସ ପାଇଁ ଅଙ୍ଗୁର ଏତେ ଖଟା ପାଲଟିଯାଇଛି ଯେ ସେମାନେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବସିଛନ୍ତି। ଦେଶର ସମ୍ମାନ ରକ୍ଷା କରିବା ପରିବର୍ତ୍ତେ ଏହି ଲୋକମାନେ କେବଳ ଭାରତର ପ୍ରତିଷ୍ଠା ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି ।ମୋଦୀ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ ଯେତେବେଳେ ବିଶ୍ୱ ସମ୍ମୁଖରେ ଭାରତର ଏକ ଶକ୍ତିଶାଳୀ ଚିତ୍ର ଉପସ୍ଥାପନ କରିବାର ଆବଶ୍ୟକତା ରହିଛି, ସେତେବେଳେ ଏହି ନେତାମାନେ ବିଦେଶ ମାଟିକୁ ଯାଇ ଦେଶକୁ ବଦନାମ କରୁଛନ୍ତି। ସେମାନେ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗରେ ବୈଦେଶିକ ଶକ୍ତି ଓ ବିଦେଶୀମାନଙ୍କୁ ହସ୍ତକ୍ଷେପ କରିବା ପାଇଁ ଆହ୍ୱାନ ଦେଉଛନ୍ତି, ଯାହା କଦାପି ଗ୍ରହଣୀୟ ନୁହେଁ।

## ଯନ୍ତ୍ରୀଙ୍କ ଠିକଣାରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୨୨।୧୦(ମହାଭାରତ)- ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯାଜପୁର ବଡ଼ଚଣା ଆର୍ ଆଣ୍ଡ୍ ବି ଉପଖଣ୍ଡର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତପନ ସେଠୀଙ୍କ ୭ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ଚଢ଼ାଉ କରିଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଯାଜପୁର ଜିଲ୍ଲାର ବଡ଼ଚଣାସ୍ଥିତ ଆର୍ ଆଣ୍ଡ୍ ବି ଉପଖଣ୍ଡର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଏଇ) ତପନ ସେଠୀଙ୍କ ବିଭିନ୍ନ ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଉଛି ।କଟକ ଜିଲ୍ଲାର ଚୌଦ୍ୱାରସ୍ଥିତ ଚାରବାଟିଆ ଆର୍ ଆଣ୍ଡ୍ ବି ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ କାର୍ଯ୍ୟରତ ଶ୍ରୀ ସେଠୀଙ୍କ ସମ୍ପତ୍ତି ଯାଞ୍ଚ ପାଇଁ କଟକ ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ



ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଉଛି। ଏହି ଅଭିଯାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୬ ଜଣ ଡିଏସ୍‌ପି, ୩ ଜଣ ଇନ୍ସପେକ୍ଟର ଏବଂ ଅନ୍ୟ ସହାୟକ କର୍ମଚାରୀ ସାମିଲ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ୭ଟି ସ୍ଥାନରେ ଚଢ଼ାଉ କରାଯାଉଛି। କଟକ ସିଡିଏ ସେକ୍ଟର-୭ର ପ୍ଲଟ୍ ନମ୍ବର ଏଫ୍/୭୭୯ରେ ଥିବା ତିନି ମହଲା କୋଠା, ପୁରୀ ସିଦ୍ଧମହାବୀର ଅଞ୍ଚଳରେ ଥିବା ତିନି ମହଲା କୋଠା, କଟକ ଜିଲ୍ଲା କଣ୍ଟାପଡ଼ାରେ ଥିବା ଫାର୍ମ ହାଉସ୍ ଏବଂ ଏକ ସିମ୍ପ୍ଲେକ୍ସ, ପୁରୀ ଜିଲ୍ଲା କୋଣାର୍କ ଥାନା ଅନ୍ତର୍ଗତ ତାଙ୍କ ନିଜ ଗ୍ରାମ ଝିଙ୍କିରିଆରେ ଥିବା ଦୁଇ ମହଲା ଘର, କଟକ ୪୨ ମୌଜା ଅନ୍ତର୍ଗତ ଶିବ ମନ୍ଦିର ନିକଟସ୍ଥ ବନ୍ତୁଣିଆରେ ଥିବା ତାଙ୍କ ଶ୍ୱଶୁର ଘର, ଭୁବନେଶ୍ୱର କଣ୍ଟାବାଡ଼ରେ ଥିବା ଦୁଇ ମହଲା କୋଠା, ଯାଜପୁର: ବଡ଼ଚଣାସ୍ଥିତ ଆର୍ ଆଣ୍ଡ୍ ବି ଉପଖଣ୍ଡ କାର୍ଯ୍ୟାଳୟରେ ଥିବା ଶ୍ରୀ ସେଠୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚଢ଼ାଉ କରାଯାଇଛି । ଚଢ଼ାଉ ସମୟରେ ମିଳୁଥିବା ସମ୍ପତ୍ତି, ଆର୍ଥିକ କାରବାର ଏବଂ ଅନ୍ୟାନ୍ୟ ଦସ୍ତାବିଜ୍‌ର ଯାଞ୍ଚ ପରେ ଅଧିକ ତଥ୍ୟ ଜଣାପଡ଼ିବ।

### ଇଣ୍ଡିଆ କେମ୍ ୨୦୨୬: ଖଣିରୁ କେମିକାଲ୍ ଅର୍ଥନୀତି ଆଡ଼କୁ ଓଡ଼ିଶାର ବଡ଼ ପଦକ୍ଷେପ

## ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପ

ମୁମ୍ବାଇ/ଭୁବନେଶ୍ୱର, ୨୨।୧୦(ମହାଭାରତ): ମୁମ୍ବାଇର ବମ୍ବେ ଏକ୍ସିବିସନ୍ ସେଂଟରଠାରେ 'ଇଣ୍ଡିଆ କେମ୍ ୨୦୨୬'ର ୧୪ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ତିନିଦିନିଆ ଶିଳ୍ପ ମହାକୁମ୍ଭରେ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟକୁ ଖଣିଭିତିକ ଅର୍ଥନୀତିରୁ କେମିକାଲ୍ ଓ ପେଟ୍ରୋକେମିକାଲ୍-ଭିତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର କରାଇବାର ସଂକଳ୍ପ ପ୍ରକାଶ କରିଛନ୍ତି।

୨୦୪୦ ସୁଦ୍ଧା ଭାରତର ୧ ଟ୍ରିଲିୟନ୍ ଡଲାରର କେମିକାଲ୍ ଅର୍ଥନୀତି ଲକ୍ଷ୍ୟକୁ ସାକାର କରିବାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଏବଂ ସମୃଦ୍ଧ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ଖଣିଭିତିକ ଅର୍ଥନୀତିରୁ ଏକ କେମିକାଲ୍-ଭିତିକ ଶିଳ୍ପ ଅର୍ଥନୀତି ଆଡ଼କୁ ଅଗ୍ରସର ହେବାର ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି। ରାଜ୍ୟର ଖଣିଜ ସମ୍ପଦ, ବନ୍ଦର, ଶିଳ୍ପ ଭିତିଭୂମି ଏବଂ ନୂତନ ନିବେଶ ସୁଯୋଗଗୁଡ଼ିକୁ କାମରେ ଲଗାଇ ଏହି ରୂପାନ୍ତରଣ କରାଯିବ ବୋଲି ସେ ମତ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ପାରାଦୀପ, ଗୋପାଳପୁର ଏବଂ ଧାମରା ବନ୍ଦର ମାଧ୍ୟମରେ ଓଡ଼ିଶାର ରଣନୈତିକ ସୁବିଧାଗୁଡ଼ିକୁ ଆଲୋକପାତ କରିଥିଲେ, ଯାହାକି ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ବଜାର ସହିତ ସଂଯୋଗ ସ୍ଥାପନ କରିବାରେ ସହାୟକ ହେଉଛି। ସେ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଂଟ ରିଜନ , ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ଼ର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ ଏବଂ ପାରାଦୀପର ପ୍ଲାଷ୍ଟିକ୍ ପାର୍କର ଗୁରୁତ୍ୱକୁ କହି ପଲିମର, ପ୍ୟାକେଜିଂ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ସ କ୍ଷେତ୍ରରେ ଡାଉନ୍ ଷ୍ଟ୍ରିମ୍ ସୁଯୋଗ ସୃଷ୍ଟି କରୁଛି ବୋଲି କହିଥିଲେ ।



ଗୋପାଳପୁରରେ ରେଫ୍ରିଜରେଂଟ୍ସ, ଫ୍ଲୋରୋକେମିକାଲ୍ସ, ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ତଥା ତାଳଚେର ଏବଂ ଲଖନପୁରରେ କୋଇଲା ଗ୍ୟାସୀକରଣ ଭିତିକ ପ୍ରକଳ୍ପଗୁଡ଼ିକରେ ଉତ୍ପନ୍ନ ହେଉଥିବା ନୂତନ ସୁଯୋଗଗୁଡ଼ିକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହି ବିକାଶଗୁଡ଼ିକ ଆଭ୍ୟନ୍ତରୀଣ ଉତ୍ପାଦନକୁ ଦୃଢ଼ କରିବା ଏବଂ ଭାରତର କେମିକାଲ୍ ଓ ପେଟ୍ରୋକେମିକାଲ୍ ମୂଲ୍ୟ ଶୃଙ୍ଖଳାରେ ଓଡ଼ିଶାର ଭୂମିକାକୁ ସମ୍ପ୍ରସାରିତ କରିବାରେ ସାହାଯ୍ୟ କରିବ ବୋଲି ସେ ମତପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ଅଢ଼େଇ ବର୍ଷରୁ କମ୍ ସମୟ ମଧ୍ୟରେ ପ୍ରାୟ ୨୦୦ଟି ଶିଳ୍ପ ପ୍ରତିଷ୍ଠାନ ସ୍ଥାପିତ ହୋଇଛି, ଯାହାକି ପ୍ରାୟ ୩.୫୨ ଲକ୍ଷ କୋଟି ଟଙ୍କାର ନିବେଶକୁ ପ୍ରତିନିଧିତ୍ୱ କରୁଛି। ରାଜ୍ୟରେ ୨୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ପ୍ରାପ୍ତ ହୋଇଛି, ଯେଉଁଥିରୁ ୧୨.୫୦ ଲକ୍ଷ କୋଟି ଟଙ୍କାରୁ ଅଧିକକୁ ହାଇ-ଲେଭେଲ୍ କ୍ଲିୟରାନ୍ସ ଅଥରିଟି ଅନୁମୋଦନ ପ୍ରଦାନ କରିଛନ୍ତି।

ସେ ସେପ୍ଟେମ୍ବର ୨୦୨୬ରେ ୟୁଏଇ ଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀକୁ ମଧ୍ୟ ସ୍ମରଣ କରିଥିଲେ, ଯେଉଁଠାରେ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା; ଯେଉଁଥିରେ ଆନ୍ତର୍ଜାତିକ ହୋଲ୍ଡିଂ କମ୍ପାନୀ ରୁ ପ୍ରାୟ ୨.୧୦ ଲକ୍ଷ କୋଟି ଟଙ୍କା ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରୁ ଅନେକ କେମିକାଲ୍ସ, ପେଟ୍ରୋକେମିକାଲ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସହିତ ଜଡ଼ିତ।

ରାଜ୍ୟର ଶିଳ୍ପ-ଅନୁକୂଳ ମନୋଭାବକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉପସ୍ଥାପନ କରି ଶ୍ରୀ ମାଝୀ ଓଡ଼ିଶାର ଶିଳ୍ପ ନୀତି ସହାୟତା, ଭିତିଭୂମି, ଦକ୍ଷ ଶ୍ରମଶକ୍ତି ଏବଂ ପ୍ରତିଷ୍ଠାନିକ ଇକୋସିଷ୍ଟମକୁ ପ୍ରଶଂସା କରିଥିଲେ। ଏଥିରେ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି ଏବଂ ସେଂଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ମାଧ୍ୟମରେ ମିଳୁଥିବା ସହଯୋଗ ମଧ୍ୟ ସାମିଲ ରହିଛି।

ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ଉପସ୍ଥିତ ଥିଲେ।

## ବିବାଦୀୟ କୋଟିଆରେ ନିର୍ବାଚନକୁ ନେଇ ଚେତାବନୀ

ପଟାଙ୍ଗି/କୋରାପୁଟ, ୨୨।୧୦(ମହାଭାରତ): ଆମେ ଉଭୟ ରାଜ୍ୟର ଯୋଜନା ହାତଉଛୁ। ତେଣୁ ଉଭୟ ରାଜ୍ୟର ନିର୍ବାଚନରେ ଭାଗ ନେବୁ। ଯଦି ଅଟକାଇବା ପାଇଁ ଚେଷ୍ଟା କରାଯିବ ତାହା ହେଲେ ପରିସ୍ଥିତି ଅଲଗା ହେବ। କୋଟିଆରେ ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ପ୍ରସଙ୍ଗକୁ ନେଇ ଏମିତି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଆନ୍ଧ୍ର ନିର୍ବାଚନକୁ ଭଣ୍ଡୁର କରିବାକୁ ଓଡ଼ିଶା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଯାଉଥିବା ବେଳେ କୋଟିଆବାସୀଙ୍କ ଏଭଳି ଚେତାବନୀ ଓଡ଼ିଶା ସରକାରଙ୍କୁ ଅଡ଼ଚଣରେ ପକାଇ ଦେଇଛି।

ସେପଟେ ଆନ୍ଧ୍ରକୁ ବିରୋଧ କରିବା ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନର ଅଧିକାରୀମାନେ କୋଟିଆରେ ଡେରା ପକାଇବା ଆରମ୍ଭ କରିଦେଇଛନ୍ତି। କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ବୁଧବାର କୋଟିଆରେ ରାତ୍ରିଯାପନ କରି ବିବାଦୀୟ ଗାଁଗୁଡ଼ିକ ବୁଲିଛନ୍ତି। ସୀମାନ୍ତ ନେରେଡ଼ିବାଲସା, ଉପରସେମ୍ବୀ, ତଳସେମ୍ବୀ, କୋଟିଆ, ଫଗୁଣସିନେରୀ, ଫାଟୁସିନେରୀର ଘର ଘର ବୁଲି ସରକାରୀ ଯୋଜନା ଓ ମୌଳିକ ସୁବିଧା ମିଳୁଛି କି ନାହିଁ ତାହାର ଅନୁଧ୍ୟାନ କରିଛନ୍ତି। ଉପଜିଲ୍ଲାପାଳଙ୍କ ସହ କୋଟିଆ ସ୍ୱତନ୍ତ୍ର ଅଧିକାରୀ (ଓଏସ୍‌ଡି) ସୌରଭ ଦାସ, ପଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ବିଡିଓ ରାମକୃଷ୍ଣ ନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରାଉତ, ସିଡିପିଓ ମିନତିବାଳା ପଟ୍ଟନାୟକ, କୋରାପୁଟ ଏସ୍‌ଡିପିଓ, କୋଟିଆ ଥାନା ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଦାଖଲ ନେଇ ସମୟ ଧାର୍ଯ୍ୟ କରିଛି ଆନ୍ଧ୍ର। ନଭେମ୍ବର ୩ରେ ମତଦାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବୁଧବାର କୋଟିଆର ୱାଇଏସ୍‌ଆର୍ ଓ ଟିଡିପି ପକ୍ଷରୁ ୨ ଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗଞ୍ଜେଇପଦରର ୨ ଜଣ ଏମ୍‌ପିଟିସି (ସମିତିସଭ୍ୟ) ପଦବି ପାଇଁ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ନେତା ମଧ୍ୟ କୋଟିଆରେ ଆନ୍ଧ୍ରକୁ ବିରୋଧ କରିବା ପାଇଁ ଅଣ୍ଟା ଭିଡ଼ିଲେଣି। ଫଳରେ କୋଟିଆ ରାଜନୀତି ସରଗରମ ହେବାରେ ଲାଗିଛି।

## କାରରୁ ବିସ୍ଫୋରକ ଏବଂ ନିଷିଦ୍ଧ ରାସାୟନିକ ପଦାର୍ଥ ଉଦ୍ଧାର

କୋଲକାତା,,୨୨।୧୦(ମହାଭାରତ): ପଶ୍ଚିମବଙ୍ଗର ଉତ୍ତର ୨୪ ପରଗନା ଜିଲ୍ଲା ଦତ୍ତପୁକୁରରେ ଏକ କାରରୁ ବିପୁଳ ପରିମାଣର ବିସ୍ଫୋରକ ଏବଂ କିଛି ନିଷିଦ୍ଧ ରାସାୟନିକ ପଦାର୍ଥ ଉଦ୍ଧାର ହେବା ଘଟଣା ଚାଂଚଲ୍ୟ ସୃଷ୍ଟି କରିଛି। ବୁଧବାର ରାତିରେ ଏହି ଘଟଣା ପରେ, ପୋଲିସ, ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ), ଜାତୀୟ ସୁରକ୍ଷା ଗାର୍ଡ (ଏନଏସଜି) ଏବଂ ଫୋରେନସିକ୍ ଦଳ ସହିତ ମିଶି ଅଂଚଳରେ ଏକ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛି। ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହି ବିସ୍ଫୋରକଗୁଡ଼ିକୁ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ରରେ ବ୍ୟବହାର କରିବା ପାଇଁ ଉଦ୍ଦିଷ୍ଟ କି ନାହିଁ ତାହା ନିକଟରୁ ତଦନ୍ତ କରୁଛନ୍ତି।

## ଯମୁନା ନଦୀର ପୁନରୁଦ୍ଧାର ପାଇଁ ୮,୯୪୧ କୋଟି ଟଙ୍କାର ବିକାଶ ପ୍ରକଳ୍ପ

ନୂଆଦିଲ୍ଲୀ,,୨୨।୧୦(ମହାଭାରତ): :କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଯମୁନା ନଦୀର ପୁନରୁଦ୍ଧାର ପାଇଁ ଦିଲ୍ଲୀ ଜଳ ବୋର୍ଡ (ଡିଜେବି)ର ୪୩ଟି ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଶ୍ୟାମ ବିହାରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରିଥିଲେ। ଏହି ସମସ୍ତ ପ୍ରକଳ୍ପର ମୋଟ ବ୍ୟୟ ଅଟକଳ ୮,୯୪୧ କୋଟି ଟଙ୍କା। ଏଥିରେ ୨,୮୨୭.୧୧ କୋଟି ଟଙ୍କା ବ୍ୟୟରେ ୧୦ଟି ପ୍ରକଳ୍ପର ଉଦ୍ଘାଟନ ଏବଂ ୬,୧୧୪.୧୧ କୋଟି ଟଙ୍କା ବ୍ୟୟରେ ୩୩ଟି ପ୍ରକଳ୍ପର ଶିଳାନ୍ୟାସ ସାମିଲ ରହିଛି।ଅମିତ ଶାହ କହିଛନ୍ତି ଯେ, ଯମୁନା ନଦୀକୁ ନିର୍ମଳ କରିବା ପରେ ୨୦୨୯ରେ ସେମାନେ ଭୋଟ ମାଗିବାକୁ ଆସିବେ। କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି (ଆପ୍) ଗତ ୩୦ ବର୍ଷ ଧରି ଯମୁନା ନଦୀରେ ନର୍ଦ୍ଦମା ଜଳ ଓ ଗୋବର ଛାଡ଼ିବା କାମ କରିଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଯମୁନାକୁ ପ୍ରଦୂଷଣମୁକ୍ତ କରିବା ଉଦ୍ଦେଶ୍ୟରେ ଆଜି ପ୍ରାୟ ୯,୦୦୦ କୋଟି ଟଙ୍କାର ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ ଓ ଶିଳାନ୍ୟାସ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଯମୁନା ନଦୀର ସ୍ୱଚ୍ଛତା ପାଇଁ ମେରୁଦଣ୍ଡ ଭଳି କାର୍ଯ୍ୟ କରିବ ବୋଲି ସେ କହିଥିଲେ।

## ଗ୍ରାମାଂଚଳରେ ଦୁର୍ଘଟଣାପ୍ରବଣ ବ୍ଲାକସ୍ପଟ୍ ଚିହ୍ନଟ ପାଇଁ ରାଜ୍ୟ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୦(ମହାଭାରତ) :ସଡ଼କ ଦୁର୍ଘଟଣା ଓ ପଦଚାରୀଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ରାଜ୍ୟ ସରକାର ଏବେ ସମସ୍ତ ପ୍ରକାରର ଗ୍ରାମୀଣ ରାସ୍ତାରେ ଦୁର୍ଘଟଣାପ୍ରବଣ ବ୍ଲାକସ୍ପଷ୍ଟ ଚିହ୍ନଟ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଫିଲ୍ଡସ୍ତରୀୟ ଯାଂଚ ଓ ଓ ବ୍ଲାକସ୍ପଟ୍ ଚିହ୍ନଟ ପ୍ରକ୍ରିୟାକୁ ଜୋରଦାର କରିବା ଓ ଦୁର୍ଘଟଣା ଏଡ଼ାଇବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ପକ୍ଷରୁ ସମ୍ବିଧାନର ଧାରା ୧୯ ଓ ୨୧ ଅଧୀନରେ ଫୁଟପାଥ୍ ଓ ସୁରକ୍ଷିତ ରାସ୍ତାରେ ଚାଲିବାର ଅଧିକାରକୁ ଏକ ମୌଳିକ ଅଧିକାର ଭାବେ ଅଭିହିତ କରାଯିବା ସହ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ରାସ୍ତା ଓ ଅନ୍ୟାନ୍ୟ ଗ୍ରାମୀଣ ରାସ୍ତାରେ ଥିବା ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ତୁରନ୍ତ ଠିକ୍ କରିବାକୁ କୁହାଯାଇଛି।

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଦିତି ସିଂହ ଓଡ଼ିଶା ସରକାରଙ୍କୁ ଚିଠି ଲେଖି ତୁରନ୍ତ ପରିବହନ କମିଶନର ଓ ସମ୍ପୃକ୍ତ ବିଭାଗ ସହିତ ବୈଠକ କରି ଜିଲ୍ଲାସ୍ତରୀୟ ତଥ୍ୟ ଆଧାରରେ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଓ ଅକ୍ଟୋବର ୩୦ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ତାଗିଦ୍ ଓ କେନ୍ଦ୍ର ସରକାରଙ୍କ ଚିଠି ପରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ସବୁ ଜିଲ୍ଲା ଅଫିସକୁ ଚିଠି ଲେଖି ଆକ୍ସନଟେକେନ ରିପୋର୍ଟ ମାଗିଥିବା ଜଣାପଡ଼ିଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ , ୨୦୨୩ ମସିହାରେ ଦେଶରେ ସଡ଼କ ଦୁର୍ଘଟଣାରେ ୩୫୨୨୧ ଜଣ ପଦଚାରୀ ପ୍ରାଣ ହରାଇଥିବାବେଳେ ୨୦୨୪ରେ ଏହି ସଂଖ୍ୟା ୩.୭ ପ୍ରତିଶତ ବୃଦ୍ଧି ପାଇ ୩୬୫୨୬ରେ ପହଂଚିଛି। ଉପଯୁକ୍ତ ରାସ୍ତା ଡିଜାଇନ, ରକ୍ଷଣାବେକ୍ଷଣ ଓ ଟ୍ରାଫିକ୍ ନିୟମ ପାଳନରେ ତ୍ରୁଟି ଯୋଗୁଁ ଏଭଳି ଅମୂଲ୍ୟ ଜୀବନ ଯାଉଥିବା କମିଟି ଦର୍ଶାଇଛି। ଯଦି କୌଣସି ସ୍ଥାନରେ ରାସ୍ତା ନିର୍ମାଣ ହେଉଛି, ତେବେ ସେଠାରେ ସୁରକ୍ଷିତ ଫୁଟପାଥ ଯୋଗାଇଦେବା ପ୍ରଶାସନର ସାମ୍ବିଧାନିକ ଦାୟିତ୍ୱ ବୋଲି ସ୍ପଷ୍ଟ କରାଯାଇଛି। ସଡ଼କ ଦୁର୍ଘଟଣାରେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ କମିଟିର ଅଧ୍ୟକ୍ଷ ଜଷ୍ଟିସ ଅଭୟ ମନୋହର ସାପ୍ରେଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ସୁରକ୍ଷିତ ପଦଚାରୀ ଭିତିଭୂମି ଯୋଗାଇବା ସରକାରଙ୍କ ସାମ୍ବିଧାନିକ ଦାୟିତ୍ୱ ବୋଲି ସ୍ପଷ୍ଟ କରିଦିଆଯାଇଥିଲା।

## ତିବ୍ବତରେ ୭.୦ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ, ୨୨।୧୦(ମହାଭାରତ) ଗୁରୁବାର ତିବ୍ବତରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୦ ଥିବା ଜଣାପଡିଛି । ତେବେ କ୍ଷୟକ୍ଷତିର ଖବର ଏଯାଏ ହସ୍ତଗତ ହୋଇପାରିନାହିଁ । କିନ୍ତୁ ଏହଦ୍ୱାରା ହିମାଳୟ ପାର୍ବତୀୟ ଅଞ୍ଚଳର ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିବା ଆଶଙ୍କା ପ୍ରକାଶ ପାଇଛି । ବିଶେଷ କରି ଏହା ଏକ ବରଫାବୃତ୍ତ ଅଞ୍ଚଳ ହୋଇଥିବାରୁ ହୀମସ୍ଖଳନ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୨୧ ତାରିଖରେ ନେପାଳ-ତିବ୍ବତ ସୀମାରେ ଏପରି ହୀମସ୍ଖଳନ ଯୋଗୁ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ଘରଦ୍ୱାର ମାଟିରେ ମିଶିଯାଇଥିଲା ।

## ଚକୋଲେଟ ସନ୍ଦେଶ

ପ୍ରାୟ ଲୋକଙ୍କୁ ମିଠା ଖାଇବା ଭଲ ଲାଗିଥାଏ । ଏଥିପାଇଁ ସେମାନେ ବଜାରରୁ ମିଠା ଆଣି ଫ୍ରିଜରେ ରଖିଥାନ୍ତି । କିନ୍ତୁ ଏବେର ଅପମିଶ୍ରଣଯୁକ୍ତ ମିଠା ଖାଇବା ଠାରୁ ଭଲ ଘରେ ପ୍ରସ୍ତୁତ କରି ଖାଇବା। ଏଥିପାଇଁ ଆଜି ଆମେ ଆପଣଙ୍କୁ ଚକୋଲେଟ ସନ୍ଦେଶ କିପରି ପ୍ରସ୍ତୁତ କରାଯାଏ ସେ ବିଷୟରେ ଜଣାଇବୁ । ଆବଶ୍ୟକ ସାମଗ୍ରୀ: ଫ୍ରେସ ପନୀର ୧କପ,ଚିନି ୧ଟେବୁଲ ଚାମଚ,କୋକୋ ପାଉଡ଼ର ୧ଟେବୁଲ ଚାମଚ,ଭାନିଲା ଏସେନ୍ସ ୧/୨ ଟେବୁଲ ଚାମଚ,ଡ୍ରାଏଫ୍ରୁଟସ ୨ଟେବୁଲ ଚାମଚ,ଘିଅ ୧ଚାମଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନିଅନ୍ତୁ । ସେଥିରେ କିଛି ପନୀର ଏବଂ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏହା ପରେ ଏଥିରେ କୋକୋ ପାଉଡ଼ର ଏବଂ ଭାନିଲା ଆସେନ୍ସ ପକାଇ ନରମ ହେବା ପର୍ଯ୍ୟନ୍ତ ଫେଣ୍ଟନ୍ତୁ । ଏହା ପରେ ମିକ୍ସଚରକୁ ୮ସମାନ ଭାଗରେ ବାଣ୍ଟି ଦିଅନ୍ତୁ ଏବଂ ହାତରେ ଅଳ୍ପ ଘିଅ ଲଗାଇ ଗୋଟେ ଗୋଟେ ଭାଗ ନେଇ ଗୋଲ ଗୋଲ କରି ଦବାନ୍ତୁ ଏବଂ ଏହା ଉପରେ କିଛି ଡ୍ରାଏ ଫ୍ରୁଟସ ରଖନ୍ତୁ । ଏହା ପରେ ଏହାକୁ ଅତି କମରେ ୩୦ମିନିଟ ପର୍ଯ୍ୟନ୍ତ ଫ୍ରିଜରେ ସେଟ ହେବା ପାଇଁ ରଖିଦିଅନ୍ତୁ। ଏହା ପରେ ଏହାକୁ ବାହାର କରନ୍ତୁ ଏବଂ ଖାଇବାକୁ ଦିଅନ୍ତୁ ।



### ଖବର

## ଆରମ୍ଭ ହେଲା ରାଇଦାମୋଦର ବ୍ରତ



ଆଶ୍ୱିନ ଶୁକ୍ଳ ପାପାଙ୍କୁଶା ଏକାଦଶୀରେ ଶ୍ରୀବିଗ୍ରହ 'ରାଧା-ଦାମୋଦର' ବା ରାଇଦମୋଦର ବା ରାଧାକୃଷ୍ଣ ବେଶରେ ଦର୍ଶନ ଦେଇଛନ୍ତି। ଏହି ବେଶରେ ପ୍ରଭୁ ଶ୍ରରଜଗନ୍ନାଥ କାର୍ତିକ ଶୁକ୍ଳ ଦଶମୀ ଯାଏଁ ଭକ୍ତଙ୍କୁ ଦର୍ଶନ ଦେବେ। ଏହା ସହ ଓଡ଼ିଶାର ପୁରପଲ୍ଲୀରେ ରାଇ ଦାମୋଦର ବ୍ରତ ଆରମ୍ଭ ହୋଇଛି। ରତ୍ନ ସିଂହାସନରେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମଙ୍କର 'ରାଧା ଦାମୋଦର' ବେଶ କରାଯାଇଛି। ତ୍ରିକଚ୍ଛ ବସ୍ତ୍ର ସହ ଅଣ୍ଟାରେ ସୁନା ଦଉଡ଼ି ତଥା ଅଣ୍ଟା ପଟି ଶୋଭା ପାଇଛି। ହାତରେ ସୁବର୍ଣ୍ଣର ନଳୀ ଭୁଜା, ତ୍ରିମୁଣ୍ଡି ଉପରେ ବାଉଁଶ ପାଡିଆ, କନା ନିର୍ମିତ ଚୂଳ ଏବଂ ଚୂଳ ଅଗ୍ରଭାଗରେ ଚନ୍ଦ୍ରିକା ଶୋଭା ପାଇଛି। କାନରେ କୁଣ୍ଡଳ, ଶ୍ରୀମୁଖରେ ତିଳକ ଧାରଣ କରିଛନ୍ତି। ଆଜି ଭୋର ୬ଟାରେ ଦ୍ୱାର ଫିଟା ହେବା ପରେ ଭିତରଶୋଧ, ମଙ୍ଗଳ ଆଳତି, ଅବକାଶ ପୂଜା, ମଇଲମ ଓ ରୋଷ ହୋମ ପରେ ସକାଳ ୯ଟା ୨୦ରେ ରାଧା ଦାମୋଦର ବେଶ କରାଯାଇଥିଲା। ବେଶ ଶେଷ ହେବା ପରେ ଭକ୍ତ ମହାପ୍ରଭୁଙ୍କ ଦୁର୍ଲଭ ବେଶ ଦର୍ଶନ କରିଥିଲେ। ଏହି ଅବସରରେ ମହାପ୍ରଭୁଙ୍କ ନିକଟରେ ବାଲଧୂପ ହୋଇଥିଲା। ମହାପ୍ରଭୁଙ୍କ କାର୍ତ୍ତିକ ନୀତିକାନ୍ତିରେ ବିଶୃଙ୍ଖଳା: ଆଜି ବି ରାଧାଦାମୋଦର ବେଶ, ବାଲଧୂପ ୩ ଘଣ୍ଟା ବିଳମ୍ବ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ଭାସ୍କର ମିଶ୍ରଙ୍କ ତଥ୍ୟ ମୁତାବକ, ଶ୍ରୀଜଗନ୍ନାଥ ଓ ଭଗବାନ ବିଷ୍ଣୁଙ୍କର କାର୍ତିକ ମାସର ନାମ ହେଉଛି 'ଦାମୋଦର'। ଦ୍ୱାପର ଯୁଗ ସହ ଏହାର ସମ୍ପର୍କ ରହିଛି। କୁବେରଙ୍କ ପୁତ୍ର ନଳକୂବର ଓ ମଣିଗ୍ରୀବ ଧନ ମୋହରେ ଅନ୍ଧ ହୋଇ ସ୍ୱକର୍ତ୍ତବ୍ୟ ଭୁଲିଯାଇଥିଲେ। ତେଣୁ ନାରଦଙ୍କ ଅଭିଶାପ ପାଇଁ ଦୁହେଁ ଯାମଳ ଅର୍ଜୁନ ବୃକ୍ଷରେ ରୂପାନ୍ତର ହୋଇ ଗୋପପୁରରେ ରହିଥିଲେ। ଏକଦା ଦୁଷ୍ଟାମୀ ଯୋଗୁଁ ବାଳ ଶ୍ରୀକୃଷ୍ଣଙ୍କୁ ଅଣ୍ଟାରେ ଯଶୋଦା ଦଉଡ଼ି ବାନ୍ଧି, ସେଇ ଦଉଡ଼ିକୁ ଏକ ଢିଙ୍କି ସହ ବାନ୍ଧି ଦେଇଥିଲେ। ବୃକ୍ଷ ଦୁଇଟି ସେଇ ନିକଟରେ ଥିବାରୁ ଶ୍ରୀକୃଷ୍ଣ ସେଇ ଦୁଇ ବୃକ୍ଷ ମଝିରେ ଗଳି ଚାଲିଯିବାରୁ ଢିଙ୍କିଟି ଦୁଇ ଅର୍ଜୁନ ବୃକ୍ଷରେ ଲାଗି ଯାଇ ଉପୁଡ଼ି ପଡ଼ିଥିଲା। ଅଣ୍ଟା ବା ଉଦରରେ 'ଦାମ' ବନ୍ଧା ହୋଇଥିବାରୁ ଶ୍ରୀକୃଷ୍ଣ ଦାମୋଦର ରୂପେ ଅଭିହିତ ହେଲେ। ଡ.ମିଶ୍ର ଭକ୍ତଚରଣ ଦାସଙ୍କ 'ମଥୁରା ମଙ୍ଗଳ' ଓ ଅନ୍ୟ କେତେକ କାବ୍ୟକୁ ଉଦ୍ଧାର ପୂର୍ବକ ଉଲ୍ଲେଖ କରିଛନ୍ତି, ସମ୍ଭବତଃ ଶ୍ରୀରାଧାଙ୍କର ପ୍ରିୟ ବେଶ ହୋଇଥିବାରୁ ଏହାର ନାମ ରାଧା ଦାମୋଦର ବେଶ କରାଯାଇଛି। ଏହି ମାସରେ ମହିଳାମାନେ କରୁଥିବା 'ରାଇ ଦାମୋଦର' ବ୍ରତରେ ଦାମୋଦରଙ୍କ ସହିତ ରାଧା ତଥା ରାଇଙ୍କୁ ଏକତ୍ର ପୂଜା କରାଯାଇଥାଏ। ସେବାୟତ କୂଳର କିଛି ମା'ମାନେ ବ୍ରତକୁ ଦୃଢ଼ ନିଷ୍ଠାର ସହକାରେ ପାଳନ କରିଥାନ୍ତି।

## ପାରଦ ଲକ୍ଷ୍ମୀ ମୂର୍ତ୍ତି

ମାତା ଲକ୍ଷ୍ମୀଙ୍କୁ ସୁଖ ଏବଂ ଐଶ୍ୱର୍ଯ୍ୟର ଦେବୀ କୁହାଯାଇଥାଏ । ଲକ୍ଷ୍ମୀ ଉପାସନା ଦ୍ୱାରା ଭକ୍ତର ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଥାଏ । ବିଶେଷ କରି ପାରଦ ନିର୍ମିତ ଲକ୍ଷ୍ମୀ ମୂର୍ତ୍ତି ଉପାସନା ଦ୍ୱାରା ଅପାର ଖୁସି ପ୍ରାପ୍ତି ହୋଇଥାଏ । ବ୍ୟବସାୟରେ ଆର୍ଥିକ ସମସ୍ୟା ଦୂର ହୋଇଥାଏ । ଜୀବନରେ କୌଣସି ସମୟରେ ଆର୍ଥିକ ସମସ୍ୟା ଦେଖାଦେଲେ ଶୁକ୍ରବାର ଦିନ ପାରଦରେ ନିର୍ମିତ ବିଷ୍ଣୁପତ୍ନୀ ଦେବୀ ଲକ୍ଷ୍ମୀଙ୍କ ଉପାସନା କରାଯାଇପାରିବ । ଘରେ ପାରଦ ନିର୍ମିତ ଲକ୍ଷ୍ମୀ ମୂର୍ତ୍ତି ସ୍ଥାପନ କରି ପୂଜା କରିବା ସହ ଏକ ବିଶେଷ ମନ୍ତ୍ର ଉଚ୍ଚାରଣ କଲେ ସମସ୍ତ ପ୍ରକାରର ସମସ୍ୟା ଦୂର ହୋଇପାରିବ । ଏହି ପୂଜା ପାଇଁ ନିମ୍ନୋକ୍ତ ଉପାୟ ଅବଲମ୍ବନ କରିବା ଆବଶ୍ୟକ । ସନ୍ଧ୍ୟାରେ ସ୍ନାନ କରିବା ପରେ ଦେବୀ ଲକ୍ଷ୍ମୀଙ୍କ ପାରଦ ପ୍ରତିମାରେ ଲାଲ ଚନ୍ଦନ, ଅକ୍ଷତ, ଲାଲ ବସ୍ତ୍ର ଏବଂ କ୍ଷୀରରେ ପ୍ରସ୍ତୁତ ଭୋଗ ଅର୍ପଣ କରିବା ଉଚିତ। ବିଶେଷକରି ୧୦୮ଟି ଲାଲ୍ ରଙ୍ଗର ଫୁଲ ଚଢ଼ାଇ 'ଓଁ ଶ୍ରୀ ବିଘ୍ନହରାୟ ପାରଦେଶ୍ୱରୀ ମହାଲକ୍ଷ୍ମୈ ନମଃ' ମନ୍ତ୍ର ଉଚ୍ଚାରଣ କରିବା ଦ୍ୱାରା ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ସୁଖ-ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।



## ଜୀମୂତବାହନ ମିତ୍ରାବସୁ

ହାଧନ ବିଦ୍ୟାଧରଙ୍କ କନ୍ୟାକୁ ବଧୂ ରୂପରେ ପାଇ ଅତ୍ୟନ୍ତ ଆନନ୍ଦ ହେଲେ । ପୁଳିନ୍ଦକଙ୍କର ବନ୍ଧୁ ପ୍ରୀତି ଓ ଚରିତ୍ରବତ୍ତା ସମଗ୍ର ରାଜ୍ୟରେ ପ୍ରଶଂସିତ ହେବାକୁ ଲାଗିଲା। ମହାଧନଙ୍କ ଅନୁରୋଧ କ୍ରମେ ବଲ୍ଲଭୀର ରାଜା ସମଗ୍ର ଅରଣ୍ୟ ରାଜ୍ୟ ପୁଳିନ୍ଦକଙ୍କୁ ପ୍ରଦାନ କଲେ । ବସୁଦତ୍ତ ଏହା ପରଠାରୁ ମନୋହରୀଣି ପଦ୍ମ ଓ ଅଭିନ୍ନ ହୃଦୟ ମିତ୍ରଙ୍କ ସହିତ ଆନନ୍ଦରେ ବାସ କରିବାକୁ ଲାଗିଲେ । ବସୁଦତ୍ତଙ୍କ ପତ୍ନୀଙ୍କ ନାମ ମେନୋବତୀ ଥିଲା । ସେହି ମେନୋବତୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା । ମହାଧନ ନାତିର ନାମକରଣ କଲେ ହିରଣ୍ୟଦତ୍ତ। ।



ମହାଧନ ଜୀବନରେ ଅନ୍ତିମ ଫଳ ଲାଭକଲେ ବୋଲି ଭାବି ଶରୀର ତ୍ୟାଗ କରିବା ନିମନ୍ତେ ଗଙ୍ଗାତଟକୁ ଚାଲିଗଲେ । ପିତୃ ଶୋକରେ ଅଧୀର ହେଲେ ବସୁଦତ୍ତ। । ଶେଷରେ ପୁଳିନ୍ଦକ ଆସି ଆଶ୍ୱସ୍ତ କରାଇଲେ । ଏହାପରେ ଜୀମୂତବାହନ ମିତ୍ରାବସୁଙ୍କୁ କହିଲେ, ମୋର ଶିବ ଶିଙ୍କରଙ୍କ ଅଭିଶାପ ମନରେ ଉଦିତ ହେଲା । ବସୁଦତ୍ତ ପୁତ୍ରର ବୟୋପ୍ରାପ୍ତ ଦେଖି ତାକୁ ବିବାହ କରାଇ ପତ୍ନୀ ଓ ମିତ୍ରଙ୍କୁ ନେଇ କାଳଞ୍ଜର ପର୍ବତକୁ ଗମନ କଲି । ସେହି ପର୍ବତ ଉପରେ ପତ୍ନୀ ଓ ମିତ୍ରଙ୍କୁ ଶିବଙ୍କର ଅଭିଶାପ ବିଷୟ କହିଲି। । ଶିବ ମନ୍ଦିରକୁ ଯାଇ ତୁମ୍ଭଙ୍କୁ ମିତ୍ର ରୂପେ ଓ ମେନୋବତୀଙ୍କୁ ପତ୍ନୀ ରୂପରେ ପରଜନ୍ମରେ ଯେପରି ପାଇବି ବୋଲି ପ୍ରାର୍ଥନା କଲି । ପ୍ରଭୁ ଶିବଶଙ୍କର ଦୟା କଲେ। ସେହି ଗୌରିପତିଙ୍କ ସ୍ମରଣ କରି ଗିରିଶିଖରୁ ଲମ୍ଫ ପ୍ରଦାନ ପୂର୍ବକ ପ୍ରାଣତ୍ୟାଗ କଲି । ମୁଁ ସେହି ଜାତିସ୍ମର ବସୁଦତ୍ତ। କଳ୍ପବୃକ୍ଷଙ୍କ ଦୟାରୁ ରାଜକୂଳରେ ଜୀମୂତବାହନ ରୂପରେ ଜନ୍ମଗ୍ରହଣ କରିଛି। ।ତୁମେ ସେହି ମିତ୍ର ପୁଳିନ୍ଦକ ଓ ତୁମ ଭଗିନୀ ମଳୟବତୀ ହେଉଛନ୍ତି ମେନୋବତୀ। ତେଣୁ ହେ ମିତ୍ର ତୁମ୍ଭେ ମୋର ପିତା-ମାତାଙ୍କୁ ଜଣାଅ ସେମାନେ ଅନୁମତି ପ୍ରଦାନ କଲେ ତୁମ୍ଭର ଅଭିଷ୍ଟ ପୂରଣ ହେବ। ଜୀମୂତବାହାନଙ୍କ ନିକଟରୁ ଏପରି ଶ୍ରବଣ କରି ମିତ୍ରାବସୁ ନିଜ ପିତା-ମାତାଙ୍କୁ ଜଣାଇଲେ । ମିତ୍ରାବସୁଙ୍କୁ ସାଦରେ ଆଦେଶ ପ୍ରଦାନ କଲେ ତା'ପରେ ମିତ୍ରାବସୁ ଜୀମୂତକେତୁ ଓ ତାଙ୍କ ପତ୍ନୀଙ୍କୁ ଜୀମୂତବାହନ ଓ ଭଗିନୀ ମଳୟବତୀଙ୍କର ବିବାହ ସମ୍ବନ୍ଧ କରିବାକୁ ଅନୁମତି ଲୋଡ଼ିଲେ।

## ଯୁଧିଷ୍ଠିରଙ୍କ ଜୀବନ ଭିକ୍ଷା



ଏକଦା ପାଣ୍ଡବ ଜଙ୍ଗଲ ମଧ୍ୟରେ ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିର ଟିକେ ପଛରେ ରହି ଯାଇଥିଲେ। ଆଗକୁ ଆସି ଦେଖନ୍ତି ତ ଏକ ସରୋବର ନିକଟରେ ତାଙ୍କର ୪ ଜଣ କନିଷ୍ଠ ଭ୍ରାତା ଭୀମ, ଅର୍ଜୁନ, ନକୁଳ ଓ ସହଦେବ ମୃତ ଅବସ୍ଥାରେ ପଡ଼ି ରହିଛନ୍ତି। ସରୋବରଟି ଥିଲା ଯକ୍ଷଙ୍କର। ଯେତେବେଳେ ଯୁଧିଷ୍ଠିରଙ୍କ ୪ ସାନ ଭାଇ ଆସି ସେଠାରୁ ପାଣି ପିଇବାକୁ କହିଥିଲେ ଯକ୍ଷ ତାଙ୍କୁ ବାରଣ କରିଥିଲେ। ଯିଏ ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇପାରିବ ସିଏ ହିଁ ପାଣି ପିଇପାରିବ ବୋଲି ଯକ୍ଷ ସର୍ତ୍ତ ରଖିଥିଲେ। ମାତ୍ର ତାଙ୍କ କଥା କେହି ନ ମାନି ଜୋରଜବରଦସ୍ତ ପାଣି ପିଇବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଏକଥା ଯୁଧିଷ୍ଠିର ଜାଣିବା ପରେ ଯକ୍ଷଙ୍କୁ ତାଙ୍କ ଭାଇମାନଙ୍କ ଜୀବନ ଭିକ୍ଷା ମାଗିଥିଲେ। ଯକ୍ଷ ପ୍ରତିବଦଳରେ କେତୋଟି ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। ଯକ୍ଷଙ୍କର ଗୋଟାଏ ପରେ ଗୋଟାଏ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଇଥିଲେ ଯୁଧିଷ୍ଠିର। ଖୁସି ହୋଇ ଯକ୍ଷ କହିଲେ କି ମୁଁ ତୁମର ସମସ୍ତ ଭାଇଙ୍କ ଜୀବନ ତ ବଞ୍ଚାଇ ପାରିବି ନାହିଁ, ମାତ୍ର ତୁମେ ତୁମର ଯେକୌଣସି ଜଣେ ଭାଇଙ୍କୁ ଜୀବିତ ଦେଖିପାରିବ। ତୁମେ ଯାହାଙ୍କ ନାମ ନେବ ମୁଁ ତାଙ୍କୁ ବଞ୍ଚାଇ ଦେବି ବୋଲି ଯକ୍ଷ କହିଥିଲେ। ଯକ୍ଷ ପ୍ରଶ୍ନ କଲେ, "କୁହ ଯୁଧିଷ୍ଠିର କିଏ ଏମାନଙ୍କ ମଧ୍ୟରୁ ତୁମର ପ୍ରିୟ ଭାଇ ତୁମେ କାହା ଜୀବନ ଚାହଁ।' ଯୁଧିଷ୍ଠିର ଅତି ବିନମ୍ରତାର ସହ ଉତ୍ତର ଦେଲେ, "ମୋର ସମସ୍ତ ଭାଇ ପ୍ରିୟ ଅଟନ୍ତି। ମୁଁ ଜଣକ ନାମ ନେଇ ଅନ୍ୟ ୩ ଜଣଙ୍କୁ ଅସମ୍ମାନ କରିପାରିବି ନାହିଁ। ମାତ୍ର ଯଦି ଜୀବନର କଥା ହୁଏ ତେବେ ମୁଁ ନକୁଳଙ୍କ ଜୀବନ ଚାହେଁ।' ଯକ୍ଷ ଆଶ୍ଚର୍ଯ୍ୟ ହୋଇ କାହିଁକି ବୋଲି ପ୍ରଶ୍ନ କରିବାରୁ ଯୁଧିଷ୍ଠିର କହିଥିଲେ, "ମାଆ କୁନ୍ତୀଙ୍କର ଆମେ ୩ ପୁତ୍ର ଯୁଧିଷ୍ଠିର, ଭୀମ ଓ ଅର୍ଜୁନ। ମାତ୍ର ମାଆ ମାଦ୍ରିଙ୍କର ୨ ପୁତ୍ର ନକୁଳ ଓ ସହଦେବ। ମୁଁ ଜୀବିତ ଅଛି ଯେହେତୁ ମାଆ କୁନ୍ତୀଙ୍କ କୋଳ ଖାଲି ହେବ ନାହିଁ। ମୁଁ ଭୀମ କିମ୍ବା ଅର୍ଜୁନଙ୍କୁ ବଞ୍ଚାଇବାକୁ ଚାହିଁଲେ ମାଆ ମାଦ୍ରିଙ୍କ ପ୍ରତି ଅନ୍ୟାୟ ହେବ। ତାଙ୍କ କୋଳ ଖାଲି ନହେବା ପାଇଁ ତାଙ୍କର ଜ୍ୟେଷ୍ଠ ପୁତ୍ର ନକୁଳର ଜୀବନ ଦାନ ଦିଅନ୍ତୁ।' ଯୁଧିଷ୍ଠିରଙ୍କ କଥାରେ ଖୁସି ହୋଇ ଯକ୍ଷ ସମସ୍ତଙ୍କ ଜୀବନ ଫେରାଇ ଦେଇଥିଲେ।

## ଶରୀର ପାଇଁ ଲାଭଦାୟକ ହୋଇଥାଏ କିୱି

ଗ୍ରୀଷ୍ମ ଋତୁରେ ଖାଇବା-ପିଇବାର ବିଶେଷ ଧ୍ୟାନ ରଖିବା ଉଚିତ। ଯାହାଦ୍ୱାରା ଡିହାଇଡ୍ରେସନ୍ କିମ୍ବା ଅନ୍ୟାନ ରୋଗକୁ ରୋକାଯାଇ ପାରିବ । ସେଥିଲାଗି ପ୍ରତ୍ୟେକ ଦିନ



ଖାଦ୍ୟରେ କିୱି ସାମିଲ୍ କରିବା ବେଷ୍ଟ ଅପସନ୍ ହେବ। ଏଥିରେ ଭିଟାମିନ୍ ସି ଏବଂ ଇ, ପୋଟାସିୟମ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇମ୍ଫଲିମେଣ୍ଟ□ରି ଏବଂ ଔଷଧୀୟ ଗୁଣ ରହିଥାଏ । ତେଣୁ ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇବା ଲାଭଦାୟକ ହୋଇଥାଏ। ତେବେ ଚାଲନ୍ତୁ ଜାଣିବା ଏହାର ଅନ୍ୟ ଫାଇଦା ବିଷୟରେ.

ଡେଙ୍ଗୁରୁ ମୁକ୍ତି ଦେଇଥାଏ :ଡେଙ୍ଗୁ ରୋଗୀ କିୱି ଖାଇବା ଦ୍ୱାରା ଶୀଘ୍ର ଆରୋଗ୍ୟ ହୋଇଥାନ୍ତି। ଏହାବ୍ୟତୀତ ରକ୍ତରେ କମୁଥିବା ପ୍ଲେଟଲେଟସ୍‌କୁ ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ।

ବ୍ଲଡ୍ ପ୍ରେସର୍ କଣ୍ଟ୍ରୋଲ୍ କରିଥାଏ :ବିଶେଷଜ୍ଞଙ୍କ ଅନୁଯାୟୀ, ଲଗାତାର ୮ ସପ୍ତାହ କିୱି ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପର ସମସ୍ୟା ଦୂର ହୋଇଥାଏ। ହୃତପିଣ୍ଡ ଭଲଭାବରେ କାମ କରିଥାଏ । ଏଥିସହ ଜଡିତ ସମସ୍ୟା ମଧ୍ୟ ଦୂର ହୋଇଥାଏ।

।ହାଟ୍‌ଆଟାକ୍ ଆଶଂକା ଦୂର କରିଥାଏ :ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇବା ଦ୍ୱାରା ଷ୍ଟ୍ରୋକ୍ ଏବଂ ହାର୍ଟ ଆଟାକ୍ ଆଶଂକା କମ୍ ହୋଇଥାଏ।

ଓଜନ ହ୍ରାସ କରିଥାଏ :ଓଜନ ବଢୁଥିବା ଲୋକମାନଙ୍କୁ ନିଜର ଦୈନନ୍ଦିନ ଖାଦ୍ୟରେ କିୱି ସାମିଲ କରିବା ଉଚିତ। କିୱି ଏକ କମ୍ କ୍ୟାଲୋରୀ ଏବଂ ଅଧିକ ଫାଇବର ଯୁକ୍ତ ଫଳ । ଏହା ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ ।

ଗର୍ଭାବସ୍ଥାରେ ରେ ଲାଭଦାୟକ ହୋଇଥାଏ :
ପୁଷ୍ଟିକର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣରେ ଭରପୁର କିୱି ଗର୍ଭାବସ୍ଥାରେ ଖାଇବା ଲାଭଦାୟକ ହୋଇଥାଏ। ଏଥିରେ ଥିବା ଫୋଲେଟ୍, ଭିଟାମିନ୍ ସି ଶରୀରରେ ଆଇରନ୍ ଅଭାବକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏଥିସହିତ ଗର୍ଭପାତ ହେବାର ଆଶଙ୍କା ମଧ୍ୟ କମ୍ ରହିଥାଏ।

# ଶ୍ରୀ ସେତୁ ନିକଟରେ ଥଇଥାନ ହେବେ ବଡଦାଣ୍ଡ ଉଠା ଦୋକାନୀ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢ଼ିତୋଳିବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଏବଂ ସେବାୟତମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଥିବା ଏହି ବୈଠକରୁ ପ୍ରକାଶ ପାଇଛି।

ଏହି ସମୀକ୍ଷା ବୈଠକରେ ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀ ଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତି ନିଆଯାଇଛି।



ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଜରୁରୀକାଳୀନ ଭିତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍ ?ର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।ଯୋଗାଯୋଗ ଓ ଭିତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକୁ କୌଣସି ଅବହେଳା ନକରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ। ପୁରୀ ସହରର ଗୌରବ ଓ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଜୀବିକାର ସୁରକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ବିଶେଷ ସଂବେଦନଶୀଳତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଏହା ସମଗ୍ର ଓଡ଼ିଶାର ଅସ୍ମିତା ଓ ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର। ତେଣୁ ଶ୍ରୀକ୍ଷେତ୍ରର ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ବାସ୍ତବରେ ବିଶ୍ୱସ୍ତରୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାସହିତ ସ୍ଥାନୀୟ ସେବାୟତ, ବ୍ୟବସାୟୀ ଏବଂ ଆବାସିକ ନାଗରିକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବ, ସେଥିପ୍ରତି ପ୍ରଶାସନ ସଜାଗ ରହିବା ଜରୁରୀ।

# ଓଡ଼ିଶା ହକିକୁ ଅବହେଳା କରୁଛି ବିଜେପି ସରକାର

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶା ହକି ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇ ଶିଖର ଛୁଇଁଥିଲା କିନ୍ତୁ ବର୍ତମାନ ଡବଲ ଇଞ୍ଜିନ ସରକାରଙ୍କ ହକି ପ୍ରତି ଉଦାସୀନତା ମନୋଭାବ ଯୋଗୁଁ ପରିଚୟ ହରାଇବାରେ ଲାଗିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତ ବେହେରା କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ନିରନ୍ତର ପ୍ରୟାସ ଫଳରେ ହକିରେ ଓଡ଼ିଶା, ସମଗ୍ର ଭାରତରେ ଶିଖରରେ ପହଂଚିଥିଲା। ଓଡ଼ିଶାରେ ଦୁଇ ଥର ହକି ବିଶ୍ୱ କପ୍ ଆୟୋଜନ କରାଯାଇଥିଲା। ହକି ଖେଳର ଉନ୍ନତି ପାଇଁ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ନୂତନ ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ଯାହା ପାଇଁ ଦେଶ ବିଦେଶରେ ଓଡ଼ିଶା ହକିର ନୂତନ ପରିଚୟ ହାସଲ କରିଥିଲା। କିନ୍ତୁ ବର୍ତମାନର ଡବଲ ଇଞ୍ଜିନ ସରକାରରେ ଗତ ଅଢ଼େଇ ବର୍ଷ ମଧ୍ୟରେ ଓଡ଼ିଶା ହକି ନିଜ ପରିଚୟ ହରାଇଛି। ଓଡ଼ିଶାରେ ହକି ଏକ ଭାବନା। ତାହାକୁ ବିଜେପି ସରକାର ଭୁଲି ଯାଇଛନ୍ତି। ଗତ ଅକ୍ଟୋବର ୬ ତାରିଖରେ ହକି ଇଣ୍ଡିଆର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ପରେ ଓଡ଼ିଶା ହକି ସଂଘକୁ ହକି ଇଣ୍ଡିଆ ଆସୋସିଏସନ୍ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ।ଯେଉଁଥିରେ ପଚରାଯାଇଛି କାହିଁକି ଓଡ଼ିଶା ହକିର ମାନ୍ୟତା " ସ୍ଥାୟୀ ସଦସ୍ୟ"ରୁ " ସହଯୋଗୀ ସଦସ୍ୟ" କୁ ପୁନଃ ନବୀକରଣ କରିବା, ଜାତୀୟ ମହାସଂଘର ବାଇ-ଲ (ନିୟମାବଳୀ) ପାଳନରେ ଅବହେଳା ହୋଇଛି, ସ୍ଥାୟୀ ସଦସ୍ୟତାକୁ ସହଯୋଗୀ ସଦସ୍ୟତାକୁ ପରିବର୍ତନ କରିବା ଆଦି ପ୍ରସ୍ତାବ ରଖାଯାଇଛି । ଓଡ଼ିଶା ହକି ଯିଏ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟି ଥିବା ବେଳେ ଆଜି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିଜେପି ସରକାରଙ୍କ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ଲଜ୍ଜିତ ହେଉଛି । ବିଜେପି ସରକାରଙ୍କ ଚରମ ଅବହେଳା ଯୋଗୁଁ ଓଡ଼ିଶା ହକିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଗଣମାଧ୍ୟମ ସଂଯୋଜକ ଡ.ଲେନିନ୍ ମହାନ୍ତି କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ମାନସିକତା ନାହିଁ । ଯେଉଁ ହକି ଖେଳ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଗୌରବ ଅର୍ଜନ କରିଥିଲା। ଓଡ଼ିଶା ସବୁଠି ଆଦୃତ ହେଉଥିଲା। ବିଜେପି ସରକାରଙ୍କ ବିଫଳତା ଯୋଗୁଁ ସେ ପରିଚୟ ହରାଇଛି। ହକି ଖେଳ ଉତ୍ପତି ସ୍ଥଳୀ ଓଡ଼ିଶାକୁ ଯଦି ହକି ଇଣ୍ଡିଆର କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ, ତାହା ଅତି ନିନ୍ଦନୀୟ । ଏହା କଣ ଆମ ଓଡ଼ିଆ ନେଇ ଓଡ଼ିଆ ଗର୍ବିତ ହେଉଥିବା ବେଳେ ଆଜି କାରଣ ଦର୍ଶାଅ ନୋଟିସ ପାଇଁ ନିନ୍ଦିତ ହେଉଛି ।

# ସପ୍ସି ସହ ଦୁର୍ଗା ପୂଜା ଏବଂ ନବରାତ୍ରୀ ଉତ୍ସବ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ସମଗ୍ର ଦେଶରେ ଉତ୍ସବର ଉତ୍ସାହ ବ୍ୟାପିବା ପରେ, ଫ୍ଲିପକାର୍ଟ ଦ୍ୱାରା ସପ୍ସି, ଉତ୍ସବର ଫ୍ୟାଶନ, ପୂଜା ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଜୀବନ୍ତ ଗୃହ ସାଜସଜ୍ଜା ଠାରୁ ଆରମ୍ଭ କରି ଆନୁଷଙ୍ଗିକ ସାମଗ୍ରୀ ଏବଂ ଉପହାର ପିକ୍ ପର୍ଯ୍ୟନ୍ତ ଦୋକାନୀମାନଙ୍କୁ ଦୁର୍ଗା ପୂଜା ଏବଂ ନବରାତ୍ରୀ ପାଳନ କରିବା ପାଇଁ ଆବଶ୍ୟକ ସମସ୍ତ ଜିନିଷକୁ ଏକତ୍ର କରିଥାଏ। ସୁଲଭ ମୂଲ୍ୟର ବିଭିନ୍ନ ପ୍ରକାରର ସନ୍ଧାନ ସହିତ, ସପ୍ସି ସମଗ୍ର ଭାରତରେ କ୍ରେତାମାନଙ୍କୁ ସେମାନଙ୍କ ଉତ୍ସବରେ ଟିକିଏ ଅଧିକ ରଙ୍ଗ, ପରମ୍ପରା ଏବଂ ଆନନ୍ଦ ଯୋଡିବାରେ ସାହାଯ୍ୟ କରୁଛି । ଉପଲବ୍ଧ ମୂଲ୍ୟ ପଏଟ୍ ଏବଂ ବିଭିନ୍ନ ବର୍ଗରେ ଉତ୍ସବ ଅଫରରେ ଉପଲବ୍ଧ ଉତ୍ପାଦ ସହିତ, କ୍ରେତାମାନେ ବଜେଟ୍ ମଧ୍ୟରେ ରହି ଋତୁ ପାଳନ କରିବା ପାଇଁ ପାରମ୍ପାରିକ ଏବଂ ସମସାମୟିକ ପିକ୍ ପାଇପାରିବେ।ଦୁର୍ଗା ପୂଜା ଏବଂ ନବରାତ୍ରୀ ପାଇଁ ଉତ୍ସବର ସନ୍ଧାନ ଏବଂ ଅଫର୍ ଆବିଷ୍କାର କରିବାକୁ ଆଜି ସପ୍ସି ପରିଦର୍ଶନ କରନ୍ତୁ । ତିନୋଟି ଉତ୍ସବ ବର୍ଗ ସହିତ ଦୁଇଟି ପ୍ରମୁଖ ବିଭାଗରେ ଆୟୋଜିତ ହୋଇଛି - ଦୀପାବଳି ମଷ୍ଟ-ହାଭ୍ ଏବଂ ପ୍ରାଇସ୍ ପଏଟ୍ ଷ୍ଟୋର୍ - ତିନୋଟି ଉତ୍ସବ ବର୍ଗ ସହିତ: ନିଜର / ଘରୋଇ ଆସବାବପତ୍ରକୁ ସଜାନ୍ତୁ, ଉତ୍ସବର ହାମ୍ପର୍ ଏବଂ ଉତ୍ସବର ପୋଷାକ । ଏହି ବିଭାଗ ଏବଂ ବର୍ଗଗୁଡ଼ିକ ବିଭିନ୍ନ ପ୍ରକାରର ଉତ୍ପାଦକୁ ଏକତ୍ର କରିଥାଏ ଯାହା ଦୁର୍ଗା ପୂଜା ଏବଂ ନବରାତ୍ରୀ ଉତ୍ସବକୁ ମଧ୍ୟ ପରିପୂର୍ଣ୍ଣ କରିପାରିବ, ଉତ୍ସବର ପୋଷାକ ଏବଂ ଘର ସାଜସଜ୍ଜା ଠାରୁ ଆରମ୍ଭ କରି ଉପହାର ଏବଂ ଆନୁଷଙ୍ଗିକ ସାମଗ୍ରୀ ପର୍ଯ୍ୟନ୍ତ। କ୍ରେତାମାନେ ଶେଷ ମୁହୂର୍ତର ଉତ୍ସବର ଫିଙ୍କ୍ସ ମଧ୍ୟ ଅନୁସନ୍ଧାନ କରିପାରିବେ, ଯେଉଁଥିରେ ପାଣ୍ଡାଲ ହପିଂ, ଗରବା ନାଇଟ୍ ଏବଂ ଉତ୍ସବର ସମାବେଶ ପାଇଁ ସେମାନଙ୍କର ଚେହେରା ଏବଂ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବା ପାଇଁ ସହଜ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଆନୁଷଙ୍ଗିକ ସାମଗ୍ରୀ ଅନ୍ତର୍ଭୁକ୍ତ। ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାରର ଉତ୍ସବର ଫ୍ୟାଶନ, ପାରମ୍ପାରିକ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଆନୁଷଙ୍ଗିକ ସାମଗ୍ରୀ ସହିତ, ସପ୍ସି ସମଗ୍ର ଭାରତରେ ଦୋକାନୀମାନଙ୍କ ପାଇଁ ଦୁର୍ଗା ପୂଜା ଏବଂ ନବରାତ୍ରୀ ଉତ୍ସବ ପାଇଁ ପ୍ରସ୍ତୁତ ହେବା ସହଜ କରିଥାଏ। ସପ୍ସି ସହିତ, ଦୋକାନୀମାନେ ବିଭିନ୍ନ ପାରମ୍ପାରିକ ଏବଂ ସମସାମୟିକ ଅନୁସନ୍ଧାନ କରିପାରିବେ ଯାହା ସୁବିଧା, ପସନ୍ଦ ଏବଂ ମୂଲ୍ୟକୁ ଏକତ୍ର କରିଥାଏ, ଯାହା ସେମାନଙ୍କର ବଜେଟ୍ ବିସ୍ତାର ନକରି ପ୍ରତ୍ୟେକ ଉତ୍ସବକୁ ଟିକିଏ ଅଧିକ ସ୍ୱତନ୍ତ୍ର କରିଥାଏ ।

# ଇଣ୍ଡିଆନ୍ ୟୁନିସ୍ପୋର୍ଟ ଫେଡେରେସନ୍‌ର ସଭାପତି ହେଲେ ଅଚ୍ୟୁତ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଇଣ୍ଡିଆନ୍ ୟୁନିସ୍ପୋର୍ଟ ଫେଡେରେସନ୍ (ଆଇୟୁଏସ୍ଏଫ୍)ର ପ୍ରଥମ ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ରବିବାର ନୂଆଦିଲ୍ଲୀଠାରେ ଆୟୋଜିତ ଫେଡେରେସନ୍‌ର ପ୍ରଥମ ବାର୍ଷିକ କାର୍ଯ୍ୟକାରିଣୀ ସଭାରେ ସର୍ବସମ୍ମତି କ୍ରମେ ସେ ମନୋନୀତ ହୋଇଛନ୍ତି। ଏହି ନୂତନ ଦାୟିତ୍ୱ ସହ ଦେଶର ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ାର ବିକାଶ ଓ କ୍ରୀଡ଼ାବିତ୍‌ଙ୍କୁ ଉଚ୍ଚସ୍ତରରେ ପହଞ୍ଚାଇବା କ୍ଷେତ୍ରରେ ତାଙ୍କ ଭୂମିକା ଆହୁରି ବ୍ୟାପକ ହେବ ବୋଲି ଆଶା କରାଯାଉଛି।

ସଭାପତି ଭାବେ ନିର୍ବାଚିତ ହେବା ପରେ ସଦସ୍ୟମାନଙ୍କୁ ସମ୍ବୋଧିତ କରି ଶ୍ରୀ ସାମନ୍ତ ଭାରତରେ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଦେଶର କ୍ରୀଡ଼ାବିତ୍‌ମାନଙ୍କୁ ପ୍ରସ୍ତୁତ କରିବା ନିମନ୍ତେ ସାମୂହିକ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଦେଶରେ କ୍ରୀଡ଼ାର ବିକାଶ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ସାକାର କରିବା ପାଇଁ ସମସ୍ତ ଅଂଶୀଦାର ଏକାଠି ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ବିଶ୍ୱବିଦ୍ୟାଳୟସ୍ତରେ କ୍ରୀଡ଼ାର ବିକାଶ ପାଇଁ ତାଙ୍କର ଏହି ଦୀର୍ଘକାଳୀନ ଅବଦାନକୁ ବିଚାରକୁ ନେଇ ସଂଘ ଶ୍ରୀ ସାମନ୍ତଙ୍କୁ ଏହାର ପ୍ରଥମ ସଭାପତି ଭାବେ ମନୋନୀତ କରିଛି।




ବିଶ୍ୱର ବିଭିନ୍ନ ଦେଶରେ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂଘମାନ ରହିଛି। ମାତ୍ର ଭାରତରେ ଏହା ନଥିଲା। ପ୍ରଥମ ଥର ଭାରତରେ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ାକୁ ଏକ ସୁସଂଗଠିତ ଢାଞ୍ଚାରେ ଆଗେଇ ନେବା ଲକ୍ଷ୍ୟରେ ଏହି ସଂଘ ଗଠନ କରାଯାଇଛି। ଅଭିଜ୍ଞ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଏଭଳି ଏକ ସଂଘ ଗଠନ କରିବାକୁ ପ୍ରୟାସ କରିଛନ୍ତି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏହି ସଂଘକୁ ଅନୁମୋଦନ ଦେଇଛନ୍ତି। ଏଥିରେ ଭାରତର ରାଜ୍ୟର କ୍ରୀଡ଼ାସଂଘର ୨ ଜଣ ଲେଖାଏଁ ସଦସ୍ୟ ଏଥିରେ ସଦସ୍ୟ ଥିବା ବେଳେ ୧୫ଜଣ ଅଫିସ ବିୟରର ଅଛନ୍ତି। ଫେଡେରେସନ୍ ଇଣ୍ଟରନ୍ୟାସ୍ନାଲ୍ ସ୍ପୋର୍ଟସ ୟୁନିଭରସିଟି (ଫିସୁ) ସହ ଏହା ଅନୁବନ୍ଧିତ ହେବ।

ଭାରତରେ ଥିବା ୧୨ଶହରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗାଇବା ଦିଗରେ ଏହି ସଂଘ କାର୍ଯ୍ୟ କରିବ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା। ପ୍ରତିଯୋଗିତାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଯୋଗଦାନ, ଖେଲୋ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ଙ୍କୁ ଅଂଶଗ୍ରହଣ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ମୋଟାମୋଟି ଉପରେ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) କ୍ରୀଡ଼ାର ବିକାଶ ଦିଗରେ ଯାହା କରୁଥିଲା ଏବେ ଆଇୟୁଏସ୍ଏଫ୍ ସେହି କାମ କରିବ। ଅଲିମ୍ପିକ୍ସ, ଏସୀୟ କ୍ରୀଡ଼ା ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଉଚ୍ଚମାନର କ୍ରୀଡ଼ାବିତ୍ ଗଢ଼ିତୋଳିବା ଏହି ଫେଡେରେସନ୍‌ର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ। ଦେଶରେ କ୍ରୀଡ଼ାର ବିକାଶ ଓ ଭାରତକୁ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଅଧିକ ସୁଦୃଢ଼ କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷ୍ୟକୁ ସାକାର କରିବା ଦିଗରେ ସଂଘ କାର୍ଯ୍ୟ କରିବ। ଏହି ସଂଘକୁ ଅନୁମୋଦନ ଦେଇଥିବାରୁ ଶ୍ରୀ ସାମନ୍ତ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଓ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶ୍ରୀ ସାମନ୍ତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘର ବିଭିନ୍ନ ପଦପଦବୀରେ ରହିବା ସହ ସମ୍ମାନିତ ହୋଇଛନ୍ତି। ପୂର୍ବରୁ ଶ୍ରୀ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଥିଲେ। ଏବେ ଓଡ଼ିଶା ଭଲିବଲ୍ ସଂଘର ସଭାପତି ସହ ଏଫ୍ଆଇଭିବିର ମଧ୍ୟ ସଦସ୍ୟ ଅଛନ୍ତି।

# ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଗଣ୍ଠିବାତ ଦିବସ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ଗଣ୍ଠିବାତ ସମସ୍ୟାରୁ ସୁସ୍ଥ ହେବା ସମ୍ଭବପର। ଏହା ଏକ ଜୀବନ ଶୈଳୀ ଜନିତ ବ୍ୟାଧି। ସଚେତନ ଓ ସତର୍କ ହେବା ସହ ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତନ ଆଣିଲେ ଏହି ରୋଗରୁ ମଣିଷ ସୁସ୍ଥ ହୋଇପାରିବ ବୋଲି ବିଶ୍ୱ ଗଣ୍ଠିବାତ ଦିବସ ପରିପ୍ରେକ୍ଷୀରେ ବିଶେଷଜ୍ଞ ମତ ରଖିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ୍ ୧ର କ୍ଲିନିକାଲ ଇମ୍ୟୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗ ପକ୍ଷରୁ ସୋମବାର ବିଶ୍ୱ ଗଣ୍ଠିବାତ ଦିବସ ଅବସରରେ ଆୟୋଜିତ ଏକ ସଚେତନତା ର୍‍ୟାଲିରେ ଏଭଳି ବାର୍ତା ପ୍ରଦାନ କରାଯାଇଛି। ଏହି ବ୍ୟାଧି ନେଇ ଜନସାଧାରଣଙ୍କ ମଧ୍ୟରେ ଗଣ୍ଠିବାତ ସମ୍ପର୍କିତ ସଚେତନତା ସୃଷ୍ଟି ଏବଂ ରୋଗକୁ ଶୀଘ୍ର ଚିହ୍ନଟ କରି ଶୀଘ୍ର ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟ ନେଇ ବିଶ୍ୱ ଗଣ୍ଠିବାତ ଦିବସ ପାଳନ ଉପଲକ୍ଷେ ସୋମବାର ମାଷ୍ଟରକ୍ୟାଂଟିନ୍ ରୁ ରାମମନ୍ଦିର ପର୍ଯ୍ୟନ୍ତ ଏକ ୱାକାଥନ୍ ଆୟୋଜିତ ହୋଇଥିଲା। ଏହି ଅବସରରେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ ଗଣ୍ଠିବାତ ରୋଗର ସମସ୍ୟା, ଏହାର ଚିକିତ୍ସା ଏବଂ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ଏହି ବ୍ୟାଧିରୁ ମୁକ୍ତି ପାଇବା ନିମନ୍ତେ ଉପଯୁକ୍ତ ଜୀବନ ଶୈଳୀ ଏବଂ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ରୋ କହିଥିଲେ ଯେ ଏହି ସମସ୍ୟା କେବଳ ବୟସ୍କ ବ୍ୟକ୍ତିଙ୍କ ଠାରେ ଦେଖାଦିଏ ତାହା ନୁହେଁ ବରଂ ଶିଶୁ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଏହି ରୋଗ ଦେଖାଦେଇଥାଏ। ଏକ ଶହରୁ ଅଧିକ ପ୍ରକାରର ଗଣ୍ଠିବାତ ହୋଇଥାଏ। ତେବେ ଏହା ସଂକ୍ରାମକ ନୁହେଁ। ଏହାର ଚିକିତ୍ସା ସମ୍ଭବ। ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା କରାଗଲେ ରୋଗୀଟି ଯନ୍ତ୍ରଣା ଓ ଅକର୍ମଣ୍ୟତାରୁ ମୁକ୍ତ ହୋଇଥାଏ ବୋଲି ସେ କହିଥିଲେ। ଏହି ସଚେତନତା ର୍‍ୟାଲିରେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ରଙ୍କ ସମେତ ଡାକ୍ତର, ନର୍ସ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ।




# ଏବିଇଓ ଜୟଦେବଙ୍କ ୩ ବହୁତଳ କୋଠା ଓ ୧୯ ପ୍ଲଟ୍ ଠାବ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଯାଜପୁର ଜିଲ୍ଲା ଧର୍ମଶାଳାରେ କାର୍ଯ୍ୟରତ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ (ଏବିଇଓ) ଜୟଦେବ ଜେନାଙ୍କ ସହ ସମ୍ପୃକ୍ତ ୭ଟି ସ୍ଥାନରେ ସୋମବାର ଏକକାଳୀନ ଚଢ଼ାଉ ଆରମ୍ଭ କରିଛି ଓଡ଼ିଶା ଭିଜିଲାନ୍ସ। ଏପର୍ଯ୍ୟନ୍ତ ହୋଇଥିବା ତଲାସୀରୁ ୩ଟି ବହୁତଳ କୋଠା, ୧୯ଟି ମୂଲ୍ୟବାନ ପ୍ଲଟ୍ ଏବଂ ଗୋଟିଏ ଚାରିଚକିଆ ଗାଡ଼ି ସମେତ ଅନେକ ସମ୍ପତ୍ତିର ସନ୍ଧାନ ମିଳିଛି।

ଭିଜିଲାନ୍ସର ପୃଥକ୍ ପୃଥକ୍ ଟିମ୍ ଭୁବନେଶ୍ୱର, ଗଞ୍ଜାମ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ତଲାସୀ ଅଭିଯାନ ଚଳାଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନରେ ୩ ଜଣ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପି, ୯ ଜଣ ଇନ୍‌ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି। ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ତଲାସୀ ୱାରେଣ୍ଟ ଆଧାରରେ ଏହି ଚଢ଼ାଉ କରାଯାଉଛି।

ଭିଜିଲାନ୍ସର ପ୍ରାଥମିକ ତଦନ୍ତରୁ ଜୟଦେବ ଜେନା ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୩ଟି ବହୁତଳ କୋଠା ଥିବା ଜଣାପଡ଼ିଛି। ଏଥିମଧ୍ୟରେ ଭୁବନେଶ୍ୱରର ପାତ୍ରପଡ଼ାରେ ପ୍ରାୟ ୪,୩୦୦ ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ ଏକ ତିନିମହଲା ବିଶିଷ୍ଟ ବିଳାସପୂର୍ଣ୍ଣ କୋଠା ରହିଛି। ଏହା ବ୍ୟତୀତ ଗଞ୍ଜାମ ଜିଲ୍ଲାର ପି. ନୂଆଗାଁରେ ପ୍ରାୟ ୩,୮୫୦ ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ ଏକ ଦୁଇମହଲା କୋଠା ଏବଂ ସେହି ଅଞ୍ଚଳରେ ପ୍ରାୟ ୭,୧୦୦ ବର୍ଗଫୁଟ୍ ଅଞ୍ଚଳରେ ନିର୍ମିତ ଅନ୍ୟ ଏକ କୋଠାର ସନ୍ଧାନ ମିଳିଛି।

ଭିଜିଲାନ୍ସ ଅଧିକାରୀଙ୍କ ସୂଚନା ଅନୁସାରେ, ଭୁବନେଶ୍ୱର ବ୍ୟତୀତ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ଓ କୋଦଳାରେ ମୋଟ ୧୯ଟି ମୂଲ୍ୟବାନ ପ୍ଲଟ୍ ଥିବା ଜଣାପଡ଼ିଛି। ଏହି କୋଠା ଓ ପ୍ଲଟ୍‌ଗୁଡ଼ିକର ମାପଚୁପ କରିବା ସହ ମୂଲ୍ୟ ଆକଳନ କରିବା ପ୍ରକ୍ରିୟା ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ଜାରି ରହିଛି। ତଲାସୀ ସମୟରେ ଗୋଟିଏ ଟାଟା ନେକ୍ସନ୍ କାର୍ ଓ ଦୁଇଟି ଦୁଇଚକିଆ ଯାନ ମଧ୍ୟ ମିଳିଛି। ଅଧିକାରୀମାନେ ସୁନା ଅଳଙ୍କାରର ଓଜନ କରୁଛନ୍ତି। ଏହା ସହିତ ବ୍ୟାଙ୍କ ଜମା, ଅନ୍ୟ ଆର୍ଥିକ ମାଧ୍ୟମରେ ହୋଇଥିବା ନିବେଶ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସମ୍ପର୍କିତ ତଥ୍ୟ ମଧ୍ୟ ସଂଗ୍ରହ କରାଯାଉଛି। ଭିଜିଲାନ୍ସ ଟିମ୍‌ଗୁଡ଼ିକ ଭୁବନେଶ୍ୱରର ପାତ୍ରପଡ଼ାସ୍ଥିତ ତିନିମହଲା କୋଠା, ଗଞ୍ଜାମ ଜିଲ୍ଲାର ପି. ନୂଆଗାଁରେ ଥିବା ଦୁଇଟି କୋଠା, ଗଞ୍ଜାମର ବୁରୁଝରୀରେ ଜଣେ ସମ୍ପର୍କୀୟଙ୍କ ଘର ଏବଂ ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ଜନନୀ ବିହାରରେ ଅନ୍ୟ ଜଣେ ସମ୍ପର୍କୀୟଙ୍କ ଘରେ ତଲାସୀ ଚଳାଇଛନ୍ତି। ଏହାବ୍ୟତୀତ ଯାଜପୁର ଜିଲ୍ଲାର ଜାରକାଠାରେ ଥିବା ଭଡ଼ା ଘର ଏବଂ ସେଠାରେ ଜୟଦେବ ଜେନାଙ୍କ କାର୍ଯ୍ୟାଳୟ କକ୍ଷରେ ମଧ୍ୟ ତଲାସୀ କରାଯାଉଛି।

# ମତ୍ସ୍ୟ ଖାଦ୍ୟ ପ୍ରସ୍ତୁତି ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୨୧।୧୦ (ମହାଭାରତ):** କୃଷି ଓ ଶିଳ୍ପଜାତ ବର୍ଜ୍ୟବସ୍ତୁ ତଥା ଉପଜାତ ପଦାର୍ଥର ବିନିଯୋଗ ମାଧ୍ୟମରେ ମତ୍ସ୍ୟ ଖାଦ୍ୟ ପ୍ରସ୍ତୁତି ସଂପର୍କିତ ଗବେଷଣା ଓ ଆଧୁନିକ ଜ୍ଞାନକୁ ନେଇ ପ୍ରସ୍ତୁତ ପୁସ୍ତକ 'ଫିସ୍ ଫିଡ୍ ଫର୍ମୁଲେସନ୍ ୱିଥ୍ ଆଗ୍ରୋ-ଇଣ୍ଡଷ୍ଟ୍ରିଆଲ୍ ୱେଷ୍ଟସ୍ ଆଣ୍ଡ ବାଏପ୍ରଡକ୍ଟସ୍'କୁ ନିକଟରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉନ୍ମୋଚିତ କରିଛନ୍ତି। ସୋଆର ଶିଳ୍ପ ଜୈବପ୍ରଯୁକ୍ତି ଗବେଷଣା କେନ୍ଦ୍ର (ସିଆଇବିଆର)ର ନିର୍ଦ୍ଦେଶକ ପ୍ରଫେସର ହୃଦୟନାଥ ଥାଟୋଇ, ପଶ୍ଚିମବଙ୍ଗର ରାଇଗଞ୍ଜ ବିଶ୍ୱବିଦ୍ୟାଳୟର ମାଇକ୍ରୋବାୟୋଲୋଜି ପ୍ରଫେସର ଡକ୍ଟର ପ୍ରଦୀପ କେ. ଦାସ ମହାପାତ୍ର, ଅହମ୍ମଦାବାଦସ୍ଥିତ ଫିନେ ବାୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପାର୍ଥ ବାନାର୍ଜୀ ଏବଂ ସିଆଇବିଆରର ସହକାରୀ ପ୍ରଫେସର ଡକ୍ଟର ସୌରଭ ଚଟ୍ଟରାଜଙ୍କ ସଂପାଦନାରେ ପ୍ରକାଶିତ ଏହି ପୁସ୍ତକରେ ଦେଶ ଓ ବିଦେଶର ବିଭିନ୍ନ ଗବେଷକ, ବୈଜ୍ଞାନିକ ଓ ଅଧ୍ୟାପକଙ୍କ ଗବେଷଣାଲବ୍ଧ ଜ୍ଞାନ ଓ ଅଭିଜ୍ଞତାକୁ ସ୍ଥାନ ଦିଆଯାଇଛି। ଆକ୍ୱାକଲ୍‌ଚର, ମତ୍ସ୍ୟ ବିଜ୍ଞାନ, ଜୈବପ୍ରଯୁକ୍ତି, ପୁଷ୍ଟି ବିଜ୍ଞାନ ଓ ପରିବେଶ ବିଜ୍ଞାନ ଭଳି ବିଭିନ୍ନ କ୍ଷେତ୍ରର ଜ୍ଞାନକୁ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି। ଦ୍ରୁତଗତିରେ ବିକାଶଶୀଳ ଜଳକୃଷି କ୍ଷେତ୍ର ପାଇଁ ସ୍ଥାୟୀ ଓ ପରିବେଶ ଅନୁକୂଳ ସମାଧାନ ଖୋଜିବା ଦିଗରେ ଏହି ପୁସ୍ତକର ପ୍ରକାଶନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପାରମ୍ପାରିକ ମତ୍ସ୍ୟ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ କଂଚାମାଲର ବର୍ଦ୍ଧିତ ମୂଲ୍ୟ ଏବଂ ଏହାର ପରିବେଶଗତ ପ୍ରଭାବ ଏବେ ଜଳକୃଷି କ୍ଷେତ୍ର ପାଇଁ ଏକ ବଡ଼ ଆହ୍ୱାନ। କୃଷି ଓ ଶିଳ୍ପଜାତ ବର୍ଜ୍ୟବସ୍ତୁ ତଥା ଉପଜାତ ପଦାର୍ଥକୁ ମୂଲ୍ୟବାନ ମତ୍ସ୍ୟ ଖାଦ୍ୟ ଉପାଦାନରେ ପରିଣତ କରିବାର ସମ୍ଭାବନା ଉପରେ ଏହି ପୁସ୍ତକ ଆଲୋକପାତ କରିଛି। ଏହାଦ୍ୱାରା ବର୍ଜ୍ୟବସ୍ତୁର ସୁପରିଚାଳନା ସହ ସମ୍ବଳର ପୁନଃବିନିଯୋଗ ଏବଂ ମତ୍ସ୍ୟ ଉତ୍ପାଦନକୁ ଅଧିକ ସ୍ଥାୟୀ କରିବା ସମ୍ଭବ ହୋଇପାରିବ। ପ୍ରଫେସର ଥାଟୋଇ କହିଛନ୍ତି ଯେ ବିଶ୍ୱରେ ଜଳକୃଷି କ୍ଷେତ୍ର ପାରଂପରିକ ମତ୍ସ୍ୟ ଖାଦ୍ୟ ଉପାଦାନର ବିକଳ୍ପ ଭାବେ ଅର୍ଥନୈତିକ ଦୃଷ୍ଟିରୁ ସୁଲଭ ଏବଂ ପରିବେଶ ଅନୁକୂଳ ଉପାଦାନ ଖୋଜୁଥିବା ବେଳେ ଏହି ପୁସ୍ତକ ବିଶେଷ ପ୍ରାସଙ୍ଗିକତା ବହନ କରୁଛି।

# ମାନସିକ ରୋଗର ଚିକିତ୍ସା ନିମନ୍ତେ ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପି

**ଭୁବନେଶ୍ୱର,୨୧।୧୦ (ମହାଭାରତ):** ମାନସିକ ସ୍ୱାସ୍ଥ୍ୟ ସେବାକୁ ଅଧିକ ଉନ୍ନତ ଓ ରୋଗୀ କୈନ୍ଦ୍ରିକ କରିବା ଦିଗରେ ଏକ ନୂଆ ପଦକ୍ଷେପ ସ୍ୱରୂପ ଫୁଲନଖରା ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ -୨ର ମାନସିକ ରୋଗ ବିଭାଗରେ ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପିର ଶୁଭାରମ୍ଭ କରାଯାଇଛି। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପରିପ୍ରେକ୍ଷୀରେ ଶନିବାର ହସ୍ପିଟାଲ୍ ପକ୍ଷରୁ ଏହି ନୂତନ ଚିକିତ୍ସା ପଦ୍ଧତି ସଂପର୍କରେ ସୂଚନା ଦିଆଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପ୍ରମାଣଭିତିକ ଓ ପ୍ରଯୁକ୍ତିବିଦ୍ୟା ସହାୟକ ମାନସିକ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ କରିବା ସହ ରୋଗୀଙ୍କ ପାଇଁ ଚିକିତ୍ସାର ଅଧିକ ବିକଳ୍ପ ଉପଲବ୍ଧ କରାଇବା ଲକ୍ଷ୍ୟ ରଖାଯାଇଛି। ଡିଜିଟାଲ୍ ବାୟୋଫିଡ୍‌ବ୍ୟାକ୍ ଥେରାପି ଏକ ଅଣ-ଶଲ୍ୟ ଚିକିତ୍ସା ପଦ୍ଧତି। ଏହା ମାଧ୍ୟମରେ ବ୍ୟକ୍ତି ନିଜ ଶରୀରର କିଛି ଶାରୀରିକ ପ୍ରତିକ୍ରିୟାକୁ ବୁଝିବା ସହ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ଶିଖିପାରନ୍ତି। ଏହି ଥେରାପି ଉଦ୍‌ବେଗ, ଆତଙ୍କଜନିତ ଲକ୍ଷଣ ଓ ଦୈନନ୍ଦିନ ଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ଏହା ବ୍ୟତୀତ ଟେନ୍‌ସନ୍‌ଜନିତ ମୁଣ୍ଡବିନ୍ଧା, ମାଇଗ୍ରେନ୍, ରକ୍ତଚାପ ନିୟନ୍ତ୍ରଣ, ମାଂସପେଶୀର ପୁନର୍ବାସ ଏବଂ କୋଷ୍ଠକାଠିନ୍ୟ ଓ ଇରିଟେବଲ୍ ବାୱେଲ୍ ସିଣ୍ଡ୍ରୋମ୍ (ଆଇବିଏସ୍) ଭଳି କେତେକ ରୋଗରେ ମଧ୍ୟ ଏହା ସହାୟକ ଚିକିତ୍ସା ଭାବେ ବ୍ୟବହୃତ ହୋଇଥାଏ ବୋଲି ହସ୍ପିଟାଲର ମାନସିକ ରୋଗ ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଲଗ୍ନଜିତ୍ ଦାଶ କହିଛନ୍ତି। ଏହି ଚିକିତ୍ସା ପଦ୍ଧତିରେ ରୋଗୀଙ୍କ ଚର୍ମରେ ଇଲେକ୍ଟ୍ରୋଡ୍ ବା ସେନ୍‌ସର ଲଗାଯାଇ ହୃଦ୍‌ସ୍ପନ୍ଦନ, ମାଂସପେଶୀର ଟାଣ ଓ ଅନ୍ୟାନ୍ୟ ଶାରୀରିକ ପ୍ରତିକ୍ରିୟା ସଂପର୍କିତ ସଙ୍କେତ ରେକର୍ଡ କରାଯାଏ। ଏହି ସଙ୍କେତଗୁଡ଼ିକୁ ଏକ ମନିଟରରେ ଗ୍ରାଫ୍, ଶବ୍ଦ କିମ୍ବା ଅନ୍ୟାନ୍ୟ ସଙ୍କେତ ମାଧ୍ୟମରେ ପ୍ରଦର୍ଶିତ କରାଯାଏ। ଫଳରେ ରୋଗୀ ନିଜ ଶରୀରର ପ୍ରତିକ୍ରିୟାକୁ ତତ୍‌କ୍ଷଣାତ୍ ଜାଣିପାରନ୍ତି। ପ୍ରଶିକ୍ଷିତ ଥେରାପିଷ୍ଟଙ୍କ ମାର୍ଗଦର୍ଶନରେ ରୋଗୀମାନେ ଶିଥିଳୀକରଣ ଓ ଆତ୍ମନିୟନ୍ତ୍ରଣ କୌଶଳ ଅଭ୍ୟାସ କରନ୍ତି। ନିୟମିତ ଅଭ୍ୟାସ ଦ୍ୱାରା ସେମାନେ ଯନ୍ତ୍ରର ସହାୟତା ବିନା ମଧ୍ୟ ନିଜ ଶାରୀରିକ ପ୍ରତିକ୍ରିୟାକୁ ଅଧିକ ଭଲ ଭାବେ ନିୟନ୍ତ୍ରଣ କରିବା ଶିଖିପାରନ୍ତି। "ଏହି ଥେରାପିର ପ୍ରଚଳନ ନବସୃଜନ ଦିଗରେ ଏକ ଛୋଟ ପଦକ୍ଷେପ ହୋଇପାରେ, କିନ୍ତୁ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇବା ଦିଗରେ ଏହାର ଗୁରୁତ୍ୱ ରହିଛି," ବୋଲି ଡାକ୍ତର ଦାଶ କହିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ସେବାରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ରୋଗୀଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଓ ଜୀବନର ଗୁଣବତାରେ ଉନ୍ନତି ଆଣିବା ପାଇଁ ବିଭାଗର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଛି।



# ଚୀନ ଦାବିକୁ ଅଗ୍ରାହ୍ୟ

ବିଶ୍ୱର ଏକ ବୃହତ ଏବଂ ଶକ୍ତିଶାଳି ରାଷ୍ଟ୍ରଭାବେ ପରିଚିତ ଚୀନ (ରିପବ୍ଲିକ ଅଫ ଚାଇନା)ର ସବୁଠାରୁ ଖରାପ ପ୍ରକୃତି ହେଲା ଏହା ସବୁ ବେଳେ ପଡ଼ୋଶୀ ଦେଶର ଭୌଗଳିକ ସୀମା ଉପରେ ନଜର ପକାଇଥାଏ। ବିସ୍ତାରବାଦ ହେଉଛି ଏହାର ରାଷ୍ଟ୍ରୀୟ ନୀତି। ତାଇୱାନଠାରୁ ଆରମ୍ଭ କରି ହଂକଂ ଓ ଭାରତ ପର୍ଯ୍ୟନ୍ତ ସବୁଠି ଚୀନ ନିଜ ଆଧିପତ୍ୟ ବିସ୍ତାର ଏବଂ ଅନ୍ୟର ଭୂଭାଗକୁ ଦଖଲ କରିବା ପାଇଁ ଉଦ୍ୟମ କରି ଆସୁଛି। ଷାଠିଏ ଦଶକରେ ଚୀନ ଭାରତର ଏକ ବଡ଼ ଭୂଭାଗ ଦଖଲ କରି ନେଇଛି। ତିବ୍ବତକୁ ଏହା ନିଜର ବାହୁ ବଳରେ ଅକ୍ତିଆର କରିଛି। ନେପାଳର ଏକ ବଡ଼ ଅଂଶକୁ ମଧ୍ୟ ଚୀନ ଅକ୍ତିଆର କରିଛି। ଦକ୍ଷିଣ ଚୀନ ସାଗରକୁ ଚୀନ ଏକଚାଟିଆ ଭାବେ ନିଜ ଅଞ୍ଚଳ ବୋଲି ଦାବି କରୁଛି ଏବଂ ଏଠାରେ ଉତ୍ତେଜନାର କାରଣ ହୋଇଛି। ଇଣ୍ଡୋନେସିଆ ସହ ମଧ୍ୟ ଏହାର ବିବାଦ ଲାଗି ରହିଛି। ପାକିସ୍ତାନ ଚୀନର ଏହି ଦୁଷ୍ଟ ଚରିତ୍ର ସମ୍ପର୍କରେ ଅବଗତ ଥାଇ ମଧ୍ୟ କେବଳ ଭାରତକୁ ବିପଦରେ ପକାଇବା ପାଇଁ ଏହା ସହିତ ହାତ ମିଳାଇଛି। କେବଳ ସେତିକି ନୁହେଁ, ନିଜ ଭୌଗଳିକ ସୀମାକୁ ଲାଗି ନଥିବା ଅନ୍ୟ ଦେଶକୁ ମଧ୍ୟ ଚୀନ କରାୟତ କରିବାକୁ ରୀତିମତ ପ୍ରୟାସ କରୁଛି। ଶ୍ରୀଲଙ୍କା, ନେପାଳ, ଭୁଟାନ,ପାକିସ୍ତାନ ଓ ବାଂଲାଦେଶ ଭଳି ଦେଶକୁ ଋଣ ଜାଲରେ ଛନ୍ଦି ଚୀନ ଏସବୁ ଦେଶକୁ ନିଜ ଅକ୍ତିଆରରେ ରଖିବାକୁ ଏବଂ ଏସବୁ ଦେଶର ପ୍ରାକୃତିକ ସମ୍ପଦ ହଡ଼ପ କରିବା ତଥା ଏହାର ଭୂଭାଗକୁ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରିବା ହେଉଛି ଚୀନର ଉଦ୍ଦେଶ୍ୟ। ଅତୀତରେ ବ୍ରିଟେନ ଏବଂ ଅନ୍ୟ ୟୁରୋପୀୟ ରାଷ୍ଟ୍ରମାନେ ଯେପରି ବାଣିଜ୍ୟ କରିବାର ଛଳନା କରି ଅନ୍ୟ ଦେଶକୁ ନିଜ ଉପନିବେଶ କରି ରଖିଥିଲେ, ଏବେ ଚୀନ ସେପରି କରିବାକୁ ପ୍ରୟାସ କରୁଛି। ଫଳରେ ସମଗ୍ର ଦକ୍ଷିଣ ଏସିଆରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ସାରା ବିଶ୍ୱରେ ଯଦି ଆଜି ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି ତେବେ ଏହାର କାରଣ ହେଲା ଚୀନ। କମ୍ୟୁନିଷ୍ଟ ଚୀନ ଏକଛତ୍ରବାଦ ନୀତିରେ ପରିଚାଳିତ। ତେଣୁ ହିଟଲରଙ୍କ ପରି ଚୀନ ସାରା ବିଶ୍ୱକୁ କବଳିତ କରିବାକୁ ପ୍ରୟାସ କରୁଛି। ଭାରତ ସହ ଚୀନର ସୀମା ବିବାଦ ବହୁ ପୁରୁଣା। ଚୀନ ସୀମାକୁ ଲାଗିଥିବା ସିକିମ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ଜାମ୍ମୁ-କାଶ୍ମୀରର ଅନେକ ଅଞ୍ଚଳକୁ ଚୀନ ଦଖଲ କରିବା ପରେ ମଧ୍ୟ ଏହାର ଲୋଭ ଯାଉନି। ଏଥିପାଇଁ ପୂର୍ବ ଲଦାଖରେ କିଛି ବର୍ଷ ତଳେ ଭାରତ ଓ ଚୀନ ସେନା ମୁହାଁମୁହିଁ ହୋଇଥିଲେ। ମଝିରେ ମଝିରେ ଚୀନ ସେନା ଭାରତୀୟ ଅଞ୍ଚଳ ଭିତରକୁ ଅନୁପ୍ରବେଶ କରି ଅଶାନ୍ତି ସୃଷ୍ଟି କରୁଛି। ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଏହା ଏକ ନିୟମିତ ଘଟଣାରେ ପରିଣତ ହୋଇଗଲାଣି। ଗତ ବର୍ଷ ଚୀନ ସେନା ଅରୁଣାଚଳ ପ୍ରଦେଶର ତୱାଙ୍ଗ ସେକ୍ଟରରେ ଅନୁପ୍ରବେଶ କରିଥିଲା। ପରେ ଉଭୟ ପକ୍ଷ ମଧ୍ୟରେ କମାଣ୍ଡର ସ୍ତରୀୟ ବୈଠକ ହୋଇ ସମସ୍ୟାର ସମାଧାନ ହେଲା ଏବଂ ଚୀନ ସେନା ପଛକୁ ହଟିଲା। ଡୋକଲାମକୁ ଦଖଲ କରିବା ପାଇଁ ଚୀନ ବହୁ ବର୍ଷ ହେବ ଉଦ୍ୟମ କରିଆସୁଛି। ଏଥିପାଇଁ ସୀମା ଆରପଟେ ଚୀନ ପକ୍ଷରୁ ଭିତ୍ତିଭୂମି ବିକାଶ କରାଯାଉଛି। ସବୁଠାରୁ ବଡ଼ କଥା ହେଲା ଚୀନ ସବୁ ବେଳେ ଭାରତର ଅରୁଣାଚଳ ପ୍ରଦେଶକୁ ସମ୍ପୂର୍ଣ୍ଣ ଭାବେ ନିଜର ବୋଲି ଦାବି କରି ଆସୁଛି। ଏପରିକି ନିଜ ମାନଚିତ୍ରରେ ଚୀନ ଅରୁଣାଚଳ ପ୍ରଦେଶକୁ ନିଜର ଏକ ଅଞ୍ଚଳ ଭାବେ ଚିତ୍ରଣ କରୁଛି। ନିକଟରେ ଚୀନ ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳର ନାମ ପରିବର୍ତ୍ତନ କରି ଏହାକୁ ଦକ୍ଷିଣ ତିବ୍ବତ ଭାବେ ନାମିତ କରିଛି। ଭାରତ ଚୀନର ଏହି ଦାବିକୁ ଅଗ୍ରାହ୍ୟ କରିଛି। ଅରୁଣାଚଳ ପ୍ରଦେଶ ଭାରତର ଏକ ରାଜ୍ୟ। ଅରୁଣାଚଳ ପ୍ରଦେଶବାସୀ ଭାରତୀୟ ସମ୍ବିଧାନ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରିଆସୁଛନ୍ତି। ଭାରତର ଆଇନ କାନୁନ ଏଠାରେ କାର୍ଯ୍ୟକାରୀ ହୋଇ ଆସୁଛି। ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଅରୁଣାଚଳ ପ୍ରଦେଶରେ ନିୟମିତ ନିର୍ବାଚନ ହେଉଛି ଏବଂ ଲୋକେ ଏଥିରେ ବହୁ ସଂଖ୍ୟାରେ ସାମିଲ ହୋଇ ଭୋଟ ଦାନ କରୁଛନ୍ତି। ଅରୁଣାଚଳ ପ୍ରଦେଶରୁ ଲୋକସଭାକୁ ଦୁଇଜଣ ନିର୍ବାଚିତ ହୁଅନ୍ତି।

# ପୂର୍ଣ୍ଣଚ୍ଛେଦ ଟାଣନ୍ତୁନି ଜୀବନରେ

॥ ଉମେଶ ଚନ୍ଦ୍ର ପାତ୍ର ॥

"ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ ।

ଅଙ୍ଗଗ୍ରହିତାଙ୍କ ପାଇଁ ପ୍ରତ୍ୟାରୋପଣ ଅର୍ଥ ହେଉଛି ପୁନର୍ଜୀବନର ସୁଯୋଗ। ଏହା ଅନେକଙ୍କୁ ପୁଣି ଥରେ ସ୍ୱାଭାବିକ ଜୀବନକୁ ଫେରାଏ। ଆଗରୁ ଲୋକେ ଅଙ୍ଗଦାନ କ'ଣ ତାହା ଠିକ୍ ଭାବରେ ବୁଝିପାରୁନଥିଲେ। ଏବେ କିନ୍ତୁ ଲୋକେ ସଚେତନ ହେଲେଣି। ମୃତ୍ୟୁ ପରେ ଅଙ୍ଗପ୍ରତ୍ୟଙ୍ଗର ପୁନଃଚକ୍ରଣ ଯେ ହୋଇପାରେ ସେ କଥା ସାଧାରଣ ଲୋକେ ବି ବୁଝିଲେଣି। ମୃତ୍ୟୁପରେ ନିଜ ଅଙ୍ଗଦାନ ପାଇଁ ରାଜି ହେଲେଣି। ହେଲେ ଏତିକିରେ କ'ଣ ଦାୟିତ୍ୱ ସରିଗଲା ? ଆପଣ ଅଙ୍ଗଦାନ ପାଇଁ ରାଜି ହୋଇଗଲେମାନେ କ'ଣ ମୃତ୍ୟୁ ପରେ ଆପଣଙ୍କ ଅଙ୍ଗ କାମରେ ଲାଗିଯିବ ? ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରକ୍ରିୟା ଅଛି। ଆଇନଗତ ବ୍ୟବସ୍ଥା ଅଛି। ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଥମେ ନିଜ ନାମ ପଞ୍ଜିକରଣ କରାନ୍ତୁ। ନାମ ପଞ୍ଜିକରଣ କରାଇଥିଲେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗକୁ କାମରେ ଲଗାଇବା ଉଭୟ ଡାକ୍ତର ଓ ପ୍ରତ୍ୟାରୋପଣକାରୀଙ୍କ ପାଇଁ ସହଜ ହେବ। ନାମ ପଞ୍ଜିକରଣ ଅଙ୍ଗଦାନ ପ୍ରକ୍ରିୟାରେ ଅଯଥା ବିଳମ୍ବକୁ ହ୍ରାସ କରେ ଫଳରେ ପ୍ରତ୍ୟାରୋପଣର ସଫଳତା ବୃଦ୍ଧି ପାଏ। ବର୍ତ୍ତମାନ ଭାରତରେ କେନ୍ଦ୍ରୀୟ ପଞ୍ଜିକରଣ ବ୍ୟବସ୍ଥା ନାହିଁ। କିନ୍ତୁ ଏ ଦିଗରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଏନ୍‌ଜିଓ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି।

ଆଗରୁ ଅନେକ ଧାର୍ମିକ ଅନ୍ଧବିଶ୍ୱାସ ଯୋଗୁଁ ଅଙ୍ଗଦାନ ପ୍ରତି ବୀତସ୍ପୃହ ଥିଲେ। ଶୋକସନ୍ତପ୍ତ ପରିବାରକୁ ଅଙ୍ଗଦାନ ପାଇଁ କହିବାକୁ ଡାକ୍ତରମାନେ ମଧ ସାହସ କରିପାରୁନଥିଲେ। କିନ୍ତୁ ଏବେ ଅନେକେ ଏ ନେଇ ଦୃଷ୍ଟିଙ୍ଗୀ ବଦଳାଇଲେଣି। ପ୍ରିୟଜନଙ୍କୁ ହରାଇବାର କ୍ଷତିକୁ ତ ଅସ୍ୱୀକାର କରିହେବନି। କିନ୍ତୁ ଏ ଭିତରେ ବି ଅନ୍ୟକୁ ଜୀବନ ଦେଇପାରିବାରେ ଆତ୍ମ ସନ୍ତୋଷ ଅଛି ଏକଥା ଅନେକ ଅନୁଭବ କଲେଣି। ଅଧ୍ୟୟନରୁ ଜଣାପଡ଼ିଛି ନିଜ ପ୍ରିୟଜନର ଅଙ୍ଗରେ ଅନ୍ୟଜଣେ ବଞ୍ଚିପାରିବା ପରିବାରର ଦୁଃଖର ବୋଝକୁ ଲାଘବ କରୁଛି। ଅନେକ ଅଙ୍ଗଦାତା ପରିବାର ଅନୁଭବ କରସାରିଲେଣି ସେମାନଙ୍କ କ୍ଷତି ଭିତରେ ଏଇ ଗୋଟିଏ ମାତ୍ର ସକାରାତ୍ମକ ଦିଗ ରହିଛି।

ପ୍ରତିବର୍ଷ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହେଉଛି। ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କର ମୃତ୍ୟୁ ହେବାପରେ କିଡ଼ନୀ, ହାର୍ଟ, ଫୁସଫୁସ, ଲିଭର, ଅଗ୍ନାଶୟ, ପାନକ୍ରିୟାଜ ଆଦି ପ୍ରତିରୋପଣ କରାଯିବାର ବ୍ୟବସ୍ଥା ରହିଛି। ସମଗ୍ର ବିଶ୍ୱରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆମେରିକା ଓ ଚୀନ ପରେ ଭାରତର ସ୍ଥାନ ତୃତୀୟ। ୨୦୧୩ରେ ୪୯୯୦ଟି ଅଙ୍ଗଦାନ ହୋଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୧୫୫୬୧କୁ ବୃଦ୍ଧି ପାଇଛି। ଭାରତରେ କେବଳ ପାଖାପାଖି ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର କିଡ଼ନୀ ପ୍ରତିରୋପଣ ଦରକାର ପଡ଼ିଥାଏ। ତେବେ ସର୍ବପ୍ରଥମେ ଭାରତରେ ୧୯୯୪ ମସିହାରେ ସରକାରଙ୍କ ଦ୍ୱାରା ମାନବ ଅଙ୍ଗ ପ୍ରତିରୋପଣ ଆଇନ ଗୃହୀତ ହେବାପରେ ୧୯୯୭ ମାର୍ଚ୍ଚ ୨୭ରେ ମୁମ୍ବାଇ ଠାରେ ସର୍ବପ୍ରଥମ କାଡ଼ାଭରିକ୍ କିଡ଼ନୀ ପ୍ରତିରୋପଣ ହୋଇଥିଲା। କିନ୍ତୁ ଏହାର ପୂର୍ବରୁ ପ୍ରଥମ ସଫଳ କାଡ଼ାଭରିକ ହାର୍ଟ ପ୍ରତିରୋପଣ ଅଗଷ୍ଟ ୩, ୧୯୯୪ରେ ହୋଇଥିଲା। ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଏଭଳି ଏକ ଚିକିତ୍ସା ସେବାକୁ ସ୍ମରଣ କରିବା ପାଇଁ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ସଚେତନତା ବୃଦ୍ଧି କରାଯାଉଛି। ଅଙ୍ଗଦାନ ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ସଚେତନତା ଦ୍ୱାରା ଏକ ବଡ଼ ବାର୍ତ୍ତା ଦିଆଯିବା ପାଇଁ କାର୍ଯ୍ୟ କରୁଛି ତାହା ହେଉଛି 'ମୃତ୍ୟୁ ପରେ ଜଣେ ଅଙ୍ଗଦାତା କିପରି ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଜୀବିତ ରୁହେ ତାକୁ ନେଇ ସଚେତନତା ସୃଷ୍ଟି କରିବା।' ୨୦୨୦ ଫେବୃଆରୀରେ ଓଡ଼ିଶାରେ ସର୍ବପ୍ରଥମେ କାଡ଼ାଭରିକ କିଡ଼ନୀ ପ୍ରତିରୋପଣ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ କରାଯାଇଥିଲା। ଓଡ଼ିଶା ସରକାର ଅଙ୍ଗଦାତାଙ୍କୁ ସେମାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ସମ୍ମାନ ପ୍ରଦାନ କରିବା ସହ ତାଙ୍କ ପରିବାରକୁ ସୁରଜ ସମ୍ମାନରେ ସମ୍ମାନିତ କରାଯାଉଛି। ଏହା ରାଜ୍ୟରେ ଅଙ୍ଗଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସଚେତନତା ଦେବ। ବର୍ତ୍ତମାନ ସୁଦ୍ଧା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୨୧୨ଟି କିଡ଼ନୀ ପ୍ରତିରୋପଣ କରାଯାଇଛି। ସେମାନଙ୍କ ଭିତରୁ କେବଳ ୧୪ଟି କାଡ଼ାଭରିକ୍ ପ୍ରତିରୋପଣ। ଚଳିତ ବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଗଷ୍ଟ ୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ସଚେତନଧର୍ମୀ ସ୍ଲୋଗନ ରହିଛି - 'ମୁଁ ଜଣେ ଅଙ୍ଗଦାତା'। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଲିଭର ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ୭ଟି ଲିଭର ପ୍ରତିରୋପଣ ସଫଳତାର ସହ ହୋଇଥିବାବେଳେ ସେଥିମଧ୍ୟରୁ ୨ଟି ହେଉଛି କାଡ଼ାଭରିକ ପ୍ରତିରୋପଣ। ୨ଟି କାଡ଼ାଭରିକ ଲିଭର ପ୍ରତିରୋପଣରୁ ଗୋଟିଏ ଏସସିବିରେ ହୋଇଛି।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ୍ୟ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ।

# ସରକାରୀ ଓକିଲ ନିଯୁକ୍ତି ବନାମ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ

॥ ସତ୍ୟବ୍ରତ ପଟ୍ଟନାୟକ ॥

ରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ଏକ ଅଲିଖିତ ଆଇନଗତ ବ୍ୟବସ୍ଥା ରହିଛି ତାହାହେଲା କେନ୍ଦ୍ର ହେଉ ବା ରାଜ୍ୟ, ସରକାର ବଦଳିବା ମାତ୍ରେ ପ୍ରଶାସନିକ ବ୍ୟବସ୍ଥା ସହ ଆଇନଗତ ବ୍ୟବସ୍ଥା କୁହାଯାଉଥିବା ଓକିଲ ନିଯୁକ୍ତି ବ୍ୟବସ୍ଥାରେ ମଧ ପରିବର୍ତ୍ତନ ହୋଇଥାଏ। ଓଡ଼ିଶାରେ ପାଞ୍ଚପାଳିର ବିଜେଡି ସରକାରକୁ ଧୂଳିସାତ୍ କରି ବିଜେପି ସରକାର ଗଢ଼ିବା ପରେ ପାଖାପାଖି ଦେଢ଼ମାସ ପରେ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟଙ୍କୁ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରାଗଲା। ରାଜ୍ୟରେ ସରକାରୀ ବ୍ୟବସ୍ଥା ପରିବର୍ତ୍ତନ ହେଲେ ସ୍ୱାଭାବିକ ଭାବେ ହାଇକୋର୍ଟ ଓ ତଳକୋର୍ଟରେ ସରକାରୀ ଓକିଲ ନିଯୁକ୍ତି ପାଇଁ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥାଏ। ବିଳମ୍ବରେ ହେଲେ ମଧ ସରକାର ଜଣେ ଦକ୍ଷ ଓ ରାଜ୍ୟର ବରିଷ୍ଠ ଆଇନଜୀବୀଙ୍କୁ ଆଡ଼ଭୋକେଟ ଜେନେରାଲ ଭାବେ ନିଯୁକ୍ତି ଦେଇଛନ୍ତି ଯାହାକୁ ହାଇକୋର୍ଟର ଓକିଲଙ୍କ ସମେତ ଓଡ଼ିଶାର ଓକିଲ ମହଲ ସ୍ୱାଗତ କରିଛନ୍ତି। ତେବେ ନୂଆ ଆଡ଼ଭୋକେଟ ଜେନେରାଲ ଭାବେ ପିତାମ୍ବର ଆଚାର୍ଯ୍ୟଙ୍କ ନିଯୁକ୍ତି ପରେ ଏବେ ସରକାରୀ ଆଇନଜୀବୀ ବା ଜିଏ, ଏଜିଏ (ଅତିରିକ୍ତ ସରକାରୀ ଆଇନଜୀବୀ), ଷ୍ଟାଣ୍ଡିଂ କାଉନସିଲ ଓ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ପଦକୁ ନେଇ ଧାଁ ଧଉଡ଼ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ହାଇକୋର୍ଟ ଓ ତଳକୋର୍ଟରେ ସରକାରୀ ଓକିଲ ନିଯୁକ୍ତି ପାଇଁ ବିଜେପି ଦଳ ପ୍ରତି ଆନୁଗତ୍ୟ ଥିବା ଅନେକ ଓକିଲ ଆଶାୟୀ ରହିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦକ୍ଷ, ସଚ୍ଚୋଟ ଓ ଅନୁଭବୀ ତଥା କୋର୍ଟ ମାମଲା ପରିଚାଳନାରେ ପାରଙ୍ଗମତା ଥିବା ସଚ୍ଚୋଟ ଟ୍ରାକ ରେକର୍ଡ଼ଧାରୀ ଓକିଲ ମାନଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯିବା କଥା। ମାତ୍ର ଚଳି ଆସିଥିବା ପ୍ରଥା ଅନୁଯାୟୀ ଦଳୀୟ ରାଜନୀତି ଯୋଗୁଁ ଦଳପ୍ରତି ଆନୁଗତ୍ୟ ଥିବା ଓକିଲ ମାନଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଉଛି। ଦଳ ପ୍ରତି ଆନୁଗତ୍ୟ ଥିବା ଅନେକ ଦକ୍ଷ ଓକିଲ କିନ୍ତୁ ନେତା ମାନଙ୍କ ଆଶୀର୍ବାଦ, ପୃଷ୍ଠପୋଷକତା ନପାଇବା କାରଣରୁ ସରକାରୀ ଓକିଲ ହୋଇପାରୁ ନାହାଁନ୍ତି। ଏଠାରେ କୁହାଯାଇପାରେ ଯେ ଗତ ବିଜେପି-ବିଜେଡ଼ି ମେଣ୍ଟ ସରକାର ଥିବା ସମୟରେ ଅନେକ ଓକିଲ ସରକାରୀ ଓକିଲ ହୋଇ ସରକାରଙ୍କ ଠାରୁ ଦରମା ଓ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ମଧ ପ୍ରତିପକ୍ଷଙ୍କ ଠାରୁ ଉତ୍କୋଚ ନେଇ ସରକାରଙ୍କୁ ଅପଦସ୍ତ କରାଇଛନ୍ତି। ଅନେକ ମାମଲାରେ ସରକାର ହାରିବା ସହ ପ୍ରତିପକ୍ଷ ବିଜେତା ହୋଇ ସରକାରଙ୍କ ନାକ କଟି ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥର ସରକାରୀ ଓକିଲ ଚୟନରେ ସଚ୍ଚୋଟ, ଦକ୍ଷ, ଅନୁଭବୀସମ୍ପନ୍ନ ଓ ଯୁବ ଓକିଲ ମାନଙ୍କୁ ସୁଯୋଗ ଦେବାକୁ ଓକିଲାମାନଙ୍କ ସମେତ ବୁଦ୍ଧିଜୀବୀ ଓ ଓଡ଼ିଶାବାସୀଙ୍କ ତରଫରୁ ଦୃଢ଼ ଦାବୀ ହେଉଛି। ପୁନଶ୍ଚ ଯେଉଁ ଓକିଲମାନେ କେନ୍ଦ୍ର ସରକାର ଓ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ପ୍ୟାନେଲରେ ଅଛନ୍ତି ସେମାନଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପ୍ୟାନେଲରେ ନରଖିବାକୁ ମଧ ଦାବୀ ଉଠୁଛି। ରାଜ୍ୟ ଆଇନମନ୍ତ୍ରୀ ଜଣେ ଅନୁଭବୀସମ୍ପନ୍ନ ନେତା ଓ ତାଙ୍କ ବାପା ବିଶ୍ୱଭୂଷଣ ବାବୁ ରାଜ୍ୟର ଆଇନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତେଣୁ ରାଜ୍ୟ ଆଇନମନ୍ତ୍ରୀ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗତ ମେଣ୍ଟ ସରକାରରେ ଯେଉଁ ସରକାରୀ ଓକିଲମାନେ ପ୍ରତିପକ୍ଷ ମାନଙ୍କ ଠାରୁ ଉତ୍କୋଚ ନେଇ ସରକାରଙ୍କୁ ବଦନାମ ଓ କ୍ଷତିରେ ପହଞ୍ଚାଇଥିଲେ ଏହାର ତଦନ୍ତ କରି ଯୁବ ଓକିଲ ମାନଙ୍କୁ ଅଗ୍ରାଧିକାର ଭାବରେ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଅନ୍ତୁ।

ସରକାରୀ ଆଇନଜୀବୀ ବ୍ୟବସ୍ଥାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଯେଉଁ ନିର୍ଦ୍ଦେଶାବଳୀ ରହିଛି ତାହା ହେଉଛି ଅଦାଲତରେ ମାମଲା ପରିଚାଳନା ସମୟରେ ଏଜି ବା ଆଡ଼ଭୋକେଟ ଜେନେରାଲ ହେଉଛନ୍ତି ସରକାରଙ୍କ ଆଇନ ପ୍ରତିନିଧି ଏବଂ ତାଙ୍କ ଦ୍ୱାରା ଆଇନଜୀବୀ ପ୍ୟାନେଲ ଗଠିତ ହୋଇଥାଏ। କୋର୍ଟରେ ଆଡ଼ଭୋକେଟ ଜେନେରାଲ ତଥା ସରକାରୀ ଆଇନଜୀବୀ ପ୍ୟାନେଲ ଉପରେ ସରକାରଙ୍କ ଜିତାପଟ ଓ ଅନେକ ମାମଲାରେ ସ୍ଥିତି ରକ୍ଷା ନିର୍ଭର କରେ। ସରକାର ଯାହା କରୁଛନ୍ତି ତାହା କେତେ ଦୂର ଠିକ ବା ତାହା ସାଧାରଣ ଲୋକଙ୍କ ପାଇଁ କ'ଣ ଆବଶ୍ୟକତା ରହିଛି ଏବଂ ସର୍ବୋପରି ସମସ୍ତ କାର୍ଯ୍ୟ ଆଇନର ନିୟମ କାନୁନ ପରିସୀମା ଭିତରେ ହେଉଛି କି ନାହିଁ ଏହାକୁ ବୁଝାଇବାର କାମ ହେଉଛି ଏହି ପ୍ୟାନେଲର। ଏଠାରେ ସୂଚନା ଦିଆଯାଇପାରେ ଯେ, ଏଜିଙ୍କ ପ୍ୟାନେଲରେ ଯେତେ ଦକ୍ଷ ଆଇନଜୀବୀ ରହିବେ ସେହିକ୍ରମରେ ସରକାର ମଧ ସେତେଟା ସକ୍ରିୟ ରହିବେ। ଆଇନଗତ ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ହାଇକୋର୍ଟରେ ଆଡ଼ଭୋକେଟ ଜେନେରାଲଙ୍କୁ ମିଶାଇ ଏହି ପ୍ୟାନେଲରେ ବିଭିନ୍ନ କୋର୍ଟରେ ମାମଲା ପରିଚାଳନା ପାଇଁ ୭୩ଜଣ ଆଇନଜୀବୀ ରହିବେ। ଜଣେ ଜିଏଙ୍କ ବ୍ୟତୀତ ୩୫ଜଣ ଏଜିଏ, ଜଣେ ଷ୍ଟାଣ୍ଡିଂ କାଉନସିଲ ଓ ୩୫ ଜଣ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ରହିବେ। ଏହି ପ୍ୟାନେଲରେ କେଉଁ ଆଇନଜୀବୀ, କେଉଁ ମାନଦଣ୍ଡ ଆଧାରରେ ମନୋନୀତ ହେବେ ଓ ସେମାନଙ୍କୁ ନିଯୁକ୍ତି ମିଳିବ ଏ ସଂକ୍ରାନ୍ତରେ ୨୦୧୫ ମସିହାରେ ସୁପ୍ରିମକୋର୍ଟଙ୍କ ଏକ ନିର୍ଦ୍ଦେଶାବଳୀ ରହିଛି। ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ପି.ଏସ.ଠାକୁର, ନ୍ୟାୟମୂର୍ତ୍ତି କୁରିଏନ୍ ଯୋଶେଫଙ୍କ ଏକ ଖଣ୍ଡପୀଠ ସ୍ପଷ୍ଟ ଭାବେ ନିର୍ଦ୍ଦେଶାବଳୀରେ କହିଥିଲେ କି ଯେ ରାଜନୈତିକ ଆନୁଗତ୍ୟ ଆଧାରରେ ଲ'ଅଫିସର ବା ଆଇନଜୀବୀଙ୍କୁ ନିଯୁକ୍ତି କରାଗଲେ ନ୍ୟାୟିକ କାର୍ଯ୍ୟ ଚାଲିପାରିବ ନାହିଁ ବରଂ ଦଳୀୟ ଆନୁଗତ୍ୟ ପରିବର୍ତ୍ତେ ଆଇନ ସମ୍ପର୍କରେ ଜ୍ଞାନ ଥିବା ସଚ୍ଚୋଟ ଓ ମେଧାବୀ ବ୍ୟକ୍ତିଙ୍କୁ ସରକାରୀ ଆଇନଜୀବୀ ଭାବେ ନିଯୁକ୍ତି ଦିଆଯିବା ଆବଶ୍ୟକ। କେବଳ ସେତିକି ନୁହେଁ ସୁପ୍ରିମକୋର୍ଟ ଆହୁରି ମଧ କହିଥିଲେ ଯେ ସରକାରୀ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ସରକାର ଏକ ପ୍ୟାନେଲ ପ୍ରସ୍ତୁତ କରିବେ ଏହା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟକୁ ପଠାଯିବ। ମୁଖ୍ୟ ବିଚାରପତିଙ୍କ ସହମତି ଅନୁମୋଦନ ପରେ ଏହି ପ୍ୟାନେଲ ଚୂଡ଼ାନ୍ତ ହେବ ଯଦିଓ ତତ୍କାଳୀନ ପଞ୍ଜାବ-ହରିୟାଣା ସରକାରଙ୍କ ସମୟରେ ସେଠାକାର ହାଇକୋର୍ଟରେ ସରକାରୀ ଆଇନଜୀବୀ ନିଯୁକ୍ତିକୁ ନେଇ ଦେଖାଦେଇଥିବା ସମସ୍ୟା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହି ଆଦେଶ ଦେବା ସହ ସମଗ୍ର ଦେଶରେ ସରକାରୀ ଆଇନଜୀବୀ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିବା ପାଇଁ ଏହି ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନେକ ରାଜ୍ୟରେ ଏବେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଆଧାରରେ ଏଜିଙ୍କ ପ୍ୟାନେଲ ଗଠନ ହୋଇ ଆସୁଅଛି ତଥାପି ଅନେକ ସମୟରେ ଅନେକ ରାଜ୍ୟରେ ଏଭଳି ଦଳୀୟ ଆନୁଗତ୍ୟକୁ ଗୁରୁତ୍ୱ ଦିଆଯାଉଛି ଯାହାର ବିଷମ ପରିଣତି ସ୍ୱରୂପ ଅନେକ ମାମଲାରେ ରାଜ୍ୟ ସରକାର ହାରି ଯାଉଛନ୍ତି ଏବଂ ସରକାରଙ୍କ ଆଇନଗତ ସମ୍ମାନ ତଳେ ପଡ଼ିଯାଉଛି। ତେଣୁ ଓଡ଼ିଶାରେ ସରକାର ଏହି ଦିଗ ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ।

ଅବସରପ୍ରାପ୍ତ ଜିଲ୍ଲା ଜଜ୍,
ପ୍ଲଟ ନଂ. ୧୨(ଏନ୍), ସୂର୍ଯ୍ୟ ବିହାର

# ପରମହଂସ ପ୍ରଜ୍ଞାନାନନ୍ଦ

॥ ହେମନ୍ତ କୁମାର ପରିଡ଼ା ॥

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆମ୍ଭମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍‌ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ "ମା' ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା। ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା'ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ । ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ । ତାଙ୍କ ସତ୍ ସଙ୍କଳ୍ପରୁ ଗଢ଼ି ଉଠିଛି ହରିହରାନନ୍ଦ ବାଳାଶ୍ରମ । ଯେଉଁଠାରେ ଅସହାୟ ନିସହାୟ ପିଲାମାନଙ୍କୁ ସାରା ଓଡ଼ିଶାରୁ ଖୋଜି ଖୋଜି ଅଣାଯାଇ ବିଦ୍ୟାଳୟରେ ସମସ୍ତ ସୁବ୍ୟବସ୍ଥା କରାଯାଇଥାଏ । ବାଳାଶ୍ରମ ଏକ ଉଚ୍ଚମାନର ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟ । ଦେଶର ବହୁସ୍ଥାନରେ ସେ ଗଢ଼ିଛନ୍ତି ହରିହରାନନ୍ଦ ଦାତବ୍ୟ ଚିକିତ୍ସାଳୟ । ଯେଉଁଠାରେ ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା ସହ ଔଷଧ ବିତରଣ କରାଯାଇଥାଏ । ଅନେକ କ୍ରିୟାଯୋଗ ଆଶ୍ରମ ଦେଶ ବିଦେଶରେ ପ୍ରତିଷ୍ଠା କରି ଲୋକମାନଙ୍କ ଭିତରେ ଶାନ୍ତି ଆନନ୍ଦ ଓ ଭାତୃଭାବର ପ୍ରତିଷ୍ଠା ପାଇଁ ଉଦ୍ୟମ କରିଛନ୍ତି । ହରିହରାନନ୍ଦ ଗୁରୁକୁଳମ୍ ହେଉଛି ଏକ ଅପୂର୍ବ ଆତ୍ମ ସାଧନା କେନ୍ଦ୍ର । ଏକ ସୁନ୍ଦର ମନୋରମ ଆଶ୍ରମ । ପୁରୀ କୋଣାର୍କ ବେଳାମାର୍ଗର ପୂର୍ବ ପାର୍ଶ୍ୱରେ ଅବସ୍ଥିତ ଏହି ଆଶ୍ରମ ଦର୍ଶନ ପାଇଁ ଟିକିଏ ବିଶ୍ରାମ ପାଇଁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ବ୍ୟକ୍ତିମାନେ ଧାଇଁ ଆସୁଛନ୍ତି। ପ୍ରଜ୍ଞାନାନନ୍ଦଜୀ ଜଣେ ବହୁଭାଷାବିତ୍ ଶାସ୍ତ୍ରଜ୍ଞ ବିଦ୍ୱାନ । ବିଶ୍ୱର ବହୁଧର୍ମ ଦର୍ଶନ ଉପରେ ତାଙ୍କର ଗଭୀର ପ୍ରବେଶ ଅଛି । ସାରା ବିଶ୍ୱ ଭ୍ରମଣ କରି ସେ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ଓ ପ୍ରଖ୍ୟାତ ପୀଠମାନଙ୍କରେ ଧର୍ମ, ଦର୍ଶନ, ଯୋଗ ଓ ସଂସ୍କୃତି ଉପରେ ତାଙ୍କର ବକ୍ତୃତା ପ୍ରଦାନ କରିଛନ୍ତି । ବିଶ୍ୱଧର୍ମ ସମ୍ମିଳନୀରେ ପ୍ରବଚନ ଦେଇ ଉପସ୍ଥିତ ବିଶ୍ୱବରେଣ୍ୟ ବ୍ୟକ୍ତିମାନଙ୍କୁ ମୁଗ୍ଧ କରିଦେଇଥିଲେ । ତାଙ୍କ ଲିଖିତ ଶତାଧିକ ପୁସ୍ତକ ଏବେ ବିଶ୍ୱର ମୁମୁକ୍ଷୁ ସାଧକ ମାନଙ୍କୁ ମାର୍ଗଦର୍ଶନ ଦେଉଛି । ହିନ୍ଦୁ ଧର୍ମର ଜଣେ ପ୍ରବକ୍ତା ହୋଇଥିଲେ ମଧ୍ୟ ସବୁ ଧର୍ମକୁ ସମାନ ସମ୍ମାନ ପ୍ରଦର୍ଶନ କରି ଜଣେ ସର୍ବଜନପ୍ରିୟ ସନ୍ଥ ଭାବେ ସର୍ବତ୍ର ପରିଚିତ । ସେ ଅତ୍ୟନ୍ତ ଜଗନ୍ନାଥ ପ୍ରେମୀ । ଜଗନ୍ନାଥଙ୍କ ପ୍ରତି ତାଙ୍କର ଅହେତୁକ ଭକ୍ତି ।

# ସାର୍ନା ଧର୍ମ କଲମ ଓ ହୋ ଭାଷାକୁ ଅଷ୍ଟମ ଅନୁସୂଚୀରେ ସାମିଲ ଦାବିରେ ରାଲି

କରଞ୍ଜିଆ, (ମହାଭାରତ): ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର, ଭାଷା, ସଂସ୍କୃତି ଓ ପାରମ୍ପରିକ ପ୍ରଥାର ସୁରକ୍ଷା ଦାବିରେ ଗୁରୁବାର ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାଠାରେ ଏକ ବିଶାଳ ରାଲି ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସାମାଜିକ ଶିକ୍ଷା ସାଂସ୍କୃତିକ ସଂଗଠନ, କେନ୍ଦୁଜିଆଣି ଏବଂ ଆଦିବାସୀ ମିଳିତ ମଞ୍ଚ, ଠାକୁରମୁଣ୍ଡାର ମିଳିତ ଆହ୍ୱାନରେ ଆୟୋଜିତ ଏହି ରାଲିରେ ଶହ ଶହ ଆଦିବାସୀ ମହିଳା ଓ ପୁରୁଷ ସାମିଲ ହୋଇ ନିଜ ଦାବି ଉପସ୍ଥାପନ କରିଥିଲେ। ରୁଗୁଡ଼ିବେଡ଼ା ଆମ୍ବତୋଟାରୁ ରାଲି ବାହାରି ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଆୟୋଜକମାନେ ଆଦିବାସୀ ସମାଜର ବିଭିନ୍ନ ସମସ୍ୟା ଓ ଅଧିକାର ସମ୍ପର୍କିତ ଛଅ ଦଫା ଦାବି ଉପସ୍ଥାପନ କରିଥିଲେ। ଏହି ଦାବିପତ୍ର ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ




ଉଦ୍ଦେଶ୍ୟରେ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କର ଏବଂ ବିଡିଓ ସ୍ୱପ୍ନେଶ୍ୱର ବେହେରାଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଆୟୋଜକ ସଂଗଠନ ପକ୍ଷରୁ ଆଦିବାସୀ ସମାଜର ପାରମ୍ପରିକ ଆଇନ, ଧର୍ମୀୟ ସ୍ୱତନ୍ତ୍ରତା, ଭାଷା ଓ ଶିକ୍ଷାର ଅଧିକାରକୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଆଦିବାସୀଙ୍କ ସ୍ୱତନ୍ତ୍ର ସାମାଜିକ ପରିଚୟ ଓ ସାଂସ୍କୃତିକ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ପାଇଁ ସରକାରଙ୍କ ନିକଟରେ ଦାବି ରଖାଯାଇଥିଲା। ଆଦିବାସୀ ସମାଜ ଉପରେ ସମାନ ନାଗରିକ ସଂହିତା ଲାଗୁ ନକରିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଆଦିବାସୀଙ୍କ ସ୍ୱାର୍ଥ ଓ ଅଧିକାରକୁ ପ୍ରଭାବିତ କରୁଥିବା କଲମ ୨ର ସଂଶୋଧନକୁ ବିରୋଧ କରି ଏହାର ପ୍ରତ୍ୟାହାର ଦାବି ରଖାଯାଇଛି। ଆଗାମୀ ଜନଗଣନାରେ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ସାର୍ନା ଧର୍ମ କଲମ କୋଡ୍ ରଖିବାକୁ ଦାବି ହୋଇଛି। ଏହାଦ୍ୱାରା ଆଦିବାସୀଙ୍କ ସ୍ୱତନ୍ତ୍ର ଧର୍ମୀୟ ପରିଚୟକୁ ସଠିକ୍ ଭାବେ ଲିପିବଦ୍ଧ କରାଯାଇପାରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଓ ପେସା ଆଇନରେ ପାରମ୍ପରିକ ଗ୍ରାମ ମୁଖିଆଙ୍କୁ ସାମିଲ କରିବାକୁ ଦାବି କରାଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଅଲଚିକି ଲିପି ସାନ୍ତାଳୀ ଭାଷାରେ ବାଲବାଟିକାଠାରୁ ସ୍ନାତକ ସ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏହାଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀ ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବା ସହ ନିଜ ଭାଷା ଓ ସଂସ୍କୃତିର ସୁରକ୍ଷା କରିପାରିବେ ବୋଲି ଆୟୋଜକମାନେ ମତ ରଖିଛନ୍ତି। ଏହି ରାଲିରେ ଆଦିବାସୀ ସାମାଜିକ ଶିକ୍ଷା ସାଂସ୍କୃତିକ ସଂଗଠନ, କେନ୍ଦୁଜିଆଣିର ସମ୍ପାଦକ ସୁରେନ୍ଦ୍ର ହାଁସଦା ଏବଂ ଆଦିବାସୀ ମିଳିତ ମଞ୍ଚ, ଠାକୁରମୁଣ୍ଡାର ସଭାପତି ସୁକୁଲାଲ ପାଲେୟାଙ୍କ ସମେତ ଜିତେନ୍ଦ୍ରନାଥ ହାଁସଦା, ସୂର୍ଯ୍ୟ ହେମ୍ବ୍ରମ, ସୁଦାମ ମାଝୀ ଓ କେନ୍ଦୁଝରର ଦିସମ ପାର୍ଣ୍ଣିକ ନିମୁ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

# ଲାଞ୍ଜିଗଡରେ ସାର୍ବଜନୀନ ଦୁର୍ଗାପୂଜା ରାବଣ ପୋଡି ସହ ସମ୍ପନ୍ନ

ଲାଞ୍ଜିଗଡ, (ମହାଭାରତ): ଲାଞ୍ଜିଗଡ ବ୍ଲକ ଶିଳ୍ପାଞ୍ଚଳ ଲାଞ୍ଜିଗଡ ଠାରେ ସାର୍ବଜନୀନ ଦୁର୍ଗାପୂଜା ମହା ଆଡମ୍ବରରେ ରାବଣ ପୋଡି ସହ ସମ୍ପୂର୍ଣ୍ଣ ହୋଇଯାଇଛି ଓ ଏ ବର୍ଷ ଲାଞ୍ଜିଗଡ ଦୁର୍ଗାପୂଜା ୬୧ ବର୍ଷରେ ପଦାର୍ପଣ କରିଥିବା ବେଳେ ଏକ ଗୌରବମୟ ଅତୀତକୁ ମନେ ପକାଇବା ସହିତ ନୂତନ ପ୍ରକାର ସାଜସଜ୍ଜାରେ ସଜେଇ ଏହି ପୂଜାକୁ ଆକର୍ଷଣୀୟ ଓ ଉତ୍ସବ ମୁଖର କରିବା ପାଇଁ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ସହିତ ମେଲୋଡି ପରିବେଷଣ ସହିତ ଦୋକାନ ବଜାର ଆଦି ଯୋଜନା ଓ ଶେଷ ଦିବସରେ ରାବଣ ପୋଡ଼ି ବ୍ୟବସ୍ଥା ରହିଥିବା ବେଳେ ଉକ୍ତ, ଶ୍ରଦ୍ଧାଳୁ ଓ କଳାପ୍ରେମୀ ଜନସାଧାରଣଙ୍କୁ ଅଭିଭୂତ ପୂଜାଛୁଟିର ଉପଭୋଗ ମାତ୍ରାକୁ ଦ୍ୱିଗୁଣିତ କରିଦେଇଥିଲା ଓ ଏହି ଅବସରରେ ଗୁରୁବାର ଅପରାହ୍ନରେ ଦୁର୍ଗା ପୂଜା କମିଟି ପକ୍ଷରୁ ଲାଞ୍ଜିଗଡ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏକ ବିରାଟ କଳସ ଯାତ୍ରାରେ ବାହାରି ନିକଟସ୍ଥ ବଂଶଧାରା ନଦୀରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଶୁକ୍ରବାର ଠାରୁ ଦେବୀ ଦୁର୍ଗାଙ୍କ ଷଷ୍ଠୀ ପୂଜା ଆରମ୍ଭ ହୋଇଥିବା ବେଳେ ସାର୍ବଜନୀନ ଦୁର୍ଗାପୂଜା କମିଟି ତରଫରୁ ଏଥର ଆକର୍ଷଣୀୟ ମୂର୍ତ୍ତି ସହିତ ମେଢ ଓ ମଣ୍ଡପ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ପାଞ୍ଚଦିନ ଧରି ଚାଲିଥିବା ଏହି ପୂଜାରେ କର୍ତ୍ତା ଭାବେ ପିତାମ୍ବର ଡ଼ମବିଶି ଓ ତାଙ୍କ ଧର୍ମ ପତ୍ନୀ ଦେବକୀ ଡ଼ମବିଶି ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଡ.ରୋହିତ କୁମାର ଆଚାର୍ଯ୍ୟ ରହିଥିବା ବେଳେ ତାଙ୍କ ସହିତ ଡ଼. ମୋହନ ପୁରୋହିତ, ଅଭିଷେକ ଦେବତା, ଦେବାଶିଷ ଦେବତା, ସୁରେନ୍ଦ୍ର ମିଶ୍ର, ପ୍ରବିନ ତ୍ରିପାଠୀ ଓ ସତ୍ୟବ୍ରତ ପଣ୍ଡା ରହିଛନ୍ତି। ପୂଜା ମଣ୍ଡପରେ ଦୀନବନ୍ଧୁ ବାରିକ,



ଲିଙ୍ଗରାଜ ବାରିକ ଓ ମନରଞ୍ଜନ ବାରିକ, ସନ୍ତୋଷ ମହାଖୁଡ଼, କମଳାକାନ୍ତ ମହାଖୁଡ ସହଯୋଗକରୁଛନ୍ତି। ଲାଞ୍ଜିଗଡ ହାଇସ୍କୁଲ ପଡିଆରେ ଆୟୋଜିତ ହୋଇଥିବା ଦୁର୍ଗା ପୂଜା ଏବଂ ରାବଣ ପୋଡି ଲାଞ୍ଜିଗଡ ଯୁବକ ସଂଘର ତତ୍ତ୍ୱାବଧାନରେ ହୋଇଥିବା ବେଳେ ରାମ, ଲକ୍ଷଣ ଓ ବାନରସେନା ସମସ୍ତେ ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡା. ନରେନ୍ଦ୍ର ଦାସ, ଲାଞ୍ଜିଗଡ ଥାନା ଏ ଏସ ଆଇ ବଳଭଦ୍ର ଗୌଡ଼ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେଶନିଆ, ଶରତ ସିଂ, ଶ୍ରୀ ମୁଖ ଅଗସ୍ତି, ବେଦାନ୍ତ ଅଗ୍ନିଶମ ବିଭାଗ ଭବାନୀ ଶଙ୍କର ନନ୍ଦ ପ୍ରମୁଖ ପ୍ରମୁଖ ରାବଣ ଦହନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେଶନିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ଏମ. ଚନ୍ଦ୍ରଶେଖର, ଉପସଭାପତି ଜୟନ୍ତ ମହାଖୁଡ଼, ସାଧାରଣ ସମ୍ପାଦକ ଭାବେ କିଶୋର ପେସନିଆ, ସହ ସଂପାଦକ ଭାବେ କାର୍ତ୍ତିକ ଓଡ଼ିଆ, କୋଷାଧକ୍ଷ ଭାବେ ସୁମନ୍ତ ଦଳବେହେରା, ସହ କୋଷାଧକ୍ଷ ଭାବେ ରାଘବ ଗହୀର ରହିଥିଲେ। ସେହିପରି ଆୟୋଜକ କମିଟି ପକ୍ଷରୁ ଲାଞ୍ଜିଗଡ ଯୁବକ ସଙ୍ଘ ସଭାପତି ହିମାଦ୍ରୀ ପେସନିଆ, ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା, ସଞ୍ଜୀବ ପେଶନିଆ, ସତ୍ୟନାରାୟଣ ନାଏକ ସମେତ ଲାଞ୍ଜିଗଡ ଯୁବକ ସଂଘ ସମସ୍ତ ସଦସ୍ୟ, ଲାଞ୍ଜିଗଡ ଡ୍ରାଇଭର ମହାସଂଘର କର୍ମକର୍ତ୍ତା ବୃନ୍ଦ ଓ ଅଞ୍ଚଳର ଯୁବଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଲାଞ୍ଜିଗଡ ଥାନା ଅଧିକାରୀ ଯଶୋବନ୍ତ ହିଆଲଙ୍କ ତତ୍ତ୍ୱାବଧାନରେ ଏ ଏସ ଆଇ ବଳଭଦ୍ର ଗୌଡ଼, ଏ ଏସ ଆଇ ସ୍ୱର୍ଣ୍ଣଲତା ଗମାଙ୍ଗଙ୍କ ସମେତ ଆଇଆରବି ପୁଲିସ ଓ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଲାଞ୍ଜିଗଡ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଓ ବେଦାନ୍ତ ଅଗ୍ନିଶମ ବିଭାଗ ଭବାନୀ ଶଙ୍କର ନନ୍ଦ ଉପସ୍ଥିତ ରହି ରାବଣ ପୋଡିରେ ବାଣ ଫୁଟୁଥିବା ସମୟରେ କୌଣସି ଦୁର୍ଘଟଣା ନ ଘଟିବା ପାଇଁ ସତର୍କତା ଅବଲମ୍ବନ କରି ପରିଚାଳନା କରୁଥିଲେ। ଏହି ଶେଷ ଦିନର ରାବଣ ପୋଡି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମ ଦେଖିବା ପାଇଁ ଉପସ୍ଥିତ ଥିଲେ। ଏହି ବର୍ଷ ପୂଜା କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିବା ବେଳେ ଗୁରୁବାର ମାଁଙ୍କର ବିସର୍ଜନ କରାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର, ପୋଖରିବନ୍ଧ, ଲାଞ୍ଜିଗଡରୋଡ ଓ ରାମଚନ୍ଦ୍ରପୁର ଠାରେ ମଧ୍ୟ ଦୁର୍ଗାପୂଜା ସମ୍ପନ୍ନ ହୋଇଯାଇଛି।

## ମାଟିଆ ସାହିରେ ଶ୍ରୀ ଶ୍ରୀ କାଞ୍ଚି କାମାକ୍ଷୀ ପୂଜା ଅନୁଷ୍ଠିତ

ଗଜପତି, (ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମାଟିଆ ସାହି ନିକଟରେ ଶ୍ରୀ ଶ୍ରୀ କାଞ୍ଚି କାମାକ୍ଷୀ ମାଆଙ୍କ ପୂଜା ଅନୁଷ୍ଠିତ ହେଉଅଛି। ମାଆ କାଞ୍ଚି କାମାକ୍ଷୀ ହେଉଛନ୍ତି ସୁନାରୀ ମାନଙ୍କର ଇଷ୍ଟ ଦେବୀ। ଏହି ପୂଜା କଲେ ସୁଖ, ଶାନ୍ତି, ଧନ, ସମ୍ପତ୍ତି ମାନ ଯଶ ସମୃଦ୍ଧି ଆରୋଗ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ପରିବାରର ମଙ୍ଗଳ ଆରୋଗ୍ୟ ପ୍ରବୃତ୍ତି କାମନା କରି ଏହି ପୂଜା କରାଯାଏ। ଏହି ପୂଜା ୫ ଦିନ କରାଯାଏ। ସକାଳୁ ମାଆଙ୍କ ନିକଟରେ କୁମ୍ଭ, ଦୀପ, ଧୂପ, ନୈବେଦ୍ୟ, ଫୁଲ, ଫଳ, ହୋମ, ଯଜ୍ଞ ସହ ଆଳତୀ କରାଯାଏ। ସେହିପରି ସନ୍ଧ୍ୟା ସମୟରେ ମାଆଙ୍କ ଦର୍ଶନ ସହ ସନ୍ଧ୍ୟା ଆଳତୀ ଦେଖିବା ଓ ମାଆଙ୍କ ଆଶୀର୍ବାଦ ନେବା ପାଇଁ ଭକ୍ତଙ୍କ ସମାଗମ ହେଉଛି। ଦୀର୍ଘ ବର୍ଷ ହେବ ଏହି ପୂଜା କରାଯାଉଛି। ଆଶ୍ୱିନ ମାସରେ ଏହି ପୂଜା କରାଯାଇଥାଏ ଓ ଦଶହରା ପରେ ମାଆଙ୍କୁ ବିସର୍ଜନ କରାଯାଏ। ଆଲୋକ ମାଳାରେ ସାହି ରାସ୍ତା ଝଲସି ଉଠୁଛି। ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ଜଗତଜନନୀ ମା ଦୁର୍ଗାଙ୍କୁ ଦର୍ଶନ କଲେ ବିଧାୟକ

ନୂଆଗାଁ ୨୨।୧୦ (ମହାଭାରତ ): ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଜଗତଜନନୀ ମା ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଯାଇଛି। ଏନେଇ ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ସୋରଡ଼ା ଗ୍ରାମପଞ୍ଚାୟତ ଅଧିନସ୍ଥ ଜଗନ୍ନାଥ ପ୍ରସାଦ ଓ ସୋରଡ଼ା ଗ୍ରାମରେ ଦୁର୍ଗାପୂଜା କମିଟି ତରଫରୁ ଆୟୋଜିତ ସୋମବାର ଜଗତଜନନୀ ମା ଦୁର୍ଗାଙ୍କ ମହାନବମୀ ପୂଜା ଉତ୍ସବରେ ମାନ୍ୟବର ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଯୋଗଦେଇ ମା'ଙ୍କୁ ଦର୍ଶନ କରିବା ସହ ବିଭୁକୃପା ଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ୧୭ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଦଳବେହେରା, ସ୍ଥାନୀୟ ସରପଞ୍ଚ ଫକୀର ମୋହନ ସାହୁ, ସୁଶାନ୍ତ କୁମାର ନାୟକ, ଡେଙ୍କେଣା ସରପଞ୍ଚ ତଥା ବ୍ଲକ ବିଜେଡ଼ି ସଭାପତି ଯୁଗଳ କିଶୋର ସାହୁ, ପାରାଡ଼ିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ, ପୂର୍ବତନ କୋରଡ଼ା ପଞ୍ଚାୟତ ସରପଞ୍ଚ ଗୋଲଖ ବିହାରୀ ଗୋଛାୟତ, ପୂର୍ବତନ ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଥିବା ବେଳେ ଅଜିତ କୁମାର ଡ଼ାକୁଆ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ବ୍ୟକ୍ତି ବିଶେଷ ମାନଙ୍କୁ ଉତ୍ତରୀୟ ଦେବା ସଙ୍ଗେ ସଙ୍ଗେ ଅଷ୍ଟମ ଓ ଦଶମ ଶ୍ରେଣୀ ପ୍ରଥମ ସ୍ଥାନ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଙ୍କୁ ସାର୍ଟିଫିକେଟ ସହ ଉତ୍ତରୀୟ ଦେଇ ବିଧାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପ୍ରତିବର୍ଷ ଜଗତଜନନୀ ମା ଦୁର୍ଗାଙ୍କ ପୂଜା ପାଳନ କରିଆସୁଥିବା ବେଳେ କିନ୍ତୁ ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତି ହେଉଥିବାରୁ ଜଗନ୍ନାଥ ପ୍ରସାଦର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ମା' ଦୁର୍ଗାଙ୍କ ପୂଜା ବହୁ ଆଡମ୍ବରେ ଅନୁଷ୍ଠିତ ହୋଇଥିଲା। ସେହିପରି କାପ୍ତାପଲ୍ଲୀ ଠାରେ ମା' ଘାଗୁଡ଼ିଦେବୀ ଯୁବକ କ୍ଲବ ଦ୍ୱାରା ବୁଧବାର ଆୟୋଜିତ ହୋଇଥିବା ସାର୍ବଜନୀନ ଦୁର୍ଗାପୂଜା ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଦଶପଲ୍ଲା ରମେଶ ଚନ୍ଦ୍ର ବେହେରା ଯୋଗଦେଇ ମା' ଦୁର୍ଗାଙ୍କୁ ଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଦିଲ୍ଲୀପ କୁମାର ଦଳବେହେରା, ସ୍ଥାନୀୟ ପୂର୍ବତନ ସରପଞ୍ଚ ହାଡ଼ିବନ୍ଧୁ ସାମନ୍ତରାୟ, ସମିତି ସଭ୍ୟା ସୁଷମା ଦଳବେହେରା, ପୂର୍ବତନ ସମିତି ସଭ୍ୟ ବିଭୁତି ଭୂଷଣ ବେହେରା, ଗୁମି ସମିତି ସଭ୍ୟ ତଥା ମା' ଘାଗୁଡ଼ିଦେବୀ ଯୁବକ କ୍ଲବର ସଭାପତି ସଞ୍ଜୀବ କୁମାର ଡ଼ାକୁଆ, ବେତନଟୀ ମାଳ ସଭାପତି ବିନୋଦ ପ୍ରଧାନ, ଗ୍ରାମ ସଭାପତି ଶିବରାମ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଭିନ୍ନ ପୂଜା ମଣ୍ଡପ ଗୁଡ଼ିକରେ ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ ଝଲସୁଥିବା ମେଢ଼ ଦେଖିବାକୁ ମିଳିଥିଲା। ମା'ଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏହି ପରିପ୍ରେକ୍ଷୀରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାରାଦୀପ ବେଳାଭୂମିରେ ମଦ୍ୟପଙ୍କ ଆଡ୍ଡା ! ସଫେଇ ଅଭିଯାନରେ ମିଳିଲା ବହୁ ମଦ ବୋତଲ, ପୋଲିସ ପାଟ୍ରୋଲିଂ ପାଇଁ ଦାବି

ପାରାଦୀପ, (ମହାଭାରତ): ପାରାଦୀପ ସମୁଦ୍ର ବେଳାଭୂମିରେ ପୁଣି ମଦ୍ୟପଙ୍କ ଆଡ୍ଡା ଜମିବା ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି। ଆଇପିଏସ୍ ଅଧିକାରୀ ଆଜିଂକ୍ୟ ବାବୁରାଓଙ୍କ କାର୍ଯ୍ୟାନୁଷ୍ଠାନ ଫଳରେ ଏସବୁ କାର୍ଯ୍ୟକଳାପ ପ୍ରାୟ ବନ୍ଦ ହୋଇଯାଇଥିବା ବେଳେ ତାଙ୍କର ବଦଳି ପରେ ବେଳାଭୂମିରେ ଏଭଳି ସ୍ଥିତି ପୁଣି ଦେଖାଦେଇଥିବା କୁହାଯାଉଛି। ଗତ ରବିବାର ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ ପକ୍ଷରୁ ନିୟମିତ ଅନ୍ତରରେ ଆୟୋଜିତ ସମୁଦ୍ର ବେଳାଭୂମି ସଫେଇ ଅଭିଯାନ ସମୟରେ ବହୁ ସଂଖ୍ୟାରେ ମଦ ବୋତଲ ମିଳିବା ପରେ ଏଭଳି ଘଟଣାକୁ ନେଇ ଚିନ୍ତା ବଢ଼ାଇଛି। ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନ ପ୍ରତ୍ୟେକ ରବିବାର ବେଳାଭୂମି ସଫେଇ କରିବା ସହ ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିଆସୁଛି। ବେଳାଭୂମିରେ ଏଣେତେଣେ ଆବର୍ଜନା ନ ପକାଇ ଡଷ୍ଟବିନ୍‌ରେ ପକାଇବାକୁ ସଂଘ ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଉଛି। କିନ୍ତୁ ବେଳାଭୂମିରେ ମଦ ବୋତଲ ଓ ଅନ୍ୟ ଆବର୍ଜନା ପଡ଼ି ରହିବା ସହରର ସ୍ୱଚ୍ଛତା ଏବଂ ପରିବେଶ ପାଇଁ ଏକ ଚିନ୍ତାଜନକ ବିଷୟ ହୋଇଛି। ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ତଥା ପାରାଦ୍ୱୀପ ପୌରପାଳିକାର ସ୍ୱଚ୍ଛତା ରାଷ୍ଟ୍ରଦୂତ ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି ଯେ, "ଆମକୁ ଫରକ ପଡ଼ୁଛି। ଆମ





ବେଳାଭୂମି ଓ ଆମ ସହରକୁ ସ୍ୱଚ୍ଛ, ସୁନ୍ଦର ଏବଂ ସୁସ୍ଥ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଛୋଟ ଛୋଟ ଦାୟିତ୍ୱ ତୁଲାଇଲେ ସ୍ୱଚ୍ଛ ପାରାଦ୍ୱୀପ, ସୁସ୍ଥ ପାରାଦ୍ୱୀପ ଗଠନ ସମ୍ଭବ ହେବ। ଏହାଦ୍ୱାରା ହିଁ ସ୍ୱଚ୍ଛ ଭାରତର ସ୍ୱପ୍ନ ସାକାର ହୋଇପାରିବ।' ନିଶାଠାରୁ ଦୂରେଇ ରହିବା ସହ ସମସ୍ତେ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବା ଉଚିତ। ବେଳାଭୂମିରେ ଲୋକଙ୍କ ବସିବା ପାଇଁ ଉଦ୍ଦିଷ୍ଟ ବେଞ୍ଚ୍ ?ଗୁଡ଼ିକରେ କିଛି ବ୍ୟକ୍ତି ମଦ୍ୟପାନ କରୁଥିବା ଏବଂ ମଦ୍ୟପମାନଙ୍କ ଉପଦ୍ରବ ନେଇ ଅଭିଯୋଗ ଆସୁଥିବାରୁ ଏହା ଉପରେ ତୁରନ୍ତ ରୋକ୍ ଲଗାଇବା ଆବଶ୍ୟକ। ବେଳାଭୂମିରେ ନିୟମିତ ପୋଲିସ ପାଟ୍ରୋଲିଂ କରିବା ସହ ମଦ୍ୟପାନ କରି ସାଧାରଣ ପରିବେଶକୁ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସେଶ୍ରୀ ମହାପାତ୍ର ପ୍ରଶାସନ ଓ ପୋଲିସକୁ ଅନୁରୋଧ କରିଛନ୍ତି। ବେଳାଭୂମି କେବଳ ଏକ ପର୍ଯ୍ୟଟନସ୍ଥଳୀ ନୁହେଁ, ଏହା ପାରାଦ୍ୱୀପର ପରିଚୟ। ତେଣୁ ଏହାର ସ୍ୱଚ୍ଛତା, ସୁରକ୍ଷା ଓ ଶାନ୍ତି ବଜାୟ ରଖିବା ପାଇଁ ପ୍ରଶାସନ ସହ ଜନସାଧାରଣ ମଧ୍ୟ ସହଯୋଗ କରିବା ଆବଶ୍ୟକ ବୋଲି ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି।

## କୁଜଙ୍ଗ କଲେଜର ନିର୍ବାଚନରେ ବିସିଜେଡିର ସମସ୍ତ ନିର୍ବାଚିତ ପ୍ରାର୍ଥୀଙ୍କୁ ବିଜେଡି ନେତା ସନ୍ତୋଷ ପଟ୍ଟନାୟକଙ୍କ ଅଭିନନ୍ଦନ

ପାରାଦୀପ/କୁଜଙ୍ଗ, (ମହାଭାରତ): ଗତ ଛାତ୍ର ସଂସଦ ନିର୍ବାଚନରେ କୁଜଙ୍ଗ କଲେଜରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ସମସ୍ତ ପ୍ୟାନେଲରେ ବିଜୟୀ ହୋଇ ନିଜର ଦବଦବା ଜାହିର କରିଛି। ଏହି ବିଜୟ ପରେ ବିଜୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ମାହୋଲ ଦେଖିବାକୁ ମିଳିଛି। କଲେଜରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସମାପନ ପରେ ସମସ୍ତ ବିଜୟୀ ପ୍ରାର୍ଥୀ ବିଜେଡିର ରାଜ୍ୟ ସମ୍ପାଦକ ତଥା ପାରାଦ୍ୱୀପର ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ସାକ୍ଷାତ କରି ତାଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି। ଛାତ୍ର ସଂସଦ ନିର୍ବାଚନରେ ସମସ୍ତ ପ୍ୟାନେଲ ର ବିଜୟ ପରେ



ବିସିଜେଡି ଶିବିରରେ ନୂଆ ଉତ୍ସାହ ସୃଷ୍ଟି କରିଥିବା ବେଳେ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନେ କଲେଜର ବିକାଶ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନକୁ ନିଜର ପ୍ରାଥମିକତା ଦେବେ ବୋଲି କହିଛନ୍ତି ଓ କୁଜଙ୍ଗ କଲେଜରେ ବିସିଜେଡିର ଏହି ବିଜୟ ଛାତ୍ର ରାଜନୀତିରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ତେବେ ଏହି ବିଜୟ ପାଇଁ ସମସ୍ତ ଶ୍ରେୟ ବିଜେଡି ନେତା ସନ୍ତୋଷ ପଟ୍ଟନାୟକ ଏବଂ ତାଙ୍କ ଭାଇ ଟୁଟୁ ପଟ୍ଟନାୟକ ଙ୍କର ବୋଲି ସମସ୍ତ ବିସିଜେଡି ଛାତ୍ରନେତା ମାନେ ଅବିହିତ କରିବା ସହ ତାଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

## ପଣ୍ଡିତ ଜବାହରଲାଲ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ସଫେଇ କାର୍ଯ୍ୟକ୍ରମ



ପାରାଦ୍ୱୀପ, (ମହାଭାରତ): ପାରାଦ୍ୱୀପର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବରୁ ପାରାଦ୍ୱୀପ ପୌରପାଳିକାର ବିଭିନ୍ନ ୱାର୍ଡରେ ସମୂହ ସଫେଇ ଅନୁଷ୍ଠିତ ହୋଇଥିଲା। ଗତକାଲି ରାବଣ ପୋଡ଼ି ଉତ୍ସବରେ ବ୍ୟାପକ ଅପରିଷ୍କାର ହୋଇ ଥିବା ସମୁଦ୍ର ବେଳାଭୂମିକୁ ଟ୍ରଷ୍ଟ ପକ୍ଷରୁ ସଫେଇ କରିବା ସହିତ ସ୍ୱଚ୍ଛ ପରିବେଶ ଓ ସୁସ୍ଥ ଜୀବନର ବାର୍ତ୍ତା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରସନ୍ନଜିତ ମାଇତି, ତ୍ରିନାଥ ମହାନ୍ତି, ବଗୁଲା ସିଂହ, କ୍ରିଷ୍ଣା ସିଂହ, ସନ୍ୟାସୀ ସିଂହ, ଶକ୍ତି ଭୋଇ, ମୁନା ସିଂହ, ରାଜା ତାମୁଡ଼ିଆ ସୁନାରାମ ତାମୁଡ଼ିଆ, ସର୍ଦ୍ଦାର ହାନାଗା ପ୍ରମୁଖ ପରିଚାଳନା କରିଥିଲେ।

# ବିକାଶ ବାଟରେ ଅପେକ୍ଷା ଧାତୁକ ଗ୍ରାମପଞ୍ଚାୟତ ! କେବେ ଗଡ଼ିବ 'ମୋ ବସ୍'

ପାଟଣାଗଡ, (ମହାଭାରତ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଧାତୁକ ଗ୍ରାମପଞ୍ଚାୟତରେ ଆଜି ବି ଯାତାୟାତ ସମସ୍ୟା ଲୋକଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ। ପଞ୍ଚାୟତ ଅଧୀନରେ ରହିଛି ଧାତୁକ, ବଡ଼ବାବେଜୁରୀ, ମଲ୍ଲିକମୁଣ୍ଡା ଓ ବରବାହାଲ ଭଳି ଚାରିଟି ଗାଁ। ଏହି ଗାଁଗୁଡ଼ିକରେ ପ୍ରାୟ ୫ ହଜାରରୁ ଅଧିକ ଲୋକ ବସବାସ କରୁଥିବାବେଳେ ପାଟଣାଗଡ଼ ସଦର ମହକୁମାର ଦୂରତା ପ୍ରାୟ ୧୮ କିଲୋମିଟର। ସୂଚନା ଅନୁଯାୟୀ, ପଞ୍ଚାୟତରୁ ପାଟଣାଗଡ଼କୁ ଯୋଗାଯୋଗ କରୁଥିବା ରାସ୍ତା ପିଚୁ ହୋଇଥିବା ସତ୍ତ୍ୱେ ଏଠାରେ ନିୟମିତ ବସ୍ ସେବା ନଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳକୁ କେବେ ବସ୍ ସେବା ମିଳିବ, ତାହାକୁ ନେଇ ଅପେକ୍ଷାରେ ଅଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ଚାରିଟି ଗାଁରୁ ପ୍ରତିଦିନ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ପାଟଣାଗଡ଼ର ବିଭିନ୍ନ ହାଇସ୍କୁଲ, ବାଳିକା ହାଇସ୍କୁଲ ଓ ଡିଗ୍ରୀ କଲେଜକୁ ପାଠ ପଢ଼ିବାକୁ ଯାଆନ୍ତି। କିନ୍ତୁ ବସ୍ ସେବା ନଥିବାରୁ ଅନେକ ଛାତ୍ରଛାତ୍ରୀ ଅଟୋ ଉପରେ ନିର୍ଭର କରୁଛନ୍ତି। ଏଥିପାଇଁ ଦୈନିକ ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଯାତାୟାତ ଖର୍ଚ୍ଚ ହେଉଥିବା ଅଭିଯୋଗ ହେଉଛି। ଏହା ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ଆର୍ଥିକ ବୋଝ ପାଲଟିଛି। ପଞ୍ଚାୟତରେ ଉନ୍ନତ ଚିକିତ୍ସା ସୁବିଧା ନଥିବାରୁ ଜରୁରୀ ସମୟରେ ରୋଗୀଙ୍କୁ ପାଟଣାଗଡ଼ ଡାକ୍ତରଖାନା ନେବାକୁ ପଡୁଛି। ନିୟମିତ ବସ୍ ସେବା ନଥିବାରୁ ରୋଗୀ, ବୟସ୍କ ଓ ଅନ୍ୟ ଜରୁରୀ କାମରେ ଯାଉଥିବା ଲୋକଙ୍କୁ ଅଧିକ ଅସୁବିଧା ଭୋଗିବାକୁ ପଡୁଛି। ସେହିପରି କୃଷକମାନେ କୃଷି ଓ ଉଦ୍ୟାନ ବିଭାଗ ସମ୍ବନ୍ଧୀୟ କାମ ପାଇଁ ଏବଂ ସାଧାରଣ ଲୋକେ ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଯିବା ପାଇଁ ଯାତାୟାତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବେ ପୂରଣ ହେବ ଗ୍ରାମବାସୀଙ୍କ ଦାବି ? ଗ୍ରାମାଞ୍ଚଳକୁ ଉନ୍ନତ ଯାତାୟାତ ସୁବିଧା ସହ ଯୋଡ଼ିବା ନେଇ ସରକାରୀ ଯୋଜନା ଓ ଘୋଷଣା ମଧ୍ୟରେ ଧାତୁକ ଗ୍ରାମପଞ୍ଚାୟତରେ ବସ୍ ସେବାର ଅଭାବକୁ ନେଇ ପ୍ରଶ୍ନ ଉଠୁଛି। ଏହି ପଞ୍ଚାୟତକୁ ମୋ ବସ୍ କିମ୍ବା ଅନ୍ୟ ନିୟମିତ ବସ୍ ସେବା ସହ ଯୋଡ଼ିବା ପାଇଁ ଗ୍ରାମବାସୀ ଦାବି କରୁଛନ୍ତି। ଏବେ ପ୍ରଶ୍ନ ଉଠୁଛି—ଧାତୁକ ପଞ୍ଚାୟତର ଚାରିଟି ଗାଁର ହଜାର ହଜାର ଲୋକଙ୍କ ଯାତାୟାତ ସମସ୍ୟାର ସମାଧାନ କେବେ ହେବ ? ସମ୍ପୃକ୍ତ ବିଭାଗ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଏଠାରେ ନିୟମିତ ବସ୍ ସେବା ଆରମ୍ଭ କରିବେ କି ? ଏବେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଶା ଓ ଅପେକ୍ଷା ଲାଗି ରହିଛି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ୬୭ତମ ପୋଲିସ ଶହୀଦ ସ୍ମୃତି ଦିବସ ୨୦୨୬ ପାଳିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ବେତା ଗୁଡା ରିଜର୍ଭ ପୋଲିସ ପଡିଆ ଠାରେ ୬୭ ତମ ପୋଲିସ ଶହୀଦ ସ୍ମୃତି ଦିବସ ୨୦୨୬ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଗଜପତି ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାଇ ମିନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୋଲିସ ଶହୀଦ ସ୍ମୃତି ଦିବସ ଉପରେ ନିଜର ଅଭିଭାଷଣ ପ୍ରଦାନ କରି ଥିଲେ ।ପରେ ଶହୀଦ ହୋଇ ଥିବା ପୋଲିସ କର୍ମଚାରୀଙ୍କ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କରିଥିଲେ ।ପରେ ଶହୀଦ ପରିବାରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇ ଥିଲା ।ଜିଲ୍ଲାର ସୁରକ୍ଷା, ସମାଜରେ ଶାନ୍ତି ରକ୍ଷା ଓ ଜନ ସେବା କ୍ଷେତ୍ରରେ ଗଜପତି ଜିଲ୍ଲା ପୋଲିସର ଦକ୍ଷତା ଉପରେ ନିଜର ବକ୍ତବ୍ୟ ପ୍ରକାଶ କରିଥିଲେ ।ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଙ୍କ ବାର୍ତ୍ତା ପଠନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାଧବାନନ୍ଦ ନାୟକ,ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି,ପ୍ୟାରେଡ଼ କମାଣ୍ଡର ଜଓ ଅଭିରାମ ଖଟୁଆ,ସେକେଣ୍ଡ କମାଣ୍ଡର ଖୁସି ରାମ ଭୋଇ, ଦୁଇ ପ୍ଲାଟୁନ ପୋଲିସ ପ୍ୟାରେଡ଼ କରିଥିଲେ ।ପୋଲିସ କନ୍ଦର୍ପ ପାତ୍ର ଓ ବହୁ ପୋଲିସ କର୍ମଚାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ମଞ୍ଚସ୍ଥ ହେଲା ସାମାଜିକ ନାଟକ ‘ଆସିଛି ଏକା, ଯିବି ମୁଁ ଏକା’



ଦଶପଲ୍ଲା, (ମହାଭାରତ): ପବିତ୍ର ଶାରଦୀୟ ଦୁର୍ଗାପୂଜା ଅବସରରେ ଉତ୍ସବମୁଖର ହୋଇଉଠିଛି ସମଗ୍ର ଦଶପଲ୍ଲା ଅଞ୍ଚଳ । ଦୁର୍ଗାବଜାରସ୍ଥିତ ସ୍ଥାୟୀ ଦୁର୍ଗାମଣ୍ଡପ ଏବଂ ଘରୋଇ ମୋଟର କର୍ମଚାରୀ ସଂଘର ପୂଜାମଣ୍ଡପରେ ଜଗତଜନନୀ ମା’ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଥିବା ବେଳେ ବିଭିନ୍ନ ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତ ଓ ଦର୍ଶକଙ୍କୁ ଆକୃଷ୍ଟ କରୁଛି ।ଏହି ଅବସରରେ ଦୁର୍ଗାବଜାର ପୂଜାମଣ୍ଡପଠାରେ ବିଜୟା ଦଶମୀ ଉପଲକ୍ଷେ ନିର୍ଦ୍ଦେଶକ ତ୍ରିନାଥ ସା ?ଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ ‘ଆସିଛି ଏକା, ଯିବି ମୁଁ ଏକା’ ମଞ୍ଚସ୍ଥ ହୋଇଥିଲା । ନାଟକରେ ସମସ୍ତ କଳାକାରଙ୍କ ଅଭିନୟ ଉଚ୍ଚକୋଟୀର ହୋଇଥିବା ବେଳେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ପେଣ୍ଟର ଅଞ୍ଜନ କୁମାର ମହାରଣାଙ୍କ ଅଭିନୟ ବିଶେଷ ଭାବେ ଦର୍ଶକଙ୍କ ମନ ଜିଣିଥିଲା । ତାଙ୍କ ଅଭିନୟକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ? ଚର୍ଚ୍ଚା ହୋଇଥିଲା ।ନାଟକ ଦେଖିବା ପାଇଁ ମଣ୍ଡପରେ ପ୍ରବଳ ଜନସମାଗମ ହୋଇଥିଲା । ଉତ୍ସବରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଟ୍ରାଫିକ୍ ? ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନ ଓ ପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଧାର୍ମିକ ଉତ୍ସାହ ସାଙ୍ଗକୁ ସାଂସ୍କୃତିକ ପରିବେଶ ଦଶପଲ୍ଲାର ଦୁର୍ଗାପୂଜା ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା ।

## ଗୋବିନ୍ଦପୁରରେ ନୀଳ ସରସ୍ୱତୀଙ୍କ ପୂଜା ଅବସରରେ ତିନି ରାତି ଧରି ବାଦି ପାଲା ଆସର

ଧାମନଗର (ମହାଭାରତ)ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ମା’ ନୀଳ ସରସ୍ୱତୀ ଦେବୀଙ୍କ ପୂଜା ଉପଲକ୍ଷେ ତିନି ରାତି ଧରି ଆୟୋଜିତ ହୋଇଥିଲା ଆକର୍ଷଣୀୟ ବାଦି ପାଲା କାର୍ଯ୍ୟକ୍ରମ । ଏହି ଧାର୍ମିକ ଓ ସାଂସ୍କୃତିକ ଆସରରେ ପାଲା ପରିବେଷଣ କରିଥିଲେ ପ୍ରଭାତୀ ସ୍ୱାଇଁ ଓ ତାଙ୍କ ସାଥୀ ଏବଂ ଗୀତାଞ୍ଜଳି ବେହୁରା ଓ ତାଙ୍କ ସାଥୀ ।ପାରମ୍ପରିକ ଓଡ଼ିଆ ଲୋକକଳା ଓ ସଂସ୍କୃତିର ଅନନ୍ୟ ପରିଚୟ ବାଦି ପାଲା ମାଧ୍ୟମରେ ଭକ୍ତି, ଆଧ୍ୟାତ୍ମିକତା ଓ ନୀତିଶିକ୍ଷାର ବାର୍ତ୍ତା ପରିବେଷଣ କରାଯାଇଥିଲା । ମା’ ନୀଳ ସରସ୍ୱତୀଙ୍କ ପୂଜାକୁ କେନ୍ଦ୍ର କରି ଗ୍ରାମରେ ଏକ ଭକ୍ତିମୟ ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା । ଓଡ଼ିଶାର ପାରମ୍ପରିକ ପାଲା ସଂସ୍କୃତିକୁ ଉଜ୍ଜୀବିତ ରଖିବା ସହ ଏହିପରି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଧାର୍ମିକ ଭାବନା ଓ ସାଂସ୍କୃତିକ ଏକତାକୁ ଆହୁରି ସୁଦୃଢ଼ କରିଥାଏ ।

## ରେଢ଼ାଖୋଲରେ କଂଗ୍ରେସର ଦେବଦର୍ଶନ ଓ ସାଂଗଠନିକ ଗସ୍ତ

ରେଢ଼ାଖୋଲ(ମହାଭାରତ)ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଏବଂ କର୍ମୀମାନଙ୍କ ସହ ସୁସମ୍ପର୍କ ସ୍ଥାପନ ଲକ୍ଷ୍ୟରେ ରେଢ଼ାଖୋଲ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ଦେବଦର୍ଶନ ଓ ସାଂଗଠନିକ ଗସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଇଞ୍ଜିନିୟର ଅମିତ ଗୁରୁ ଓ ବ୍ଲକ କଂଗ୍ରେସ ସଭାପତି ଅମରେଶ ପ୍ରଧାନଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଆମଦର ସେରଣୀ ମନ୍ଦିର, ବଡ଼ମାଳ ଶନି ମନ୍ଦିର, ଦୁର୍ଗା ମନ୍ଦିର ଏବଂ ବଉଁଶାଜାଲସ୍ଥିତ ସୁହାନି ଦେବୀଙ୍କ ପୀଠ ପରିଦର୍ଶନ କରି ଦେବଦର୍ଶନ କରିଥିଲେ ।ଦେବଦର୍ଶନ ପରେ ନେତୃବୃନ୍ଦ ଚାରମାଳ ଓ କିସିଣ୍ଡା ଅଞ୍ଚଳ ଗସ୍ତ କରି ସ୍ଥାନୀୟ କଂଗ୍ରେସ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଦଳର ସାଂଗଠନିକ ସ୍ଥିତି, କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଏବଂ ଆଗାମୀ ଦିନରେ ସଂଗଠନକୁ ଅଧିକ ସକ୍ରିୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜା ଭାଇ, ଶେଷଦେବ, ରଞ୍ଜନ, ସଞ୍ଜୟ ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ । ଦେବଦର୍ଶନ ସହ ଏହି ସାଂଗଠନିକ ଗସ୍ତ ମାଧ୍ୟମରେ ଦଳୀୟ କର୍ମୀଙ୍କ ମଧ୍ୟରେ ଏକତା ଓ ସମନ୍ୱୟ ବୃଦ୍ଧି କରିବାକୁ ଦଳ ପକ୍ଷରୁ ପ୍ରୟାସ କରାଯାଇଥିଲା ।

# ଖଡ଼ିଆଳରେ ସମଲେଶ୍ୱରୀ ଓ ରକ୍ତାମ୍ବରୀଙ୍କ ଯୁଡ଼ା ଛତର ଯାତ୍ରା ଅନୁଷ୍ଠିତ

ନୂଆପଡା:(ମହାଭାରତ) ଖଡ଼ିଆଳ ଗଡ଼ଜାତ ଅଞ୍ଚଳର ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଓ ଗଡ଼ରକ୍ଷକ ଦେବୀ ମାଁ ରକ୍ତାମ୍ବରୀଙ୍କ ପ୍ରସିଦ୍ଧ ଯୁଡ଼ା ଛତର ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପାରମ୍ପରିକ ଧାର୍ମିକ ଯାତ୍ରାକୁ ଦେଖିବା ପାଇଁ ଖଡ଼ିଆଳ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଶୋଭାଯାତ୍ରାରେ ବିଭିନ୍ନ ସାସ୍କୃତିକ ଦଳ ଯୋଗ ଦେଇ ଭକ୍ତ ମାନଙ୍କ ମନ ମୋହିଥିଲା । ବର୍ଷକୁ ମାତ୍ର ଥରେ ଦୁଇ ଦେବୀଙ୍କୁ ଏକତ୍ର ଦର୍ଶନ କରିବାର ଏହି ବିରଳ ଅବସର ଯାତ୍ରାର ମୁଖ୍ୟ ଆକର୍ଷଣ ରହିଥିଲା । ପରମ୍ପରା ଅନୁଯାୟୀ, ବିଜୟା ଦଶମୀ ଦିନ ଦୁଇ ଦେବୀ ନିଜ ନିଜ ମନ୍ଦିରରୁ ଛତରରେ ବିରାଜମାନ ହୋଇ ଖଡ଼ିଆଳ ନଗର ପରିକ୍ରମା କରିଥାନ୍ତି । ପ୍ରଥମେ ରାଜବାଟୀରେ ପହଞ୍ଚି ରାଜ ପରିବାର ପକ୍ଷରୁ ପୂଜାର୍ଚ୍ଚନା ଗ୍ରହଣ କରିବା ପରେ ପରିବାରର ବିଭିନ୍ନ ସଦସ୍ୟଙ୍କ ଘରେ ଦେବୀଦ୍ୱୟଙ୍କ ପୂଜାବିଧି ସମ୍ପନ୍ନ ହୋଇଥାଏ । ଘରୋଇ ପୂଜା ସମାପ୍ତ ହେବା ପରେ ରାଜବାଟୀ ଠାରେ ଉଭୟ ଦେବୀଙ୍କ ଛତର ଏକତ୍ରିତ ହୋଇଥାଏ । ଏହି ସମୟରେ ରାଜା ସାହେବ ଦେବ ଦେବ ସିଂ ଦେଓ ଉପସ୍ଥିତ ରହିଥାନ୍ତି । ଦୁଇ ଦେବୀଙ୍କ ମଧ୍ୟଭାଗରେ ରାଜା ସାହେବ ଠିଆ ହୋଇ ପୂଜାବିଧିରେ ସାମିଲ



ହେବା ସହ ଦେବୀଦ୍ୱୟଙ୍କୁ ପ୍ରଣାମ କରିଥାନ୍ତି । ଏହି ସମୟରେ ଉଭୟ ଶକ୍ତିସ୍ୱରୂପା ଦେବୀଙ୍କ ଏକତ୍ର ଦର୍ଶନ ଭକ୍ତମାନଙ୍କ ପାଇଁ ଏକ ବିରଳ ଅନୁଭୂତି ହୋଇଥାଏ । ରାଜା ସାହେବଙ୍କ ପ୍ରଣାମ ପରେ ପ୍ରଥମେ ମାଁ ରକ୍ତାମ୍ବରୀଙ୍କ ଯୁଡ଼ା ଛତର ଯାତ୍ରା ଆରମ୍ଭ ହୋଇଥାଏ । ଏହାପରେ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ଓ ପ୍ରଣାମ ପରେ ତାଙ୍କ ଛତର ମଧ୍ୟ ଯାତ୍ରାରେ ବାହାରିଥାଏ । ସେବାୟତମାନେ ଯଥେଷ୍ଟ ଯତ୍ନ ଓ ସତର୍କତାର ସହ ଧାର୍ମିକ ପରମ୍ପରା ପାଳନ କରି ଗୋଟିଏ ରାସ୍ତାରେ ଉଭୟ ଦେବୀଙ୍କ ଯାତ୍ରାକୁ ଆଗପଛ ହୋଇ ପରିଚାଳନା କରିଥାନ୍ତି । ରାଜବାଟୀରୁ ଆରମ୍ଭ ହୋଇଥିବା ଯୁଡ଼ା ଛତର ଯାତ୍ରା ଖଡ଼ିଆଳ ସହର ପରିକ୍ରମା କରି ପୁଣି ରାଜବାଟୀରେ ପହଞ୍ଚିଥାଏ । ଏହାପରେ ପାରମ୍ପରିକ ଖପର ଚୁପା ଯାତ୍ରା ସମ୍ପନ୍ନ ହେବା ପରେ ଦେବୀଦ୍ୱୟ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।ଖଡ଼ିଆଳର ଐତିହାସିକ ଗଡ଼ଜାତ ପରମ୍ପରା ଓ ଧାର୍ମିକ ଆସ୍ଥାର ପ୍ରତୀକ ଭାବେ ପରିଚିତ ଏହି ଯୁଡ଼ା ଛତର ଯାତ୍ରା ସ୍ଥାନୀୟ ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ଉଜ୍ଜୀବିତ କରି ରଖିଛି ।

## ପାଟଣାଗଡ଼ ବଏଲ ଯାତ୍ରାରେ ଜନସମୁଦ୍ର ମା’ ପାଟଣେଶ୍ୱରୀଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ପାଟଣାଗଡ଼ ( ମହାଭାରତ ) ଆସ୍ଥା, ପରମ୍ପରା ଓ ଐତିହ୍ୟର ଅନନ୍ୟ ସଙ୍ଗମ ପାଟଣାଗଡ଼ର ପ୍ରସିଦ୍ଧ ବଏଲ ଯାତ୍ରାରେ ଦେଖିବାକୁ ମିଳିଥିଲା ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ । ମା’ ପାଟଣେଶ୍ୱରୀଙ୍କ ଏହି ପାରମ୍ପରିକ ଯାତ୍ରାକୁ ଦର୍ଶନ କରିବା ପାଇଁ ପାଟଣାଗଡ଼ ସହର ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ଯାତ୍ରା ପଡ଼ିଆ, ଗଡ଼ଭିତର ଓ ସହରର ବିଭିନ୍ନ ଅଞ୍ଚଳ ଭକ୍ତଙ୍କ ଭିଡ଼ରେ ଉତ୍ସବମୁଖର ହୋଇଉଠିଥିଲା ।ପରମ୍ପରା ଅନୁଯାୟୀ, ବର୍ଷକୁ ଥରେ ଦଶହରା ଅବସରରେ ଦେବୀ ବରୁଆଙ୍କ ଦେହରେ ବିଜେ ହୋଇ ନଗର ପରିକ୍ରମା କରିବା ସହ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଢୋଲ, ମୁହୁରୀ ଓ ଘଣ୍ଟର ଗମ୍ଭୀର ନାଦରେ ଶକ୍ତିପୀଠ ପରିବେଶ ଭକ୍ତିମୟ ହୋଇଉଠିଥିଲା । ଦେବୀଙ୍କ ପାଟଖଣ୍ଡା ଧରି ବରୁଆଙ୍କ ପାରମ୍ପରିକ ରୀତିନୀତି ପାଳନ କରାଯାଇଥିଲା । ଏହି ପରମ୍ପରାର ଏକ ଅଂଶ ଭାବେ ପାଳିତ ଖପର ଚୁପାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ଆସ୍ଥା ରହିଛି ।ଲୋକକଥା ଓ ପାରମ୍ପରିକ ବିଶ୍ୱାସ ଅନୁଯାୟୀ, ପାଟଣାଗଡ଼ର ବଏଲ ଯାତ୍ରାର ଇତିହାସ ହଜାରେ ବର୍ଷରୁ ଅଧିକ ପୁରୁଣା । ରାଜତନ୍ତ୍ର ସମୟରୁ ଚାଲିଆସୁଥିବା ଏହି ଯାତ୍ରା ଆଜି ମଧ୍ୟ ନିଜର ପାରମ୍ପରିକ ମହତ୍ତ୍ୱ ବଜାୟ ରଖିଛି । ରାଜବଂଶର ପତନ ପରେ ମଧ୍ୟ ଏହି ଧାର୍ମିକ ପରମ୍ପରା ଅତୁଟ



ରହିଥିବାରୁ ଏହା ପାଟଣାଗଡ଼ର ସାଂସ୍କୃତିକ ପରିଚୟର ଏକ ପ୍ରମୁଖ ଅଂଶ ହୋଇରହିଛି ।ବଏଲ ଯାତ୍ରାର ଅନ୍ୟତମ ଆକର୍ଷଣ ହେଉଛି ରାଜଖମାରଠାରେ ମା’ ପାଟଣେଶ୍ୱରୀଙ୍କ ସାନଭଉଣୀ ମା’ ଦଶମତିଙ୍କ ସହ ସାକ୍ଷାତ ପରମ୍ପରା । ଏହି ସମୟରେ ପାଟଣା ମହାରାଜ ତଥା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ଦେବୀଙ୍କ ସହ ମହାରାଜଙ୍କ ପାରମ୍ପରିକ ରୀତିନୀତି ଓ ନୃତ୍ୟର ଦୃଶ୍ୟକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା । ମା’ ପାଟଣେଶ୍ୱରୀଙ୍କ ପରେ ମା’ ଡଙ୍ଗେଇ ଓ ଶେଷରେ ମା’ ସମଲେଶ୍ୱରୀଙ୍କ ବଏଲ ଯାତ୍ରା ଅନୁଷ୍ଠିତ ହୋଇଥାଏ । ମା’ ସମଲେଶ୍ୱରୀଙ୍କ ଯାତ୍ରା ସମୟରେ ଭକ୍ତମାନେ ରାସ୍ତାର ଉଭୟ ପାର୍ଶ୍ୱରେ ପୂର୍ଣ୍ଣକଳସ ସ୍ଥାପନ କରି ଦେବୀଙ୍କୁ ସ୍ୱାଗତ କରିଥିଲେ । ଗଡ଼ଭିତରରେ ପହଞ୍ଚିବା ପରେ ସ୍ୱତନ୍ତ୍ର ପାଟଢୋଲ ଉପରେ ଦେବୀଙ୍କ ବରୁଆଙ୍କ ନୃତ୍ୟ ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମିଥିଲା ।ଏତେ ବଡ଼ ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ଓ ପ୍ରଶାସନ ପକ୍ଷରୁ ସହରରେ ସୁରକ୍ଷା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା । ପାଟଣାଗଡ଼ ଏସ୍‌ଡିପିଓ ନିଜେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ଓ ଟ୍ରାଫିକ୍ ପରିଚାଳନାର ତଦାରଖ କରିଥିଲେ । ସେହିପରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପାଟଣାଗଡ଼ ଉପଜିଲ୍ଲାପାଳ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

## ରେଢ଼ାଖୋଲରେ ଧୁମ୍‌ଧାମରେ ରାବଣ ପୋଡ଼ି ମହୋତ୍ସବ ଜଳିଲା ୪୦ ଫୁଟ୍‌ର ରାବଣ



ରେଢ଼ାଖୋଲ (ମହାଭାରତ ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର କଦମ୍ବ ପଡ଼ିଆଠାରେ ମଙ୍ଗଳବାର ସନ୍ଧ୍ୟାରେ ଦଶମ ରାବଣ ପୋଡ଼ି ମହୋତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ଆବାହକ ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଏହି ମହୋତ୍ସବରେ ୪୦ ଫୁଟ୍ ଉଚ୍ଚତାର ରାବଣ ପୁତ୍ତଳିକା ଦହନ ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ହଜାର ହଜାର ଦର୍ଶକ ଏହାକୁ ଉପଭୋଗ କରିଥିଲେ । ମହୋତ୍ସବ ଅବସରରେ କମିଟିର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରମାକାନ୍ତ ମହାନନ୍ଦଙ୍କ ସ୍ମୃତିରେ ମଞ୍ଚକୁ ‘ରମାକାନ୍ତ ମଣ୍ଡପ’ ନାମରେ ନାମିତ କରାଯାଇଥିଲା । ଏଥିସହ କମିଟି ସଦସ୍ୟ ସ୍ୱର୍ଗତ ବବଲୁ ଦେଓଙ୍କ ବିୟୋଗରେ ଏକ ମିନିଟ୍ ? ନୀରବ ପ୍ରାର୍ଥନା କରାଯାଇ ଉଭୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ସରୋଜ ପ୍ରଧାନ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ରାବଣ ପୋଡ଼ି ଅହଙ୍କାର ଉପରେ ସତ୍ୟ ଓ ଧର୍ମର ବିଜୟର ପ୍ରତୀକ ବୋଲି ସେ ମତବ୍ୟକ୍ତ କରିଥିଲେ । ସମାଜରେ ରହିଥିବା ଅହଙ୍କାର, ହିଂସା ଓ ଅସତ୍ୟକୁ ଦୂର କରି ପ୍ରେମ, ଶାନ୍ତି ଓ ସତ୍ୟର ପ୍ରତିଷ୍ଠା କରିବା ଆବଶ୍ୟକ ବୋଲି ସେ କହିଥିଲେ । ଏଥିସହ ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଥିବା ବେଳେ ରେଢ଼ାଖୋଲ ଅଞ୍ଚଳ ମଧ୍ୟ ବିକାଶ ପଥରେ ଆଗେଇ ଚାଲିଥିବା ସେ ପ୍ରକାଶ କରିଥିଲେ । ମହୋତ୍ସବର ସଭାପତି ତଥା ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଏନ୍‌ଏସି ନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ହୀରାଞ୍ଚଳ ଖବରକାଗଜର ମୁଖ୍ୟ ସମ୍ପାଦକ ଯୁଗଳ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲ୍ଲା ଉପାଧ୍ୟକ୍ଷା ସୁଷମା ମୁଣ୍ଡା ଓ ବିଜେପି ଯୁବମୋର୍ଚ୍ଚା ନଗର ସଭାପତି ସୂର୍ଯ୍ୟ ପ୍ରକାଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ରାଜନୀତିରୁ ଊର୍ଦ୍ଧ୍ୱରେ ରହି ପରମ୍ପରା ଓ ସଂସ୍କୃତିର ସୁରକ୍ଷା କରିବା ସହ ନିଜ ଭିତରେ ଥିବା ଅହଙ୍କାରକୁ ଦୂର କରି ସତ୍ୟ ମାର୍ଗରେ ଚାଲିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଉତ୍ସବରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ‘ରାବଣ ବଧ’ ଗୀତିନାଟ୍ୟ ଓ ‘ରାବଣ ଦରବାର’ ପରିବେଷଣ କରାଯାଇଥିଲା । ବଡ଼ମାଳର ମାହେଶ୍ୱରୀ ନୃତ୍ୟଦଳ ପକ୍ଷରୁ ସ୍ୱାଗତ ଲଙ୍କେଶ୍ୱର ନୃତ୍ୟ ସହ ସମ୍ବଲପୁରୀ ଗୀତ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା ।ରେଢ଼ାଖୋଲ ଏନ୍‌ଏସି ଅଞ୍ଚଳରେ ଗତ ପାଞ୍ଚ ବର୍ଷ ମଧ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିବାରୁ ନାଟକରେ ମହାରାଜ ରାବଣ ଭୂମିକାରେ ଅଭିନୟ କରିଥିବା ସଞ୍ଜୟ ବେହେରା ଏନ୍ ?ଏସି ଅଧ୍ୟକ୍ଷ ଶିବରାମ ସାହୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ଏଥିସହ ନାଟ୍ୟଗୁରୁ ଅବିନାଶ ପ୍ରଧାନଙ୍କୁ ମଧ୍ୟ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଉପସ୍ଥାପକ ଅନିଲ ମେହେର ପରିଚାଳନା କରିଥିଲେ । ରାବଣ ଭୂମିକାରେ ସଞ୍ଜୟ ବେହେରା, ରାମ ଭୂମିକାରେ ଟୁନା ମେହେର, ଲକ୍ଷ୍ମଣ ଭୂମିକାରେ ଅନୁଭବ ସିଂଦେଓ, ହନୁମାନ ଭୂମିକାରେ ହରିବନ୍ଧୁ ସୁନା, ଶୁକ ଭୂମିକାରେ ଜଗବନ୍ଧୁ ପ୍ରଧାନ, ଶାରଣ ଭୂମିକାରେ ଶ୍ରବଣ ନାୟକ, ବିଭୀଷଣ ଭୂମିକାରେ ଯୁଧିଷ୍ଠିର ବାଜେଣୀ, ସୁଗ୍ରୀବ ଭୂମିକାରେ ନରେନ୍ଦ୍ର ମିର୍ଦ୍ଧା ଏବଂ ଦେବୀ ଦୁର୍ଗା ଭୂମିକାରେ ଜୟଶ୍ରୀ ବାଜେଣୀ ଓ ସ୍ନେହା ଜେନା ଅଭିନୟ କରିଥିଲେ ।ଶେଷରେ ଆତସବାଜିର ଚିତ୍ତାକର୍ଷକ ପ୍ରଦର୍ଶନ ମଧ୍ୟରେ ୪୦ ଫୁଟ୍ ଉଚ୍ଚତା ବିଶିଷ୍ଟ ରାବଣ ପୁତ୍ତଳିକା ଦହନ କରାଯାଇଥିଲା । ଏହି ଦୃଶ୍ୟକୁ ଦେଖିବା ପାଇଁ କଦମ୍ବ ପଡ଼ିଆରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । କାର୍ଯ୍ୟକ୍ରମର ସଫଳ ଆୟୋଜନରେ କାଉନସିଲର ଅମରେଶ ନାଏକ, ସମ୍ପାଦକ ଅନିଲ ପୃଷ୍ଟି, ପ୍ରକାଶ ମୁଖୀ, ଦିଲ୍ଲୀପ ଲାଉରୀଆ, ଲବ ଷଡ଼େ, ଈଶ୍ୱର ବାଘ, ଜଗା ସିଂ, ପ୍ରମୋଦ ନାଗ, ସୁଧାଂଶୁ ପୁରୋହିତ, ସିକୁନ ମହାନ୍ତିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଟ୍ରକ ଧକ୍କାରେ ସ୍କୁଟି ଚାଳକ ଓ ସ୍ତ୍ରୀ ଗୁରୁତର

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଧାନବେଣୀ ସ୍କୁଲ ନିକଟରେ ସଡ଼କ ଦୃଘଟଣା ଘଟି ଛି । ସ୍କୁଟି କୁ ଟ୍ରକ ଧକ୍କା ଦେଇ ଥିଲା ଫଳ ରେ ସ୍କୁଟି ଚାଳକ ଓ ସ୍ତ୍ରୀ ସହ ପୁଅ ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି ହୋଇ ଛନ୍ତି । ଗୁରୁତର ମାନେ ଗୁଲୁଦିପଶି ଗ୍ରାମର ଭୀମସେନ ସେନାପତି,ସ୍ତ୍ରୀ- ଅଞ୍ଜନା ମହାକୁଡ଼,ପୁଅ- ବିବେକାନନ୍ଦ ସେନାପତି ବୋଲି ଜଣାପଡି ଛି । ସୂଚନା ରୁ ପ୍ରକାଶ ଭୀମସେନ ସ୍ତ୍ରୀ-ଅଞ୍ଜନା ପୁଅ-ବିବେକାନନ୍ଦ କରଞ୍ଜିଆ ରୁ କୌଣସି କାମରେ ଯାଇ ଫେରୁଥିବା ସମୟରେ ଖଡକପୁର ଏକ ଟ୍ରକ ଟି କୌଣସି ଜିନିଷ ରୁ ଓହ୍ଲାଇ ଢେଙ୍କିକୋଟ ଅଭିମୁଖେ ଟ୍ରକ ନେଇ ଡ୍ରାଇଭର ସୁରେଶ ଲୋହର ଫେରୁଥିବା ସମୟରେ ଧାନବେଣୀ ନିକଟ ରେ ଏକ ସ୍କୁଟି କୁ ପଛ ପଟୁ ଧକ୍କା ଦେଇ ଟ୍ରକ ଭାରସାମ୍ୟ ହରାଇ ଏକ ସ୍ଥାନ ପିଟି ହୋଇ ଥିଲା । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଖବର ଦେଇ ଥିଲେ । ଆମ୍ବୁଲାନ୍ସ ଘଟଣାସ୍ଥଳ ରେ ପହଞ୍ଚି ଟ୍ରକ ଡ୍ରାଇଭର ଓ ସ୍କୁଟି ରେ ଥିବା ଗୁରୁତର ଲୋକ ଙ୍କୁ ଉଦ୍ଧାର କରି ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଥମିକ ଚିକିତ୍ସା ଭୀମସେନ ସେନାପତି,ଅଞ୍ଜନା ମହାକୁଡ଼ ଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାନାନ୍ତର କରିଥିଲେ । ପାଟଣା ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ଡ୍ରାଇଭର କୁ ଅଟକ ରଖି ନିଶା ପରୀକ୍ଷା କରିଥିବା ବେଳେ ଡ୍ରାଇଭର ନିଶା ସେବନ କରିଥିବା ଜଣାପଡିଛି । ପୋଲିସ ଟ୍ରକ ସହ ଡ୍ରାଇଭର କୁ ଅଟକ ରଖି ତଦନ୍ତ ଜାରି ରଖିଛି ।

## ବିଷମକଟକ ରାମ ମନ୍ଦିରକୁ ୪ ଲକ୍ଷ ୫୦ ହଜାର ଟଙ୍କାର ସୁନା ଅଳଙ୍କାର ଦାନ

ବିଷମକଟକ, (ମହାଭାରତ): ଭଗବାନଙ୍କ ପ୍ରତି ଅଗାଢ଼ ଭକ୍ତି, ଶ୍ରଦ୍ଧା ଓ ଆସ୍ଥାର ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ବିଷମକଟକ ଗ୍ରାମର ବସ୍ ମାଲିକ ବି. ରାମାବାବୁ । ସେ ସ୍ଥାନୀୟ ରାମ ମନ୍ଦିରକୁ ପ୍ରାୟ ୪ ଲକ୍ଷ ୫୦ ହଜାର ଟଙ୍କା ମୂଲ୍ୟର ୩୪ ଗ୍ରାମ ଓଜନର ତିନୋଟି ସୁନା ହାର ଦାନ କରିଛନ୍ତି । ଏହି ଅଳଙ୍କାରଗୁଡ଼ିକ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଓ ମାତା ସୀତାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି । ସୀତାରାମ ବସ୍‌ର ମାଲିକ ବି. ରାମାବାବୁ ନିଜର ଗଭୀର ଧାର୍ମିକ ଭାବନା ଓ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଅଗାଧ ଭକ୍ତି ନିବେଦନ କରି ଏହି ମହତ୍ ଦାନ କରିଛନ୍ତି । ଦାନ ସମୟରେ ତାଙ୍କ ପତ୍ନୀ ବି. ଗୀତା କୁମାରୀ, ଝିଅ ବି. ରକ୍ଷିତା, ଝିଆରୀ ବି. ଭେନିଲା ଓ ତାଙ୍କ ମା ଉପସ୍ଥିତ ଥିଲେ । ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଏହି ଅଳଙ୍କାର ଅର୍ପଣ କରାଯିବା ଘଟଣାଟିକୁ ଆହୁରି ସ୍ମରଣୀୟ କରିଛି ।ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଦେବଦେବୀଙ୍କୁ ସୁନା ଅଳଙ୍କାର ଅର୍ପଣ କରିବା ଏକ ପ୍ରାଚୀନ ଧାର୍ମିକ ପରମ୍ପରା । ଭକ୍ତମାନେ ନିଜ ସାମର୍ଥ୍ୟ ଅନୁଯାୟୀ ଭଗବାନଙ୍କ ସେବାରେ ବିଭିନ୍ନ ସାମଗ୍ରୀ ଅର୍ପଣ କରିଥାନ୍ତି । ବି. ରାମାବାବୁଙ୍କ ଏହି ଦାନ ଭଗବାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା, ସମର୍ପଣ ଓ ଆଧ୍ୟାତ୍ମିକ ଭାବନାର ପରିଚୟ ଦେଉଛି ।ଏହି ତିନୋଟି ସୁନା ହାର ମନ୍ଦିରର ଶୋଭା ବୃଦ୍ଧି କରିବା ସହ ଭକ୍ତମାନଙ୍କ ମନରେ ଧାର୍ମିକ ଭାବନାକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି । ବିଷମକଟକ ଅଞ୍ଚଳରେ ବି. ରାମାବାବୁଙ୍କ ଏହି ମହତ୍ ଦାନକୁ ନେଇ ଶ୍ରଦ୍ଧା ଓ ଭକ୍ତିର ଏକ ସୁନ୍ଦର ଉଦାହରଣ ସୃଷ୍ଟି ହୋଇଛି ।

## ପାଟଣା ବନାଞ୍ଚଳ ବାଲି ଗାଡ଼ି ଉପରେ ଚଢାଉ ଦୁଇ ହାଇୱା ଜବତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପକ୍ଷ ରୁ ଚୋରା ବାଲି ଚାଲାଣ ଦୁଇ ହାଇୱା କୁ ଜବତ କରି ଛି । ବାଲି ବୋଝେଇ ଦୁଇ ହୱା ପୋଇପାଣି ହୋଇ ସରଧା ପୁର ଅଭିମୁଖେ ଯାଉ ଥିବା ବେଳେ ପୋଇପାଣି ବିଟ୍ ଦୁଇ ବନ କର୍ମଚାରି ଅଟକାଇ ବାଲି ବୋଝେଇ ର କାଗଜ ପତ୍ର ଦେଖିବାକୁ କହିବାରୁ ଡ୍ରାଇଭର କାଗଜ ପତ୍ର ନ ଦେଖାଇ ପାରି ଘଟଣା ସ୍ଥଳ ଚମ୍ପଟ୍ ମାରିଥିଲେ । ବନ କର୍ମଚାରୀ ପାଟଣା ବନାଞ୍ଚଳ କୁ ଖବର ଦେଇଥିଲେ । ଖବର ପାଇ ବନପାଳ ଟିମ୍ ପୋଇପାଣି ପହଞ୍ଚି ଦୁଇ ଟି ବାଲି ବୋଝେଇ ହାଇୱାକୁ ପାଟଣା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି–୨୦୨୬’ ଅନୁଷ୍ଠିତ

ଲାଞ୍ଜିଗଡ଼,(ମହାଭାରତ): ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ, ସୃଜନଶୀଳତାର ପରିପ୍ରକାଶ ଏବଂ ଶିକ୍ଷା ସହିତ ସହପାଠ୍ୟକ୍ରମ କାର୍ଯ୍ୟକଳାପର ସମନ୍ୱୟ ମାଧ୍ୟମରେ ଏକ ସମୃଦ୍ଧ ଶୈକ୍ଷିକ ପରିବେଶ ଗଢ଼ିତୋଳିବାର ମହତ୍ ଉଦ୍ଦେଶ୍ୟ ନେଇ ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି–୨୦୨୬’ ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆନନ୍ଦମୟ ଓ ଉତ୍ସବମୁଖର ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଲାଞ୍ଜିଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବ ଶିଶୁ ପ୍ରତିଭାର ବିକାଶ ସହିତ ଶିକ୍ଷକମାନଙ୍କ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବାର ଏକ ଅର୍ଥପୂର୍ଣ୍ଣ ଅବସର ପାଲଟିଥିଲା । ମହୋତ୍ସବର ଶୁଭାରମ୍ଭ ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ ଓ ସ୍ୱାଗତ ସଙ୍ଗୀତ ପରିବେଷଣ ମାଧ୍ୟମରେ ହୋଇଥିଲା । ଉଦ୍‌ଘାଟନୀ ସଭାରେ ଲାଞ୍ଜିଗଡ଼ର ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ୍ ଡ. ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ହୃଷିକେଶ ନାଏକ ଏବଂ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସାମଗ୍ରିକ ବିକାଶରେ ଏପରି ଶିକ୍ଷାଭିତ୍ତିକ ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

### ୪୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

# ଆଗାମୀ ୩୦ ବର୍ଷ ପର୍ଯ୍ୟନ୍ତ କଂଗ୍ରେସକୁ କ୍ଷମତା ମିଳିବ ନାହିଁ

## ରାହୁଲଙ୍କୁ ଶାହାଙ୍କ କଡ଼ା ଟାର୍ଗେଟ





**ନୂଆଦିଲ୍ଲୀ,୨୨।୧୦:** କଂଗ୍ରେସ ଓ ଏହାର ସହଯୋଗୀ ଦଳ ଗୁଡ଼ିକ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛନ୍ତି। ଏପରି ଏକ ସ୍ଥିତିରେ ବିଦେଶ ଗସ୍ତରେ ହଠାତ୍ ଯାଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ତାଙ୍କ ବିଦେଶ ଗସ୍ତକୁ ନେଇ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ଆସନ୍ତା ୩ ଦଶନ୍ଧି ଯାଏ କ୍ଷମତାକୁ ଆସି ପାରିବ ନାହିଁ ବୋଲି ଶ୍ରୀ ଶାହ ଦମ୍ଭୋକ୍ତି କରିଛନ୍ତି। ଯମୁନା ସଫେଇ ପାଇଁ ୮,୯୪୧ କୋଟି ଟଙ୍କାର ପ୍ରକଳ୍ପକୁ ଶୁଭାରମ୍ଭ କରି ରାହୁଲ ଗାନ୍ଧିଙ୍କ ବିଦେଶ ଗସ୍ତକୁ ଶ୍ରୀ ଶାହ କଟାକ୍ଷ କରିଛନ୍ତି। ସେ କହିଛନ୍ତି, "ମୁଁ ଜାଣିଛି ଆପଣ ମୋତେ ଶୁଣି ପାରୁ ନଥିବେ। କାରଣ ଆପଣ ଏବେ ବିଦେଶର କୌଣସି ସ୍ଥାନରେ ବସିଥିବେ। ଆପଣ ବିଦେଶ ଗସ୍ତର କାରଣ ମଧ କହି ପାରିବେ ନାହିଁ। ଏଥିରେ କିଛି ଅସୁବିଧା ନାହିଁ। ଏହା ଆପଣଙ୍କ ବ୍ୟକ୍ତିଗତ ଜୀବନ। କିନ୍ତୁ ଆପଣ ଥରେ ଦିଲ୍ଲୀରେ ପହଞ୍ଚିବା ପରେ ମୋ କଥା ଧ୍ୟାନର ସହ ଶୁଣିବେ। ଆପଣଙ୍କ ପାଳି ଆସନ୍ତା ୩୦ ବର୍ଷ ମଧ୍ୟରେ ପଡ଼ିବ ନାହିଁ।"ରାହୁଲ ଗାନ୍ଧି ଏବେ ୪ ଦିନିଆ ଭିଏତନାମ ଗସ୍ତରେ ରହିଛନ୍ତି। ଏବେ ଦେଶବ୍ୟାପୀ ବିରୋଧୀ ଏସ୍‌ଆଇଆର ଓ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ କରୁଥିବା ବେଳେ ରାହୁଲ ବିଦେଶ ଗସ୍ତ କରିଛନ୍ତି। ଏହାକୁ ବିଜେପି ମୁଖ୍ୟ ପ୍ରସଙ୍ଗ କରି କଂଗ୍ରେସ ଓ ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ କରିବାରେ ଲାଗିଛି। ବିଜେପି ନେତା ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି ଯେ ରାହୁଲ ଗାନ୍ଧି ଦେଶରେ ଶାସନ ପରିବର୍ତ୍ତନ ପାଇଁ ଯୋଜନା କରୁଛନ୍ତି ଓ ସେ ଜର୍ଜ ସୋରୋସଙ୍କ ଠାରୁ କ୍ଲାସ ନେବାକୁ ବିଦେଶ ଯାଇଛନ୍ତି। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ମଧ ରାହୁଲ ଗାନ୍ଧିଙ୍କ ବିଦେଶ ଗସ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆଜି ଅମିତ ଶାହ କଂଗ୍ରେସ ଆଣୁଥିବା ଭୋଟ ଚୋରି ପ୍ରସଙ୍ଗରେ ମଧ ବର୍ଷିଛନ୍ତି। ସେ କହିଛନ୍ତି, "ଅପାଣ ବେଙ୍ଗଲରେ ୫୪ ବର୍ଷ ହେଲା ନିର୍ବାଚନ ଜିତି ନାହାନ୍ତି। ୧୨ ବର୍ଷ ହେଲା ଅରୁଣାଚଳ ପ୍ରଦେଶ ଓ ୧୮ ବର୍ଷ ହେଲା ଦିଲ୍ଲୀରେ କ୍ଷମତା ପାଇ ନାହାନ୍ତି। ଯେତେବେଳେ ମୁଁ କହୁଛି ଆସନ୍ତା ୩୦ ବର୍ଷ ଯାଏ ବିଜେପି କ୍ଷମତାରେ ରହୁଛି ସେମାନେ ସେତେବେଳେ ନିର୍ବାଚନ ହେରଫେର କଥା ଲୋକଙ୍କୁ କହୁଛନ୍ତି। ଅମିତ ଶାହ କେମିତି ଜାଣିଲେ ବୋଲି ମଧ ସେମାନେ ପ୍ରଶ୍ନ କରୁଛନ୍ତି। ପ୍ରତି ୬ ମାସରେ ବିଦେଶ ଗସ୍ତରେ ଯାଉଥିବା ଲୋକ ଆମେ ନୁହଁ। ମୁଁ ଏଠାରେ ଜନ୍ମ ହୋଇଛି, ଏଠାରେ ରହିଛି ଓ ମୁଁ ଏଠାରେ ମରିବି।" ଅମିତ ଶାହଙ୍କ କହିବା କଥା ଯେ ବିକ୍ଷୋଭ ଓ ଆନ୍ଦୋଳନ କିଛି ବି ହାସଲ କରିପାରିବ ନାହିଁ। ଆପଣ ନିର୍ବାଚିତ ହୋଇଥିବା ସ୍ଥାନର ବିକାଶ ପାଇଁ ଯୋଜନା ଆଣନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

## ଟିଭି ଚ୍ୟାନେଲ ପାଇଁ କଡ଼ା ମାର୍ଗଦର୍ଶିକା ଜାରି

# ରାଷ୍ଟ୍ରବିରୋଧୀ ବିଷୟବସ୍ତୁ ପ୍ରସାରଣ ମନା



**ନୂଆଦିଲ୍ଲୀ,୨୨।୧୦:** ଟିଭି ଚ୍ୟାନେଲ ପାଇଁ ସତର୍କ ସୂଚନା। ଆଡଭାଇଜରୀ ଜାରି କରିଛି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ। ଦେଶର ସବୁ ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲ ପାଇଁ କଡ଼ା ମାର୍ଗଦର୍ଶିକା ଜାରି କରାଯାଇଛି। ଆତଙ୍କବାଦ ବିରୋଧୀ ଅଭିଯାନର ସିଧା ପ୍ରସାରଣରୁ ଦୂରେଇ ରହିବା, ହିଂସାତ୍ମକ ଦୃଶ୍ୟ ପ୍ରସାରଣ ବେଳେ ସତର୍କତା ଅବଲମ୍ବନ କରିବା ଏବଂ ରାଷ୍ଟ୍ରବିରୋଧୀ ବିଷୟବସ୍ତୁ ପ୍ରସାରଣ ନକରିବାକୁ କୁହାଯାଇଛି। ଅପରାଧ, ଦୁର୍ଘଟଣା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଉପରେ ରିପୋର୍ଟିଂ କରିବା ସମୟରେ ଅତ୍ୟଧିକ ଭୟଙ୍କର କିମ୍ବା ବିଚଳିତ କଲା ପରି ଦୃଶ୍ୟ ପ୍ରସାରଣରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ବିତର୍କ ଏବଂ ପ୍ୟାନେଲ୍ ଆଲୋଚନା ସମୟରେ କୌଣସି ଧର୍ମ, ସମ୍ପ୍ରଦାୟ କିମ୍ବା ବର୍ଗ ବିରୁଦ୍ଧରେ ଘୃଣା ପ୍ରସାରଣ କରୁଥିବା କିମ୍ବା ଦେଶ ବିରୋଧୀ ଭାବନାକୁ ପ୍ରୋତ୍ସାହିତ କରୁଥିବା ବିଷୟବସ୍ତୁ ପ୍ରସାରଣ ନକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରସାରଣ ସମୟରେ ଭାରତର ସରକାରୀ ଏବଂ ସଠିକ୍ ମାନଚିତ୍ର ବ୍ୟବହାର ବାଧ୍ୟତାମୂଳକ। ଯୌନ ଉତ୍ପୀଡ଼ନ ଏବଂ ଅପରାଧ ମାମଲାରେ, ସେମାନଙ୍କର ଗୋପନୀୟତା ଏବଂ ସୁରକ୍ଷା ଦୃଷ୍ଟିରୁ ପୀଡିତଙ୍କ ପରିଚୟ ପ୍ରକାଶ ନକରିବା, ଖବର ପ୍ରସାରଣରେ ଏଆଇ ଏବଂ ଜେନେରେଟିଭ୍ ଏଆଇର ଅଧିକ ବ୍ୟବହାର ସମ୍ପର୍କରେ ମନ୍ତ୍ରଣାଳୟ ପ୍ରସାରକମାନଙ୍କୁ ମଧ ସତର୍କ କରାଇଛି। ଗ୍ରାଫିକ୍ସ, ଭର୍ଚୁଆଲ୍ ଉପସ୍ଥାପନା କିମ୍ବା ଭିଡିଓ ଏଡିଟିଂ ପାଇଁ ଏଆଇ ଉପକରଣଗୁଡ଼ିକୁ କେବଳ ଏକ ସହାୟକ ମାଧ୍ୟମ ଭାବରେ ବ୍ୟବହାର କରାଯାଇପାରିବ। ଏଆଇ ବ୍ୟବହାର ସମୟରେ କୌଣସି ପରିସ୍ଥିତିରେ ସତ ସହ ସାଲିସ କରାଯିବ ନାହିଁ ବୋଲି ଅନ୍ତଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲ୍ ଗୁଡ଼ିକୁ କେବୁଲ୍ ଟେଲିଭିଜନ୍ ନେଟୱର୍କ (ରେଗୁଲେସନ୍) ଆକ୍ଟ, ୧୯୯୫ ଏବଂ କେବୁଲ୍ ଟେଲିଭିଜନ୍ ନେଟୱର୍କ ରୁଲ୍ସ, ୧୯୯୪ ଅନୁଯାୟୀ ନିର୍ଦ୍ଧାରିତ ପ୍ରୋଗ୍ରାମ୍ କୋଡକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ବଢ଼ିଲା ଦୁଇ ସିଜେପି ନେତାଙ୍କ ଅଡୁଆ

# ହାଜର ହେବାକୁ ସମନ କଲା କ୍ରାଇମବ୍ରାଞ୍ଚ



**ନୂଆଦିଲ୍ଲୀ,୨୨।୧୦:** ପୁଣି ଅଡୁଆରେ ସିଜେପି ନେତା ସୌରଭ ଦାସ ଓ ଆଶୁତୋଷ ରାଙ୍କା। ୭ ଦିନ ପରେ ବୁଧବାର ତିହାର ଜେଲରୁ ବାହାରି ଥିବା ସୌରଭ ଓ ଆଶୁତୋଷଙ୍କୁ ଦିଲ୍ଲୀ ପୋଲିସ୍ କ୍ରାଇମବ୍ରାଞ୍ଚ ହାଜର ହେବାକୁ ସମନ କରିଛି। ଯନ୍ତରମନ୍ତରରେ ସିଜେପିର ବିକ୍ଷୋଭ ସହ ଜଡ଼ିତ ଆଉ ଦୁଇଟି ମାମଲାରେ କ୍ରାଇମବ୍ରାଞ୍ଚ ଉଭୟଙ୍କ ବୟାନ ରେକର୍ଡ କରିବାକୁ ଚାହୁଁଥିବାରୁ ଏପରି ସମନ କରିଥିବା ଜଣାପଡ଼ିଛି। ସୌରଭ ଓ ଆଶୁତୋଷଙ୍କ ବ୍ୟତୀତ ସିଜେପିର ଅନ୍ୟତମ ନେତା ଅଜିଙ୍କ୍ୟ ସିନ୍ଦେଙ୍କୁ ମଧ ପୋଲିସ୍ ସମନ କରିଥିବା ଜଣାପଡ଼ିଛି। ଜଣେ ସରକାରୀ କର୍ମଚାରୀଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିବା ଓ ଅନାଧିକୃତ ଭାବେ ବିକ୍ଷୋଭ କରିବା ଭଳି ଅଭିଯୋଗରେ ପୁଲିସ୍ ପକ୍ଷରୁ ୩ ସିଜେପି ନେତାଙ୍କୁ ସମନ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ସୌରଭ ଓ ଆଶୁତୋଷଙ୍କୁ ଆଜି ଦିନ ୧୨ଟା ସୁଦ୍ଧା ଦିଲ୍ଲୀର ରଜୌରୀ ଗାର୍ଡେନ ସ୍ଥିତ କ୍ରାମବ୍ରାଞ୍ଚ ଅଫିସରେ ହାଜର ହେବାକୁ ନିର୍ଦ୍ଦେଶ ରହିଥିଲା। ତେବେ ଦୁଇ ସିଜେପି ନେତା ତଦନ୍ତରେ ସାମିଲ ହୋଇଛନ୍ତି କି ନାହିଁ, ସେକଥା ସ୍ପଷ୍ଟ ହୋଇନି। ସେହିପରି ଯଦି ସେମାନେ ତଦନ୍ତରେ ସାମିଲ ନ ହେବେ, ତା'ହେଲେ ପୋଲିସ୍ କି ପଦକ୍ଷେପ ନେଉଛି, ତା' ଉପରେ ମଧ ସମସ୍ତଙ୍କ ନଜର ରହିଛି। ଅକ୍ଟୋବର ୧୩ରେ ସୌରଭ ଓ ଆଶୁତୋଷ କିଛି ସିଜେପି ସମର୍ଥକଙ୍କ ସହ ମିଶି ଯନ୍ତରମନ୍ତରରେ ଅନାଧିକାର ଭାବେ ପ୍ରବେଶ କରିଥିଲେ। ସେଠାରେ ଉଭୟ ତ୍ରିରଙ୍ଗା ଉଡ଼ାଇବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ।

# ଭାରତ ସମଗ୍ର ବିଶ୍ୱ ପାଇଁ 'ଆଶାର କିରଣ'

## ମୋଦୀଙ୍କୁ ପ୍ରଶଂସାରେ ପୋତି ପକାଇଲେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୨୨।୧୦:** ବିଶ୍ୱ ଅନିଶ୍ଚିତତା ଏବଂ ରାଜନୈତିକ ଅସ୍ଥିରତା ମଧ୍ୟରେ ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ ଭାରତକୁ ସମଗ୍ର ବିଶ୍ୱ ପାଇଁ 'ଆଶାର କିରଣ' ଭାବରେ ବର୍ଣ୍ଣନା କରିଛନ୍ତି । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱ ଭୂମିକାକୁ ପ୍ରଶଂସା କରିଛନ୍ତି ଏବଂ ଭାରତ ଏବଂ ପୋଲାଣ୍ଡ ମଧ୍ୟରେ ସମ୍ପର୍କ ଭବିଷ୍ୟତରେ ମଜବୁତ ହେବ ବୋଲି ବିଶ୍ୱାସ ପ୍ରକାଶ କରିଛନ୍ତି। ଗୁରୁବାର ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଏକ ମିଳିତ ବିବୃତ୍ତି ପ୍ରଦାନ କରି, ଟସ୍କ ଦୁଇ ଦେଶ ମଧ୍ୟରେ ବିଶ୍ୱାସ, ସମାନ ମୂଲ୍ୟବୋଧ ଏବଂ ସହଯୋଗକୁ ଆହୁରି ବୃଦ୍ଧି କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି । ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି ଯେ ତାଙ୍କ ଦେଶ ବିଶ୍ୱ ବ୍ୟାପାରରେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକାକୁ ମୂଲ୍ୟ ଦିଏ । ସେ କହିଛନ୍ତି, 'ଆମେ ବିଶ୍ୱ ମଞ୍ଚରେ ପ୍ରଧାନମନ୍ତ୍ରୀ ଭାବରେ ଆପଣଙ୍କ ଭୂମିକାକୁ ପ୍ରଶଂସା କରୁ। ଅସ୍ଥିରତା, ରାଜନୈତିକ ଅନିଶ୍ଚିତତା ଏବଂ ସଙ୍କଟ ସମୟରେ, ଏହା ଆଶାର ସଙ୍କେତ। ଭାରତ ଭଳି ଏକ ଶକ୍ତିଶାଳୀ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଆପଣଙ୍କ ନେତୃତ୍ୱ ଆମ ସମସ୍ତଙ୍କ ପାଇଁ ଆଶାର କିରଣ ।' ଟସ୍କ କହିଛନ୍ତି ଯେ ଭାରତ ଏବଂ ପୋଲାଣ୍ଡରେ ଅନେକ ସମାନତା ଅଛି । କେବଳ ଭୌଗୋଳିକ ଦୂରତା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ପୃଥକ କରିଥାଏ । ସେ କହିଛନ୍ତି, 'ଆମର ଆଲୋଚନା ସଫଳ ହୋଇଛି କାରଣ ଭାରତ ଏବଂ ପୋଲାଣ୍ଡ ମଧ୍ୟରେ ବହୁତ ସମାନତା ଅଛି । ଆମର କୌଣସି ସ୍ୱାର୍ଥର ଦ୍ୱନ୍ଦ୍ୱ ନାହିଁ, କିମ୍ବା କୌଣସି ଐତିହାସିକ ପ୍ରସଙ୍ଗ ନାହିଁ ଯାହା ଆମକୁ ବିଭାଜିତ କରେ । ଆମେ ବିଶ୍ୱାସ, ସମାନ ମୂଲ୍ୟବୋଧ ଏବଂ ଅହିଂସାର ନୀତି ଆଧାରରେ ଆମର ବନ୍ଧୁତାକୁ ନିର୍ମାଣ କରୁଛୁ । ମୁଁ ନିଜକୁ ଆପଣଙ୍କର ବନ୍ଧୁ ବୋଲି କହି ପ୍ରକୃତରେ ଗର୍ବିତ, ପ୍ରଧାନମନ୍ତ୍ରୀ ।'ପୋଲାଣ୍ଡ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ଆଗକୁ ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଉପଯୋଗୀ ଆଲୋଚନା ହୋଇଛି । ଏହି ସହଭାଗୀତା ପ୍ରତିଷ୍ଠା କରିବାର ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଗଷ୍ଟ ୨୦୨୪ ରେ ଓ୍ୱାର୍ସା ଗସ୍ତ ସମୟରେ ନିଆଯାଇଥିଲା।'ଆମେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଭାରତ ଏବଂ ପୋଲାଣ୍ଡ କିପରି ଆମର ରଣନୈତିକ ସହଭାଗୀତାକୁ ବିକଶିତ ଏବଂ ସୁଦୃଢ଼ କରିପାରିବେ ସେ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଏବଂ ଫଳପ୍ରଦ ଆଲୋଚନା ସମାପ୍ତ କରିଛୁ । ଆଜି ଆମେ ଏହି ସହଭାଗୀର ପ୍ରାରମ୍ଭିକ ଫଳାଫଳ ସମୀକ୍ଷା କରିଛୁ ଏବଂ ଆଗାମୀ ବର୍ଷ ଗୁଡ଼ିକରେ ସହଯୋଗ ପାଇଁ ପ୍ରାଥମିକତା ସ୍ଥିର କରିବା ଉପରେ ଗୁରୁତ୍ୱାରୋପ କରିଛୁ ।'

### ସାଉଦି ଏୟାରପୋର୍ଟରେ ଭୟଙ୍କର ହମଲା

# ଭାରତୀୟଙ୍କ ସମେତ ୨ ମୃତ, ୮ ଆହତ

**ନୂଆଦିଲ୍ଲୀ,୨୨।୧୦:** ପୁଣିଥରେ ସାଉଦି ଆରବକୁ ଟାର୍ଗେଟ କରିଛି ୟେମେନର ହୁତି ବିଦ୍ରୋହୀ। ହୁତି ପକ୍ଷରୁ ସାଉଦିର ଡାମ୍ମାମ ଏୟାରପୋର୍ଟରେ ବିଳମ୍ବିତ ରାତିରେ କରଯାଇଛି ମିସାଇଲ ମାଡ଼। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ସେହିପରି ମିସାଇଲ ଆଟାକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହୁତି ଆକ୍ରମଣରେ ପ୍ରାଣ ହରାଇଥିବା ୨ ଜଣଙ୍କ ମଧ୍ୟରେ ଜଣେ ଭାରତୀୟ ଓ ଆଉ ଜଣେ ସାଉଦି ନାଗରିକ ରହିଥିବା ସ୍ପଷ୍ଟ କରିଛନ୍ତି ଦେଶର ସାଧାରଣ ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ। ଆକ୍ରମଣ ସମ୍ପର୍କରେ ସାଉଦି ବିସ୍ତୃତ ତଥ୍ୟ ଦେଇ ନଥିଲେ ହେଁ ଘଟଣାକୁ ନେଇ ପୂରା ଅଞ୍ଚଳରେ ଆତଙ୍କ ଖେଳି ଯାଇଛି। ବିଭିନ୍ନ ସ୍ଥାନରେ ସାଉଦି ସରକାର ହାଇଆଲର୍ଟ ମଧ ଜାରି କରିଥିବା ଜଣାପଡ଼ିଛି। ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ଦୂତାବସ ପକ୍ଷରୁ ମଧ ଘଟଣାକୁ ନିଶ୍ଚିତ କରାଯାଇଛି। ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଗତକାଲି ରାତିରେ ଡାମ୍ମାମ ଏୟାରପୋର୍ଟରେ ହୋଇଥିବା ଆକ୍ରମଣରେ ଦୁର୍ଭାଗ୍ୟବଶତଃ ଜଣେ ଭାରତୀୟ ସମେତ ୨ ଜଣ ପ୍ରାଣ ହରାଇଥିବା ସାଉଦି ପକ୍ଷରୁ କୁହାଯାଇଛି। ଆହତଙ୍କ ମଧ୍ୟରେ ବି ଦୁଇ ଜଣ ଭାରତୀୟ ଅଛନ୍ତି। ଆମେ ବିସ୍ତୃତ ତଥ୍ୟ ହାସଲ କରିବାକୁ ଉଦ୍ୟମ କରୁଛୁ ଓ ପ୍ରଭାବିତ ଲୋକଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିବାକୁ ମଧ ଚେଷ୍ଟା ହେଉଛି ବୋଲି ଦୂତାବାସ ଏକ୍ସରେ ଉଲ୍ଲେଖ କରିଛି।

# ମୁମ୍ବାଇରେ ପ୍ରଦୂଷଣ ଦେଖି ବର୍ଷିଲେ ହାଇକୋର୍ଟ

**ମୁମ୍ବାଇ,୨୨।୧୦:** ମୁମ୍ବାଇର ବାୟୁ ଗୁଣବତ୍ତା ହ୍ରାସ ପାଉଥିବା ଦେଖି ବମ୍ବେ ହାଇକୋର୍ଟ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଏହା ଆଶ୍ଚର୍ଯ୍ୟଜନକ ଯେ, ଉପକୂଳବର୍ତ୍ତୀ ସହର ମୁମ୍ବାଇ ପ୍ରଦୂଷଣ କ୍ଷେତ୍ରରେ ଜାତୀୟ ରାଜଧାନୀ ଦିଲ୍ଲୀକୁ ମଧ ପଛରେ ପକାଇ ଦେଉଛି। ଜନଗହଳିପୂର୍ଣ୍ଣ ସର୍ବସାଧାରଣ ରାସ୍ତାରେ ବାଣ ଫୁଟାଇବା ଓ ଉଚ୍ଚ ଶବ୍ଦ ବ୍ୟବହାର କରୁଥିବା ସାଉଣ୍ଡ ସିଷ୍ଟମ ବ୍ୟବହାର ନିଷେଧ ନିର୍ଦ୍ଦେଶକୁ ସଠିକ୍ ଭାବରେ କାର୍ଯ୍ୟକାରୀ ନକରିବା ପାଇଁ ହାଇକୋର୍ଟ ପୁଲିସ ଓ ପୌର ସଂସ୍ଥାଗୁଡ଼ିକୁ ତୀବ୍ର ଭର୍ତ୍ସନା କରିଛନ୍ତି। ବୁଧବାର ପ୍ରଦୂଷଣ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ବିଚାରପତି ଗିରିଶ ଏସ. କୁଲକର୍ଣ୍ଣୀ ଓ ନୀଳା ଗୋଖଲେଙ୍କ ଖଣ୍ଡପୀଠ ଏହି ପର୍ଯ୍ୟବେକ୍ଷଣ କରିଛନ୍ତି। କୋର୍ଟ ମହାରାଷ୍ଟ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏମପିସିବି), ପୌର କର୍ତ୍ତୃପକ୍ଷ ଓ ପୁଲିସର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରଦୂଷଣ ସମ୍ପର୍କିତ ଏକ ସ୍ୱତଃପ୍ରବୃତ୍ତ ଜନସ୍ୱାର୍ଥ ମାମଲା ଉପରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ କୁଲକର୍ଣ୍ଣୀ କହିଛନ୍ତି ଯେ, ମୁମ୍ବାଇର ଏକ ପ୍ରାକୃତିକ ଭୌଗୋଳିକ ସୁବିଧା ଅଛି, କିନ୍ତୁ ଏହା ସତ୍ତ୍ୱେ, ସହରର ବାୟୁ ଗୁଣବତ୍ତା ଖରାପ ହେଉଛି। ସାମୁଦ୍ରିକ ପବନ ଓ ଖୋଲା ଆକାଶର ଉଦାହରଣ ଦେଇ ସେ କହିଥିଲେ ଯେ, ମୁମ୍ବାଇର ଆକାଶ ପ୍ରଦୂଷଣମୁକ୍ତ ରହିବା ଉଚିତ। ପ୍ରଦୂଷଣ ସ୍ତର ଦୃଷ୍ଟିରୁ ମୁମ୍ବାଇ ଏବେ ଦିଲ୍ଲୀକୁ ପଛରେ ପକାଇ ଦେଉଥିବା ନେଇ କୋର୍ଟ ମଧ ଚିନ୍ତା ପ୍ରକାଶ କରିଛନ୍ତି।

## ୨ ଲକ୍ଷ ଟଙ୍କାର ଇଞ୍ଜେକ୍ସନ୍ ହେଲା ଶସ୍ତା



# ତାଲିକାରେ ଅଛି ୧୩୭ ମେଡିସିନ୍

**ନୂଆଦିଲ୍ଲୀ,୨୨।୧୦:** ଶସ୍ତା ହେଲା ଦାମୀ ଔଷଧ। ତାଲିକାରେ ଅଛି ୧୩୭ ମେଡିସିନ୍ । ୨ ଲକ୍ଷ ଟଙ୍କାର ଇଞ୍ଜେକ୍ସନ୍ ବି ଏବେ ଏତେ କମ୍ ଦାମରେ କିଣିପାରିବେ ଲୋକ । କେଉଁ ରୋଗୀଙ୍କ ପାଇଁ ଦୁର୍ଗାପୂଜାର ଭେଟି ଦେଲେ ସରକାର ଦେଖନ୍ତୁ । ଭାବନ୍ତୁ, ଯେଉଁ କ୍ୟାନ୍‌ସର ଇଞ୍ଜେକ୍ସନ୍ ପାଇଁ ରୋଗୀଙ୍କୁ ପାଖାପାଖି ୨ ଲକ୍ଷ ଟଙ୍କା ଗଣିବାକୁ ପଡୁଥିଲା, ତାହା ଯଦି ମାତ୍ର ୬୪ ହଜାର ଟଙ୍କାରେ ମିଳିଯାଏ ତା'ହେଲେ କେମିତି ହେବ ନିଶ୍ଚିତ ଭାବେ ଏମିତି ଏକ ଖବର ରୋଗୀ ପରିବାର ପାଇଁ ଖୁସିର ସମୟ ଆଣିଦେବ କହିଲେ କିଛି ଭୁଲ୍ ହେବନି । କାରଣ କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ସହ ଲଢୁଥିବା ଲକ୍ଷ ଲକ୍ଷ ପରିବାର ଜାଣିଛନ୍ତି ଯେ ଏହି ରୋଗର ଚିକିତ୍ସା କେମିତି ପାଣି ପରି ଟଙ୍କା ଖର୍ଚ୍ଚ ହୁଏ । ରୋଗୀର ଚିକିତ୍ସା କରୁ କରୁ ପରିବାର ସର୍ବସ୍ୱାନ୍ତ ହୋଇଯାଆନ୍ତି । କିନ୍ତୁ ଏବେ ଏମିତି ହିଁ ଏକ ବଡ଼ ଓ ଆଶ୍ୱାସନାଜନକ ଖବର ସାମ୍ନାକୁ ଆସିଛି ଯାହାକୁ ଶୁଣିଲେ କ୍ୟାନ୍ସର ରୋଗୀଙ୍କ ପରିବାର ଖୁସି ହୋଇଯିବେ । କେନ୍ଦ୍ର ସରକାର କ୍ୟାନ୍‌ସର ଚିକିତ୍ସାରେ ବ୍ୟବହୃତ ହେଉଥିବା ୧୩୭ଟି ପ୍ରମୁଖ ଔଷଧର ଟ୍ରେଡ୍ ମାର୍ଜିନ୍ ଉପରେ କଡ଼ା କଟକଣା ଲଗାଇଛନ୍ତି । ସରକାରଙ୍କ ଏହି ସାଂଘାତିକ୍ ନିଷ୍ପତ୍ତି ଯୋଗୁଁ ଆଗାମୀ ଦିନରେ କ୍ୟାନ୍‌ସର ଔଷଧର ଖୁଚୁରା ମୂଲ୍ୟରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିବ। ନ୍ୟାସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ୧୩୭ଟି ଆଣ୍ଟି-କ୍ୟାନ୍‌ସର ଔଷଧ ଉପରେ ସର୍ବାଧିକ ଟ୍ରେଡ୍ ମାର୍ଜିନ୍ ସୀମା ୩୦ ପ୍ରତିଶତରେ ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଔଷଧ ପ୍ରସ୍ତୁତକାରୀ କମ୍ପାନିଠାରୁ ଆରମ୍ଭ କରି ଖୁଚୁରା ବିକ୍ରେତାଙ୍କ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ବିପୁଳ ପରିମାଣର ଲାଭ ବା ମାର୍ଜିନ୍ ଯୋଡ଼ାଯାଉଥିଲା, ଯାହାକି କେତେକ କ୍ଷେତ୍ରରେ ୭୦୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଉଥିଲା। ଏହି କାରଣରୁ ରୋଗୀଙ୍କୁ ଚଢ଼ା ଦାମ୍‌ରେ ଔଷଧ କିଣିବାକୁ ପଡୁଥିଲା। ଏବେ ସରକାର ମାର୍ଜିନ୍ କ୍ୟାପ୍ ଲଗାଇବା ପରେ ନଭେମ୍ବର ୯ ରୁ ଏହି ନୂଆ ଓ ଶସ୍ତା ଦର ସାରା ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି।

### ହର୍ମୁଜ୍‌ରେ ବଢୁଛି ବିପଦ

# ତେଲ ଟ୍ୟାଙ୍କରରେ ନିଆଁ

## ଜାହାଜରେ ଥିଲେ ୨୧ ଭାରତୀୟ



**ନୂଆଦିଲ୍ଲୀ, ୨୨।୧୦:** ପଶ୍ଚିମ ଏସିଆରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ସମୁଦ୍ର ମାର୍ଗରେ ବ୍ୟାପକ ଅଶାନ୍ତି ଦେଖାଦେଇଛି । ହୋର୍ମୁଜ ପ୍ରଣାଳୀ ଦେଇ ଯାଉଥିବା କୁଏତ୍ର ପତାକା ବିଶିଷ୍ଟ ଏକ ତେଲ ଟ୍ୟାଙ୍କର 'ଗା/ଞ୍ଜ ଅଲ ଦସ୍ମା' ଉପରେ ବୁଧବାର ଦିନ ଏକ ଅଜଣା ପ୍ରୋଜେକ୍ଟାଇଲ୍ ଦ୍ୱାରା ଆକ୍ରମଣ ହୋଇଛି। ଏହି ଜାହାଜରେ ୨୧ ଜଣ ଭାରତୀୟ ନାବିକଙ୍କ ସମେତ ଅନ୍ୟ କ୍ରୁ ମେମ୍ବରମାନେ ମଧ ଥିଲେ । ଆକ୍ରମଣ ପରେ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା, ଯାହାକୁ ପରେ ନିୟନ୍ତ୍ରଣକୁ ଅଣାଯାଇଥିଲା। ଆଶ୍ୱସ୍ତିର କଥା ଯେ, ଜାହାଜରେ ଥିବା ସମସ୍ତ ଭାରତୀୟ ନାବିକ ଏବଂ ଅନ୍ୟ କ୍ରୁ ସଦସ୍ୟମାନେ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି । ଅକ୍ଟୋବର ମାସରେ ଭାରତୀୟ ନାବିକ ଥିବା ଜାହାଜଗୁଡ଼ିକ ଉପରେ ଆକ୍ରମଣ ହେବାର ଏହା ହେଉଛି ୫ମ ଘଟଣା । ଏହି ସମସ୍ତ ଆକ୍ରମଣରେ ଏ ପର୍ଯ୍ୟନ୍ତ ୧୧ ଜଣ ଭାରତୀୟ ଆହତ ହୋଇଥିବାବେଳେ ୨ ଜଣ ନାବିକ ନିଖୋଜ ରହିଛନ୍ତି । ସମୁଦ୍ର ମାର୍ଗରେ ବ୍ୟାପାରିକ ଜାହାଜ ଏବଂ ସେଥିରେ କାର୍ଯ୍ୟ କରୁଥିବା ନାବିକମାନଙ୍କ ଉପରେ ବାରମ୍ବାର ହେଉଥିବା ଆକ୍ରମଣକୁ ନେଇ ଭାରତ ସରକାର ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଏଭଳି ଆକ୍ରମଣ ଆଇନଗତ ଏବଂ ନୈତିକ ଉଭୟ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଭୁଲ୍ । ସମୁଦ୍ରରେ କାମ କରୁଥିବା ନାବିକମାନଙ୍କ ସୁରକ୍ଷା ଏବଂ ଜାହାଜଗୁଡ଼ିକର ଅବାଧ ଯାତାୟାତ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପାରିକ ଜାହାଜ, ନାବିକଙ୍କ ଉପରେ ହେଉଥିବା ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଦୃଢ଼ ଅପିଲ୍ କରାଯାଇଛି । ସରକାର କହିଛନ୍ତି ଯେ, ଭାରତୀୟ ନାବିକମାନଙ୍କ ସମ୍ପୃକ୍ତିଥିବା ପ୍ରତ୍ୟେକ ଘଟଣା ଉପରେ କଡ଼ା ନଜର ରଖାଯାଇଛି ଏବଂ ଜାହାଜ ପରିଚାଳନା କରୁଥିବା କମ୍ପାନୀଗୁଡ଼ିକ ସହ ନିରନ୍ତର ଯୋଗାଯୋଗରେ ନାବିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଉଛି ।

## ପାରସ୍ୟ ଉପସାଗରରେ ଗୋଟିଏ ରାତିରେ ୭ ଜାହାଜ ଉପରେ ଆକ୍ରମଣ

ଆମେରିକା ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ ତେହେରାନ ରଣନୈତିକ ଜଳପଥ ଉପରେ ନିୟନ୍ତ୍ରଣ ବଜାୟ ରଖିଥିବା ନେଇ ନିଜର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ନୌସେନା କହିଛି ଯେ, ପାରସ୍ୟ ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ସାତଟି ଜାହାଜ ଉପରେ ଆକ୍ରମଣ କରାଯାଇଛି। ଆଇଆରଜିସି କହିଛି ଯେ, ଉତ୍ତର ପାରସ୍ୟ ଉପସାଗରରେ ଜାହାଜରୁ ଜାହାଜ ତେଲ ସ୍ଥାନାନ୍ତର କରୁଥିବା ଚାରୋଟି ଜାହାଜ ଉପରେ ହୋଇଥିବା ଏକକାଳୀନ ଆକ୍ରମଣରେ ସେସବୁରେ ନିଆଁ ଲାଗିଯାଇଥିଲା। ଉତ୍ତର-କେନ୍ଦ୍ରୀୟ ପାରସ୍ୟ ଉପସାଗରରେ ଜାହାଜରୁ ଜାହାଜକୁ ମାଲ ପରିବହନ କରୁଥିବା ଜାହାଜଗୁଡ଼ିକର ଟ୍ରାକିଂ କରି ପିଛା କରିଥିଲା। ସେହିପରି ହର୍ମୁଜ୍ ପ୍ରଣାଳୀର ପଶ୍ଚିମରେ ସମୁଦ୍ର ମାଇନ୍ ଆକ୍ରମଣରେ ଅନ୍ୟ ତିନୋଟି ଜାହାଜ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜାହାଜଗୁଡ଼ିକରେ ନିଆଁ ଲାଗିଯାଇଥିଲା। ଆଇଆରଜିସିର ଦାବିକୁ ଯାଞ୍ଚ୍ କରାଯାଇ ନାହିଁ। ମୃତାହତ, ଜାହାଜର ପରିଚୟ କିମ୍ବା କ୍ଷୟକ୍ଷତିର ପରିମାଣ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ହୋଇନାହିଁ। ଆଇଆରଜିସି ଅନୁଯାୟୀ, ନୌବାହିନୀ ପୂର୍ବରୁ ଜାହାଜ କମ୍ପାନିଗୁଡ଼ିକୁ ତେହେରାନ ଦ୍ୱାରା ବେଆଇନ ସାମୁଦ୍ରିକ ପଥ ଭାବରେ ଦର୍ଶାଯାଇଥିବା ସାମୁଦ୍ରିକ ମାର୍ଗ ବ୍ୟବହାର ନକରିବାକୁ ଚେତାବନୀ ଦେଇଥିଲା। ମାତ୍ର କମ୍ପାନିଗୁଡ଼ିକୁ ଆମେରିକୀୟ ସେନା ନିର୍ଦ୍ଦେଶରେ ବିନା ଅନୁମତିରେ ଜଳପଥ ଦେଇ ଯିବାକୁ ଉଦ୍ୟମ କରିଥିଲେ। ନୌସେନା ଇରାନୀ ଜନତାଙ୍କ ଦୃଢ଼ତା ଏବଂ ସମର୍ଥନ ପାଇଁ ସେମାନଙ୍କୁ ପ୍ରଶଂସା କରି କହିଛି ଯେ, ଜାତୀୟ ଏକତା ଦେଶର ସଶସ୍ତ୍ର ବାହିନୀକୁ ମଜବୁତ କରିଛି ଏବଂ ବିରୋଧୀଙ୍କ ମନୋବଳକୁ ଦୁର୍ବଳ କରିଛି। ନୌସେନା ଇରାନ ଲୋକଙ୍କ ସମର୍ଥନରେ ହର୍ମୁଜ୍ ପ୍ରଣାଳୀରେ ପରିଚାଳନା ଏବଂ ନିୟନ୍ତ୍ରଣ ଜାରି ରଖିଛି।

### ହିଂସାତ୍ମକ ପ୍ରତିବାଦକୁ ନେଇ ଚାଞ୍ଚଲ୍ୟକର ଖୁଲାସା

# ୧୩ ଦେଶର ୧୦୧ ସଂଗଠନର ଗୁପ୍ତ ନେଟୱାର୍କ କାମ କରୁଛି

**ପ୍ୟାରିସ,୨୨।୧୦:** ସାରା ବିଶ୍ୱରେ ଦେଖାଦେଉଥିବା ହିଂସାତ୍ମକ ପ୍ରତିବାଦ ଏବଂ ଗଣ ଆନ୍ଦୋଳନ ପଛରେ ଏକ ଅନ୍ତର୍ଜାତୀୟ ସିଣ୍ଡିକେଟ୍‌ର ହାତ ଥିବା ନେଇ ଏକ ଚାଞ୍ଚଲ୍ୟକର ଖୁଲାସା ହୋଇଛି। ଫକ୍ସ ନ୍ୟୁଜ୍ ଡିଜିଟାଲର ଏକ ବିସ୍ତୃତ ତଦନ୍ତ ରିପୋର୍ଟରେ ଦାବି କରାଯାଇଛି ଯେ, ୧୩ ଟି ଦେଶର ୧୦୧ ଟି ସଂଗଠନ ମିଳିତ ଭାବରେ ଏକ ସୁଚିନ୍ତିତ 'ଗ୍ଲୋବାଲ୍ ପ୍ରୋଟେଷ୍ଟ ଇକୋସିଷ୍ଟମ୍'ଚଳାଉଛନ୍ତି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଫ୍ରାନ୍ସର ରାସ୍ତାରେ ହେଉଥିବା ଅଶାନ୍ତି ଠାରୁ ଆରମ୍ଭ କରି ଭାରତ ଏବଂ ଅନ୍ୟାନ୍ୟ ଦେଶରେ ଯୁବ ନେତୃତ୍ୱାଧୀନ ପ୍ରମୁଖ ଆନ୍ଦୋଳନ ପର୍ଯ୍ୟନ୍ତ ସବୁକିଛିର ସିଧାସଳଖ ଲିଙ୍କ୍ ରହିଛି। ଏହି ନେଟୱାର୍କ ସୀମା ପାର କରି ଅରାଜକତା ବିସ୍ତାର କରିବା ପାଇଁ ସ୍ଥାନୀୟ ସମସ୍ୟା ଏବଂ ଜନସାଧାରଣଙ୍କ କ୍ରୋଧକୁ ପ୍ରଶ୍ରୟ ଦେଉଛି। ଫକ୍ସ ନ୍ୟୁଜ୍ ତଦନ୍ତକାରୀ ସାମ୍ବାଦିକ ଆସ୍ରା କ୍ୟୁ. ନୋମାନୀଙ୍କ ଏହି ତଦନ୍ତ ପରଦା ପଛରେ ଥିବା ଅଦୃଶ୍ୟ ନେଟୱାର୍କକୁ ଉନ୍ମୋଚନ କରିଛି ଯାହା ବିଶ୍ୱ ଅଶାନ୍ତିର କାରଣ। ବାମପନ୍ଥୀ ଏବଂ ସମାଜବାଦୀ ସଂଗଠନ, ଟ୍ରେଡ୍ ୟୁନିଅନ୍, ଛାତ୍ର ଗୋଷ୍ଠୀ, ଆଡଭୋକେସି ନେଟୱାର୍କ ଏବଂ କିଛି ଗଣମାଧ୍ୟମ ଏହି ସିଣ୍ଡିକେଟ୍‌ରେ ସକ୍ରିୟ ଭାବରେ ସାମିଲ ଅଛନ୍ତି। ଏହି ନେଟୱାର୍କ ବିଭିନ୍ନ ଦେଶରେ ସ୍ଥାନୀୟ ଅସନ୍ତୋଷକୁ ଏକାଠି କରିବା ଏବଂ ଏହାକୁ ଏକ ଅନ୍ତର୍ଜାତୀୟ ପରିମାଣ ଦେବା ପାଇଁ ଏକ ରଣନୀତି ପ୍ରସ୍ତୁତ କରିଛି।

# ଟି୨୦ରେ ଭାରତର ରେକର୍ଡ ରନ୍ ଚେଜ୍

ଖ୍ରୀଷ୍ଟଚର୍ଚ୍ଚ, ୨୨।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଟିମ୍ ନ୍ୟୁଜିଲାଣ୍ଡରେ ଇତିହାସ ରଚିଛି । ନିଜ ଟି-୨୦ଇତିହାସରେ ସବୁଠାରୁ ବଡ଼ ରନ୍ ଚେଜ୍ ହାସଲ କରି ନୂଆ ରେକର୍ଡ଼ କରିଛି । ୨୨ଅକ୍ଟୋବରରେ ହେଗଲେ ଓଭଲ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଚାରି ୱିକେଟ ହରାଇ ୨୨୫ରନ୍ କରିଥିଲା। ଯାହାର ଜବାବରେ ସଞ୍ଜୁ ସାମସନ(୬୭), ଶ୍ରେୟସ ଅୟର(୪୨) ଏବଂ ନମନ ଧୀର(୪୨ଅପରାଜିତ) ଶାନଦାର୍ ପାଳିର ସାହାଯ୍ୟରେ ଭାରତ ୬ୱିକେଟ ହରାଇ କରିଥିଲା।ଏହାର ଜବାବରେ ଭାରତ ୬ ୱିକେଟ ହରାଇ ୨୩୦ ରନ କରି ନେଇଛି। ୨ ବଲ ପୂର୍ବରୁ ନମନ ଭାରତକୁ ୪ ୱିକେଟରେ ଦେଇଛନ୍ତି ରେକର୍ଡ ବିଜୟ। ଟି-୨୦ରେ ଭାରତ କେବେ ବି ଏତେ ରନ ଚେଜ କରି ନଥିଲା।ଭାରତର ସଫଳ ରନ ଚେଜ ଥିଲା ୨୦୯। ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ବିଶାଖପଟନମ ଟି-୨୦ରେ ଭାରତ ଏପରି ସଫଳତା ପାଇଥିଲା। ହେଲେ ଏବେ ଟି-୨୦ରେ ଭାରତୀୟ ଦଳ ରେକର୍ଡ ରନ ଚେଜ ସହ ନ୍ୟୁଜିଲ୍ୟାଣ୍ଡ ମାଟିରେ ନୂଆ ଇତିହାସ ସୃଷ୍ଟି

## ନ୍ୟୁଜିଲାଣ୍ଡ ୨୨୫/୪, ଭାରତ ୨୩୦/୬

### ସଞ୍ଜୁ ସାମସନ୍ ଓ ନମ୍ ଧୀରଙ୍କ ବିସ୍ଫୋରକ ବ୍ୟାଟିଂ

କେବଳ ବିଜୟ ହାସଲ କରିନି ବରଂ ଭାରତୀୟ କ୍ରିକେଟ ଇତିହାସରେ ନୂଆ ରେକର୍ଡ଼ କରିଛି ।

ନ୍ୟୁଜିଲ୍ୟାଣ୍ଡ ମାଟିରେ ନୂଆ ରେକର୍ଡ କରିଛି ଭାରତୀୟ ଟିମ। ଟି-୨୦ରେ ଇତିହାସ ସୃଷ୍ଟି କରିଛି ଶ୍ରେୟସ ଆୟରଙ୍କ ଭାରତୀୟ ଦଳ। ରେକର୍ଡ ରନ ଚେଜ୍ ସହ ନ୍ୟୁଜିଲ୍ୟାଣ୍ଡ ମାଟିରେ ଭାରତ ହାସଲ କରିଛି ଦମଦାର ବିଜୟ। ନମନ ଧୀର ଦମଦାର ଢଙ୍ଗରେ ଛକା ମାରି ଭାରତକୁ ବିଜୟ ଭେଟି ଦେବି ସହ ଦଳକୁ ୫ ଟିକିଆ ଟି-୨୦ ସିରିଜରେ ୧-୦ରେ ଆଗୁଆ କରି ଦେଇଛନ୍ତି। ପ୍ରଥମ ବ୍ୟାଟିଂ କରି ନ୍ୟୁଜିଲ୍ୟାଣ୍ଡ ୪ ୱିକେଟ ହରାଇ ବିଶାଳ ୨୨୫ ରନ କରିଛି। ଭାରତ ପାଇଁ ସଞ୍ଜୁ ସାମସନ ଖେଳିଛନ୍ତି ୩୩ ବଲରେ ୬୭ ରନର ଇନିଂସ। ତାଙ୍କ ବ୍ୟତୀତ ଅଧିନାୟକ ଶ୍ରେୟସ ଆୟର ୨୮ ବଲରେ ୪୨ ଓ ନମନ ୧୫ ବଲରେ ଅପରାଜିତ ୪୨ ରନର ଇନିଂସ ଖେଳି ଭାରତ ପାଇଁ ବିଜୟ ମୁଣ୍ଡି ମାରିଛନ୍ତି। ଦମଦାର ଇନିଂସ ପାଇଁ ସଞ୍ଜୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି। ପାଞ୍ଚ ମ୍ୟାଚର ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ୨୪ଅକ୍ଟୋବରରେ ଏହି ମୈଦାନରେ ଖେଳାଯିବ।

ଖ୍ରୀଷ୍ଟଚର୍ଚ୍ଚରେ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ ଭାରତର ଅଧିନାୟକ ଶ୍ରେୟସ ଆୟର। ଦୀର୍ଘ ୪ ବର୍ଷ




ପରେ କମବ୍ୟାକ କରିଥିବା ଭୁବନେଶ୍ୱର କୁମାର ପ୍ରଥମ ଦୁଇ ଓଭରରେ ୱିକେଟ ପାଇ ନଥିଲେ ହେଁ ମାପଚୁପ ବୋଲିଂ କରିଥିଲେ। ନ୍ୟୁଜିଲ୍ୟାଣ୍ଡ ପାଇଁ ଫିନ ଆଲେନ୍ ଓ ଟିମ ଶେଇଫର୍ଟ ମଧ୍ୟ ଧୈର୍ଯ୍ୟ ଦେଖାଇଥିଲେ। ତେବେ ୫ମ ଓଭରର ଶେଷ ବଲରେ ମୟଙ୍କ ଯାଦବ ୨୪ ରନ କରିଥିବା ଶେଇଫର୍ଟଙ୍କୁ ଆଉଟ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଡାରେଲ ମିଚେଲ ଓ ଆଲେନ ଦ୍ୱିତୀୟ ୱିକେଟ ପାଇଁ ୩୧ ରନ ଯୋଡ଼ିବା ପରେ ଏହାକୁ ଭାଙ୍ଗିଥିଲେ ଅକ୍ଷର ପଟେଲ। ସେ ୨୪ ବଲରେ ୪୫ ରନ କରିଥିବା ଆଲେନଙ୍କୁ ଆଉଟ କରିଥିଲେ।ନିଜର ଦ୍ୱିତୀୟ ସ୍ପେଲ୍‌ରେ ମିଚେଲ(୨୮)ଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ ଅର୍ଶଦୀପ ସିଂହ। ନ୍ୟୁଜିଲ୍ୟାଣ୍ଡ ୧୨୨ରେ ୩ୟ ୱିକେଟ ହରାଇଥିଲେ ହେଁ ଗ୍ଲେନ ଫିଲିପ୍ସ ଓ ବେଭୋନ ଜ୍ୟାକବ୍ସ ବଡ଼ବଡ଼ ଶଟ ଖେଳିଥିଲେ।

ଉଭୟ ଦଳୀୟ ସ୍କୋରକୁ ୧୨୨ରୁ ନେଇ ୧୯୫ରେ ପହଞ୍ଚାଇଥିଲେ। ଏହି ସମୟରେ ୩୧ ରନ କରିଥିବା ଜ୍ୟାକବ୍ସ ରନ ଆଉଟ ହୋଇଥିଲେ। ତେବେ ଫିଲିପ୍ସ ଶେଷ ଯାଏ ୪୦ ବଲରେ ୮୨ ରନ କରି ଅପରାଜିତ ରହିବା ସହ ଦଳୀୟ ସ୍କୋରକୁ ୨୨୫ରେ ପହଞ୍ଚାଇ ଦେଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ମୟଙ୍କ ଯାଦବ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ୱିକେଟ ପାଇଥିଲେ। କମବ୍ୟାକ ମ୍ୟାଚ୍‌ରେ ଭୁବନେଶ୍ୱର କୁମାର ୪ ଓଭରରେ ୪୯ ରନ ସହ କୌଣସି ୱିକେଟ ପାଇନାହାନ୍ତି।

ରେକର୍ଡ ୨୨୬ ରନର ଟାର୍ଗେଟ ନେଇ ପଡ଼ିଆକୁ ଆସିଥିବା ଭାରତ ପାଇଁ ସାମସନ ଓ ଅଭିଷେକ ଶର୍ମା ଚିରାଚରିତ ଢଙ୍ଗରେ ଦ୍ରୁତ ଆରମ୍ଭ ଦେଇଥିଲେ। ଛକା ଓ ଚୌକା ମାରି ସେମାନେ ନ୍ୟୁଜିଲ୍ୟାଣ୍ଡ ବୋଲରଙ୍କୁ ଘାଇଲା କରିଥିଲେ।ପାୱାର ପ୍ଲେ ଶେଷ ହେବାର ୨ଟି ବଲ ପୂର୍ବରୁ ଭାରତର ସ୍କର ୯୫ରେ ପହଞ୍ଚି ଯାଇଥିଲା। କିନ୍ତୁ ଏତିକି ବେଳେ ବଡ଼ ଶଟ ଖେଳିବାକୁ ଯାଇ ଅଭିଷେକ ଶର୍ମା(୧୨ ବଲରେ ୨୯) ମାଇକେଲ ବ୍ରେସୱେଲଙ୍କ ବଲରେ ଆଉଟ ହୋଇ ଯାଇଥିଲେ।

ଏହାପୂର୍ବରୁ ସଞ୍ଜୁ କିନ୍ତୁ ୨୩ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଅଭିଷେକ ଆଉଟ ହୋଇଥିଲେ ହେଁ ସାମସନ ବଡ଼ ଶଟ ଖେଳି ଚାଲିଥିଲେ। ସେ ୩୩ ବଲରେ ୬୭ ରନ କରିବା ପରେ ନ୍ୟୁଜିଲ୍ୟାଣ୍ଡ ଅଧିନାୟକ ମିଚେଲ ସାଣ୍ଟନରଙ୍କ ବଲରେ ବୋଲ୍ଡ ହୋଇଯାଇଥିଲେ। ଏତିକି ବେଳେ ଭାରତର ସ୍କର ୧୧୫ ରନ ରହିଥିଲା।

ଭାରତ କ୍ରମାଗତ ୨ଟି ୱିକେଟ ହରାଇବାରୁ ଦଳ ଉପରେ ଚାପ ପଡ଼ିଥିଲା। ତିଳକ ବର୍ମା ୬ ରନ ଓ ଈଶାନ କିଶନ ମାତ୍ର ୧ ରନ କରି ଆଉଟ ହେବାରୁ ନ୍ୟୁଜିଲ୍ୟାଣ୍ଡର ପଲ୍ଲାଭାରୀ ହୋଇଯାଇଥିଲା। କିନ୍ତୁ ଅଧିନାୟକ ଶ୍ରେୟସ ଆୟର ଓ ଉପ ଅଧିନାୟକ ଅକ୍ଷର ପଟେଲ ସ୍ଥିତି ସମ୍ଭାଳି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଦଳୀୟ ସ୍କରକୁ ୧୨୨ରୁ ନେଇ ୧୬୭ ରନରେ ପହଞ୍ଚାଇଥିଲେ। ୧୪ ବଲରେ ୨୪ ରନ କରିଥିବା ଅକ୍ଷର ପଟେଲଙ୍କୁ ଆଉଟ କରି ଲକି ଫର୍ଗୁସନ କିଛି ରୋମାଞ୍ଚ ଭରିବାକୁ ଚେଷ୍ଟା କରିଥିଲେ। ଏତିକି ବେଳେ ଶ୍ରେୟସ ଆୟର କାଉଣ୍ଟର ଆଟାକ କରି ଚାପ ରିଲିଜ କରିଥିଲେ। ଭାରତକୁ ଶେଷ ଦୁଇ ଓଭର ଅର୍ଥାତ ୧୨ ବଲରେ ୧୬ ରନ ଦରକାର ଥିଲା। ଦଳ ହାତରେ ୫ ୱିକେଟ ଥିବାରୁ ବିଜୟ ସହଜ ଲାଗୁଥିଲା। କାରଣ ଆୟର ୪୨ ରନ ଓ ନମନ ୯ ବଲରେ ୨୪ ରନ କରି କ୍ରିଜରେ ଥିଲେ।ହେଲେ ୧୯ତମ ଓଭର ବୋଲିଂ କରିବାକୁ ଆସିଥିବା ଆଡାମ ମିଲନେ ପ୍ରଥମ ବଲରେ ଶ୍ରେୟସ ଆୟରଙ୍କୁ ଆଉଟ କରି ଦେଇଥିଲେ। ପରବର୍ତ୍ତୀ ବଲରେ ନୀତୀଶ କୁମାର ରେଡ୍ଡୀ ରନ କରି ପାରି ନଥିଲେ।୩ୟ ବଲରେ ସେ କଲବଲ ହୋଇ ୧ ରନ ନେବାରୁ ଷ୍ଟ୍ରାଇକ ପାଇଥିଲେ ନମନ। ସେ ୪ର୍ଥ ବଲରେ ଚୌକା, ୫ମ ବଲରେ ୨ ଓ ଶେଷ ବଲରେ ୧ ରନ କରିବାରୁ ଭାରତକୁ ଶେଷ ଓଭରରେ ଜିତିବା ପାଇଁ ଦରକାର ପଡ଼ିଥିଲା ୮ ରନ। ଶେଷ ଓଭର ପକାଇବାକୁ ଆସିଥିଲେ ଅଭିଜ୍ଞ ମ୍ୟାଟ ହେନରୀ। ନମନ ତାଙ୍କର ପ୍ରଥମ ବଲରେ ଚୌକା ମାରିଥିଲେ। ପରବର୍ତ୍ତୀ ୨ଟି ବଲରେ ଭାରତକୁ ଦୁଇ ରନ ମିଳିବାରୁ ଶେଷ ୩ ବଲରେ ଦଳକୁ ବିଜୟ ପାଇଁ ମାତ୍ର ୨ ରନ ଦରକାର ଥିଲା।ଏତିକି ବେଳେ ହେନରୀଙ୍କ ବାଉନ୍ସରକୁ ହୁକ କରି ନମନ ସିଧା ବଲକୁ ବାଉଣ୍ଡରୀ ବାହାରକୁ ପଠାଇ ଦେଇଥିଲେ। ଭାରତ ମଧ୍ୟ ୨ ବଲ ପୂର୍ବରୁ ରେକର୍ଡ ବିଜୟର ସ୍ୱାଦ ଚାଖିଥିଲା।

# ଶୀତଲଙ୍କ ସହ ମିଶି ରୌପ୍ୟରେ ସନ୍ତୁଷ୍ଟ ହେଲେ ଓଡ଼ିଶାର ପାୟଲ

ନୂଆଦିଲ୍ଲୀ, ୨୨।୧୦: ଏସିଆନ ପାର ଗେମ୍ସ ୨୦୨୬ରେ ରୌପ୍ୟ ପଦକ ଜିତିଛନ୍ତି ଓଡ଼ିଶାର ପାୟଲ ନାଗ। ତୀରନ୍ଦାଜୀର ମହିଳା କମ୍ପାଉଣ୍ଡ ଡବଲ୍ସରେ ପାୟଲଙ୍କୁ ଏହି ସଫଳତା ମିଳିଛି। ସେ ଭାରତର ଅନ୍ୟତମ ଷ୍ଟାର ପାରା ତୀରନ୍ଦାଜ ଶୀତଲ ଦେବୀଙ୍କୁ ସାଥୀ କରି ଫାଇନାଲରେ ପ୍ରବେଶ କରିଥିଲେ।

କିନ୍ତୁ ଭାରତୀୟ ଯୋଡ଼ି ଫାଇନାଲରେ ଚାଇନାର ଜୁ ଜୁଏକିଙ୍ଗ ଓ ଝାଓ ଜିଙ୍ଗ ଠାରୁ ୧୪୧-୧୫୦ ପଏଣ୍ଟରେ ହାରି ଯାଇଛନ୍ତି। ତେଣୁ ପାୟଲ ଓ ଶୀତଲ ଦେବୀଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଆଜିର ଫାଇନାଲ ମୁକାବିଲାରେ ଭାରତର ପାୟଲ ଓ ଶୀତଲ



ଚାଇନିଜ ଯୋଡ଼ିଙ୍କୁ ଟକ୍କର ଦେଇଥିଲେ। କିନ୍ତୁ ଶେଷରେ ସେମାନଙ୍କୁ ୯ ପଏଣ୍ଟର ବ୍ୟବଧାନରେ ହାରିବାକୁ ପଡ଼ିଛି। ମହିଳା ଏକକ କମ୍ପାଣ୍ଡ ଇଭେଣ୍ଟର ଡିଫେଣ୍ଡିଂ ଚାମ୍ପିୟନ ଶୀତଲ ଦେବୀ ଚଳିତ ଏସିଆନ ପାରା ଗେମ୍ସର ଅଭିଯାନ ସୋମବାର ଠାରୁ ବିଶ୍ୱ ରେକର୍ଡ ସହ ଆରମ୍ଭ କରିଥିଲେ। ସେ ଯୋଗ୍ୟତା ପର୍ଯ୍ୟାୟରେ ଦମଦାର ପ୍ରଦର୍ଶନ କରି ମହିଳା ଏକକ ବର୍ଗର ପରବର୍ତ୍ତୀ ରାଉଣ୍ଡକୁ ଯାଇଛନ୍ତି। ଉକ୍ତ ଫାଇନାଲ ପୂର୍ବରୁ ମହିଳା କମ୍ପାଉଣ୍ଡ ଡବଲ୍ସରେ ତାଙ୍କୁ ପାୟଲ ନାଗଙ୍କ ସାଥ ମିଳିଥିଲା। ଯୋଗ୍ୟତା ପର୍ଯ୍ୟାୟରେ ପାୟଲ ଓ ଶୀତଲ ଦେବୀ ୧୩୭୯ ପଏଣ୍ଟ ସହ ନୂଆ ଏସିଆନ ଗେମ୍ସ ରେକର୍ଡ ସୃଷ୍ଟି କରିଥିଲେ।ପୂର୍ବରୁ ଏସିଆନ ରେକର୍ଡ ୧୩୭୮ ରହିଥିଲା। ପାୟଲ ୬୭୫ ପଏଣ୍ଟ ହାସଲ କରିବାରୁ ଭାରତୀୟ ଯୋଡ଼ି ଯୋଗ୍ୟତା ପର୍ଯ୍ୟାୟ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ରହିଥିଲେ। ହେଲେ ଫାଇନାଲରେ ଭାରତୀୟ ଯୋଡ଼ିଙ୍କୁ ଚାଇନିଜ ଖେଳାଳି ଚକମା ଦେଇ ସ୍ୱର୍ଣ୍ଣ ପଦକ ହାସଲ କରି ନେଇଛନ୍ତି। ୧୮ ବର୍ଷୀୟ ପାୟଲଙ୍କ ଘର ଓଡ଼ିଶାର ବଲାଙ୍ଗିରରେ। ପିଲାବେଳେ ବିଦ୍ୟୁତ ଆଘାତ ଯୋଗୁ ସେ ନିଜର ଦୁଇ ହାତ ଓ ଦୁଇ ଗୋଡ଼ ହରାଇଥିଲେ। ୨୦୧୫ରେ ବାପା, ମା ଓ ପଡ଼ୋଶୀ ରାୟପୁରରେ ଦାଦନ ଖଟୁଥିଲେ। ସେତେବେଳେ ପାୟଲଙ୍କୁ ପ୍ରାୟ ୭ ବର୍ଷ ବୟସ ହୋଇଥିଲା।

## ହୋଟେଲ କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ

# ଜାପାନରୁ ବିଦା ହେଲେ ଭାରତୀୟ ପାରା ସୁଇମର୍

ନୂଆଦିଲ୍ଲୀ, ୨୨।୧୦: ବିଶ୍ୱ ମଞ୍ଚରେ ପୁଣି ଗୋଟିଏ ଲଜ୍ଜାଜନକ ସ୍ଥିତିର ସାମ୍ନା କରିଛି ଭାରତ। ଜାପାନର ନାଗୋୟାରେ ଚାଲିଥିବା ଏସିଆନ ପାରା ଗେମ୍ସରେ ଜଘନ୍ୟକାଣ୍ଡ ଘଟାଇଛନ୍ତି ଭାରତର ବରିଷ୍ଠ ପାରା ସୁଇମର ମହମ୍ମଦ ଶାମ୍ସ ଆଲାମ ଶେଖ।ସେ ଏସିଆନ ପାର ଗେମ୍ସରେ ଭାଗ ନେବାକୁ ଯାଇ ହୋଟେଲରେ ରହିଥିବା ବେଳେ ଜଣେ ମହିଳା କର୍ମଚାରୀଙ୍କ ସହ ଅଭଦ୍ର ବ୍ୟବହାର କରିଛନ୍ତି। ରୁମରେ ସଫା କରିବା ସମୟରେ ସେ ମହିଳା କର୍ମଚାରୀଙ୍କୁ ମାଡ଼ି ବସି ଅଶ୍ଳୀଳ ବ୍ୟବହାର କରିଥିବା ଅଭିଯୋଗ ହୋଇଛି।



ମହିଳା କର୍ମଚାରୀଙ୍କ ଅଭିଯୋଗ ପରେ ଜାପାନ ପୁଲିସ୍ ପ୍ରଥମେ ମହମ୍ମଦ ଆଲାମ ଶେଖଙ୍କୁ ଅଟକ ରଖିଥିଲା। ଭାରତୀୟ ପାରାଅଲିମ୍ପିକ୍ସ କମିଟି ମଧ୍ୟ କ୍ଷମା ପ୍ରାର୍ଥନା କରିଥିଲା। ଏହାପରେ ପୁଲିସ୍ ତାଙ୍କୁ ମୁକ୍ତ କରିଥିବା ବେଳେ କ୍ରୀଡ଼ା ମହାକୁମ୍ଭ ଅଧାରୁ ତାଙ୍କୁ ଜାପାନରୁ ସିଧା ଭାରତ ପଠାଇ ଦିଆଯାଇଛି। ଏହି ଘଟଣା ଭାରତର ଏସିଆନ ପାର ଗେମ୍ସ କଣ୍ଟିଜେଣ୍ଟ ପାଇଁ ଗୋଟିଏ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ସେହିପରି ମହମ୍ମଦ ଭାରତରେ ପହଞ୍ଚିବା ପରେ ତାଙ୍କ ଉପରେ ଜୀବନ ବ୍ୟାପୀ ବ୍ୟାନ ମଧ୍ୟ ଲାଗିବାର ଆଶଙ୍କା ରହିଛି। ଭାରତୀୟ ପ୍ରତିନିଧି ମଣ୍ଡଳୀର ସୂତ୍ର ଅନୁସାରେ, ପୂରା ଘଟଣା ପାରା ସୁଇମିଂ ଟିମ ରହୁଥିବା ହୋଟେଲରେ ସୋମବାର ଘଟିଥିଲା। ଶେଖଙ୍କ ରୁମରେ ହୋଟେଲର ଜଣେ ହାଉସ କିପିଂ ମହିଳା କର୍ମଚାରୀ ନିଜର କାମ କରୁଥିଲା। ଏହି ସମୟରେ ୪୦ ବର୍ଷୀୟ ଶେଖ ତାଙ୍କ ସହ ଅଭଦ୍ର ବ୍ୟବହାର କରିଥିଲେ।ମହିଳା କର୍ମଚାରୀ ଜଣଙ୍କୁ ସେ ମାଡ଼ି ବସିଥିଲେ ହେଁ କୌଶଳକ୍ରମେ ସେ ବାହାରକୁ ଆସି ତୁରନ୍ତ ହୋଟେଲ, ସ୍ଥାନୀୟ ଆୟୋଜକ କମିଟି ଓ ଭାରତୀୟ ଅଧିକାରୀଙ୍କୁ ଜଣାଇଥିଲେ। ଅଭିଯୋଗ ପରେ ଶେଖଙ୍କୁ ଜାପାନ ପୁଲିସ ଉଠାଇ ନେଇ ଅଟକ ରଖିଥିଲା। ଏହାପରେ ଅର୍ଥାତ ମଙ୍ଗଳବାର ତାଙ୍କୁ ଭାରତ ବିଦା କରିଦିଆଯାଇଛି।

ସେ ଭାରତରେ ପହଞ୍ଚି ପ୍ରାଧିକୃତ ଅଧିକାରୀଙ୍କ ଆଗରେ ନିଜର ପକ୍ଷ ରଖିବେ। ଏହାପରେ ତାଙ୍କ ବିରୋଧରେ ଭାରତୀୟ ପାରାଅଲିମ୍ପିକ୍ସ କମିଟି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ତାଙ୍କ ଉପରେ ଜୀବନବ୍ୟାପୀ ବ୍ୟାନ ମଧ୍ୟ ଲାଗିପାରେ। ଶେଖ ଏସିଆନ ପାର ଗେମ୍ସର ବିଭିନ୍ନ ଇଭେଣ୍ଟରେ ଭାଗ ନେବାର ଥିଲା। କିନ୍ତୁ ଏବେ ସେ ଅଡୁଆରେ ପଡ଼ି ଜାପାନ ଛାଡ଼ିଛନ୍ତି। ବିହାରର ମୂଳବାସିନ୍ଦା ଶେଖ ଭାରତକୁ ଅନେକ ଅନ୍ତର୍ଜାତୀୟ ଇଭେଣ୍ଟରେ ପ୍ରତିନିଧିତ୍ୱ କରିଛନ୍ତି। ପୁରୁଷ ଏସ୍‌୫ର ୧୦୦ ମିଟର ବଟରଫ୍ଲାଏ ଓ ଏସବି୪ ବର୍ଗର ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ସେ ବିଶ୍ୱର ୧ ନମ୍ବର ସ୍ଥାନରେ ଏକଦା ରହିଥିଲେ। ଭାରତ ପାଇଁ ଅନେକ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଛନ୍ତି ମହମ୍ମଦ। ଏହାପୂର୍ବରୁ ଏସିଆନ ଗେମ୍ସ ୨୦୨୬ରେ ହକି କଣ୍ଟିଜେଣ୍ଟରେ ଥିବା ଜଣେ ରେଫରୀ ମଧ୍ୟ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆସିଥିଲା। ଏଥିପାଇଁ ଉକ୍ତ ହକି ଅଫିସିଆଲଙ୍କୁ ଟୁର୍ଣ୍ଣାମେଣ୍ଟ ଅଧାରୁ ଜାପାନରୁ ଭାରତକୁ ବିଦା କରାଯାଇଥିଲା।

# ଏସୀୟ ପାରା ଗେମ୍ସରେ ଚମକିଲେ ସୁବର୍ଣ୍ଣା ଓ ସ୍ୱାତି, ଡିସ୍କସ୍ ଥ୍ରୋରେ ସ୍ୱର୍ଣ୍ଣ; ତୀରନ୍ଦାଜରେ ରୌପ୍ୟ

ନୂଆଦିଲ୍ଲୀ, ୨୨।୧୦: ଏସୀୟ ପାରା ଗେମ୍ସରେ ଭାରତୀୟ ଆଥଲେଟ୍ସମାନେ ଦମଦାର ପ୍ରଦର୍ଶନ ଜାରି ରଖିଛନ୍ତି । ଗୁରୁବାର ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତର ସୁବର୍ଣ୍ଣା ରାଜ ମହିଳା ଏଫ୫୪ ଡିସ୍କସ୍ ଥ୍ରୋ ଇଭେଣ୍ଟରେ ୧୫.୬୬ ମିଟରର ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ତୀରନ୍ଦାଜର ଡ୧ ବର୍ଗରେ ସ୍ୱାତି ଚୌଧୁରୀ ରୌପ୍ୟ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି । ଏଫ୫୪ ଡିସ୍କସ୍ ଥ୍ରୋ ଇଭେଣ୍ଟରେ ସୁବର୍ଣ୍ଣା ରାଜ କ୍ରମାଗତ ଭାବେ ଚମତ୍କାର ପ୍ରଦର୍ଶନ କରିଥିଲେ । ସେ ନିଜର ଛଅଟି ପ୍ରୟାସ ମଧ୍ୟରୁ ଚାରିଥର ଡିସ୍କସ୍‌କୁ ୧୫ ମିଟରରୁ ଅଧିକ ଦୂରକୁ ଫିଙ୍ଗିଥିଲେ । ପଞ୍ଚମ ପ୍ରୟାସରେ ସେ ୧୫.୬୬ ମିଟର ଦୂରତା ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ଏହି ଇଭେଣ୍ଟରେଇରାନର ଶେହଲା ହାଦିଦି ୧୫.୪୫ ମିଟର ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଥିବା ବେଳେ, ଭିଏତନାମର ଥି ନଗୋକ୍ ଥୁୟ ଗୁଏନ୍ ୧୪.୬୫ ମିଟର ସହ କାଂସ୍ୟ ପଦକ ଜିତିଛନ୍ତି । ଏଫ୫୪




ଶ୍ରେଣୀଟି ଏଭଳି ଦିବ୍ୟାଙ୍ଗ ଆଥଲେଟ୍‌ମାନଙ୍କ ପାଇଁ ଯେଉଁମାନେ ହ୍ୱିଲ୍ ଚେୟାରରେ ବସି କିମ୍ବା ବସିବା ଅବସ୍ଥାରେ ପ୍ରତିଯୋଗିତା କରନ୍ତି ଏବଂ ସେମାନଙ୍କ ଶରୀରର ଉପର ଭାଗ ଏବଂ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୋଇଥାଏ ।ଅନ୍ୟ ଏକ ଉଲ୍ଲେଖନୀୟ ସଫଳତାରେ, ସ୍ୱାତି ଚୌଧୁରୀ ଏସୀୟ ପାରା ଗେମ୍ସର ଆର୍‌ଚରୀ ଡ୧ ବର୍ଗରେ ଭାରତ ପାଇଁ ପଦକ ଜିତି ଇତିହାସ ରଚିଛନ୍ତି । ମହିଳା ବ୍ୟକ୍ତିଗତ ଫାଇନାଲ୍ ମୁକାବିଲାରେ ସେ ଚୀନର ସେନ୍ ମେଙ୍ଗକାନଙ୍କ ବିରୁଦ୍ଧରେ କଡ଼ା ଟକ୍କର ଦେଇଥିଲେ ମଧ୍ୟ ୪-୬ ସେଟ୍‌ରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି । ମିରଟର ୩୭ ବର୍ଷୀୟା ସ୍ୱାତି ମ୍ୟାଚ୍‌ର ପ୍ରଥମ ଭାଗରେ ଭଲ ପ୍ରଦର୍ଶନ କରି ୪-୨ ର ଅଗ୍ରଣୀ ହାସଲ କରିଥିଲେ । ମାତ୍ର ଶେଷ ଆଡ଼କୁ ଚୀନ ପ୍ରତିଯୋଗୀ ଜୋରଦାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ଜିତି ନେଇଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସ୍ୱାତି ଅତ୍ୟନ୍ତ ଚ୍ୟାଲେଞ୍ଜିଂ 'ଡବ୍ଲୁ ଶ୍ରେଣୀରେ ପ୍ରତିଯୋଗିତା କରନ୍ତି, ଯାହାକି ଟେଟ୍ରାପ୍ଲେଜିଆ ଭଳି ଗମ୍ଭୀର ସ୍ଥିତିରେ ଥିବା ଆଥଲେଟ୍ମାନଙ୍କ ପାଇଁ ଉଦ୍ଦିଷ୍ଟ ।

# ୧୯ ବର୍ଷରୁ କମ୍ ବିଶ୍ୱକପର ସିଡ୍ୟୁଲ୍

ମୁମ୍ବାଇ, ୨୨।୧୦: ଆଇସିସି ଅଣ୍ଡର-୧୯ ମହିଳା ଟି-୨୦ ବିଶ୍ୱକପ୍ ୨୦୨୭ର ସିଡ୍ୟୁଲ ଜାରି କରିଛି । ଯୁବ ଭାରତୀୟ ମହିଳା କ୍ରିକେଟରମାନେ ଏବେ ସେମାନଙ୍କର ଟାଇଟଲ୍ ରକ୍ଷା କରିବାର ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ଭାରତ ଟୁର୍ଣ୍ଣାମେଣ୍ଟର ପୂର୍ବ ଉଭୟ ସଂସ୍କରଣରେ ଟ୍ରଫି ଜିତିଥିଲା ଏବଂ ଏବେ ଲଗାତାର ତୃତୀୟ ଥର ପାଇଁ ଚାମ୍ପିଅନ୍ ହେବାକୁ ଲକ୍ଷ୍ୟ ରଖିବ। ଏଥର ପ୍ରତିଯୋଗିତା ଆହୁରି ସ୍ୱତନ୍ତ୍ର ହେବ, କାରଣ ଏହି ଟୁର୍ଣ୍ଣାମେଣ୍ଟ ବାଂଲାଦେଶ ଏବଂ ନେପାଳ ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯିବ। ପ୍ରତିଯୋଗିତା ଜାନୁଆରୀ ୨୧ ତାରିଖରେ ଆରମ୍ଭ ହେବ ଏବଂ ଏଥିରେ ୧୬ଟିମ୍ ଟାଇଟଲ୍ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଭାରତୀୟ ଟିମ୍ ୨୨ ଜାନୁଆରୀ ୨୦୨୭ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟାଇଟଲ୍ ରକ୍ଷା ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ୍ ନେପାଳର ରାଜଧାନୀ କାଠମାଣ୍ଡୁର ଟିୟୁ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ । ଭାରତ ଗ୍ରୁପ ଏ ରେ ସାମିଲ ଅଛି । ଯେଉଁଠାରେ ତାଙ୍କ ସହ ଆୟରଲାଣ୍ଡ, ୱେଷ୍ଟଇଣ୍ଡିଜ୍ ଏବଂ ଆୟୋଜକ ନେପାଳ ରହିଛି । ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଜାନୁଆରୀ ୨୬ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାପରେ ଆଗକୁ ବଢ଼ିଥିବା ଟିମ୍ ଗୁଡ଼ିକ ସୁପର ସିକ୍ସ ପର୍ଯ୍ୟାୟକୁ ଯିବେ।ଟୁର୍ଣ୍ଣାମେଣ୍ଟରେ ୪ଟି ଗ୍ରୁପ ଗଠନ କରାଯାଇଛି । ଗ୍ରୁପ ଏ ରେ ଭାରତ, ଆୟରଲାଣ୍ଡ, ୱେଷ୍ଟଇଣ୍ଡିଜ୍ ଏବଂ ନେପାଳ ସାମିଲ ଅଛି । ଗ୍ରୁପ ବି ରେ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ ସମୋଆ ଅଛନ୍ତି । ଗ୍ରୁପ ସିରେ ଅଷ୍ଟ୍ରେଲିଆ, ବାଂଲାଦେଶ, ନାଇଜେରିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଅଛନ୍ତି । ସେହିଭଳି ଗ୍ରୁପ ଡି ରେ ଇଂଲଣ୍ଡ, ଶ୍ରୀଲଙ୍କା, ଆମେରିକା ଏବଂ ସ୍କଟଲାଣ୍ଡ ଟିମ୍ ଖେଳିବେ । ଏହି ବିଶ୍ୱକପରେ ମୋଟ ୪୧ଟି ମ୍ୟାଚ୍ ଖେଳାଯିବ। ମ୍ୟାଚ୍ ଗୁଡ଼ିକ ବାଂଲାଦେଶର ଚଟୋଗ୍ରାମ ଏବଂ ସିଲହଟ ବ୍ୟତୀତ ନେପାଳର କାଠମାଣ୍ଡୁରେ ଅନୁଷ୍ଠିତ ହେବ। ଏଥିପାଇଁ ୪ଟି ଷ୍ଟାଡିୟମ ସ୍ଥିର କରାଯାଇଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ଜାନୁଆରୀ ୨୧ରେ ଚାରୋଟି ମ୍ୟାଚ୍ ଖେଳାଯିବ, ଯେଉଁଥିରେ ଆୟୋଜକ ବାଂଲାଦେଶ ଏବଂ ଟଇର ମୁହାଁମୁହିଁ ହେବେ। ସୁପର ସିକ୍ସ ପର୍ଯ୍ୟାୟ ପରେ ଫେବୃଆରୀ ୪ରେ ସେମିଫାଇନାଲ ଖେଳାଯିବ। ଫେବୃଆରୀ ୫ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ରିଜର୍ଭ ଡେ । ଫେବୃଆରୀ ୬ରେ ଫାଇନାଲ ଅନୁଷ୍ଠିତ ହେବ, ଫେବୃଆରୀ ୭ରେ ରିଜର୍ଭ ଡେ। ଭାରତ ପାଖରେ ତୃତୀୟ ଥର ପାଇଁ ଟାଇଟଲ ଜିତି ଇତିହାସ ସୃଷ୍ଟି କରିବାର ସୁଯୋଗ ରହିବ।

# ପାକିସ୍ତାନ ମାଟିରେ ବ୍ରୁକ ମାରିଲେ ଦ୍ୱିଶତକ

ଇସଲାମାବାଦ, ୨୨।୧୦: କଥାରେ ଅଛି ରେକର୍ଡ ଭାଙ୍ଗିବା ପାଇଁ ତିଆରି ହୁଏ। ଆଉ ଏହାକୁ ମାତ୍ର କିଛି ଦିନ ମଧ୍ୟରେ ସତ କରିଛନ୍ତି ଇଂଲଣ୍ଡର ଅଧିନାୟକ ହ୍ୟାରୀ ବ୍ରୁକ। ଆଜି ଶ୍ରୀଲଙ୍କା ବିପକ୍ଷରେ ବ୍ରୁକ ଇଂଲଣ୍ଡର ପ୍ରଥମ ବ୍ୟାଟର ଭାବେ ଦିନିକିଆରେ ହାସଲ କରିଛି ଦୁଇ ଶତକ। ସେ ମାତ୍ର ୧୧୬ ବଲରେ ଖେଳିଛନ୍ତି ରେକର୍ଡ ବ୍ରେକିଂ ୨୦୨ ରନର ଇନିଂସ। ପାକିସ୍ତାନର ରାୱଲପିଣ୍ଡିରେ ବ୍ରୁକଙ୍କ ବ୍ୟାଟରୁ ବାହାରିଛି ଏହି ଐତିହାସିକ ରନ୍। ବ୍ରୁକ ୧୧୪ ବଲରେ ୨୦୦ ରନ ପୂରଣ କରିବା ମାତ୍ରେ ଭାରତର ଅଧିନାୟକ ଶୁବମନ ଗିଲ୍ଙ୍କ ରେକର୍ଡ ଭାଙ୍ଗି ଯାଇଛି। ଏବେ ବ୍ରୁକ ବନି ଯାଇଛନ୍ତି ଦିନିକିଆ ଇତିହାସରେ ଦ୍ରୁତତମ ଦୁଇ ଶତକଧାରୀ।ଗତ ମାସରେ ଗିଲ୍ ୱେଷ୍ଟଇଣ୍ଡିଜ ବିପକ୍ଷ ଗୁଆହାଟୀ ଦିନିକିଆରେ ମାତ୍ର ୧୧୭ ବଲରେ ଡବଲ ଟନ୍ ହାସଲ କରିଥିଲେ। ଏଥିସହ ସେ ବିଶ୍ୱର ଦ୍ରୁତତମ ଦୁଇ ଶତକଧାରୀ ହୋଇଥିଲେ। ସେଦିନ ଗିଲ୍ ୧୩୩ ବଲରେ ଖେଳିଥିଲେ ଅପରାଜିତ ୨୨୩ ରନର ଇନିଂସ। ହେଲେ ଏହି ରେକର୍ଡକୁ ବ୍ରୁକ ମାତ୍ର ଗୋଟିଏ ମାସ ମଧ୍ୟରେ ଭାଙ୍ଗି ଦେଇଛନ୍ତି।




ବ୍ରୁକଙ୍କ ଦୁଇ ଶତକୀୟ ଇନିଂସରେ ରହିଛି ୨୧ଟି ଚୌକା ଓ ୧୦ଟି ଛକା। ସେ ୨୦୨ ରନ କରି ଇଂଲଣ୍ଡ ପାଇଁ ଦିନିକିଆରେ ସର୍ବାଧିକ ବ୍ୟକ୍ତିଗତ ରନ ହାସଲ କରିଥିବା ଖେଳାଳି ବନି ଯାଇଛନ୍ତି। ପୂର୍ବରୁ ଏହି ରେକର୍ଡ ବେନ ଷ୍ଟୋକ୍ସଙ୍କ ନାଁରେ ଥିଲା। ସେ ୨୦୨୩ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଅପରାଜିତ ୧୮୨ ରନ କରିଥିଲେ। କ୍ରିସ ଗେଲ୍ଙ୍କ ପରେ ବ୍ରୁକ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ଟେଷ୍ଟରେ ଟ୍ରିପଲ ଶତକ, ଦିନିକିଆରେ ଡବଲ ଶତକ ଓ ଟି-୨୦ ଅନ୍ତର୍ଜାତୀୟରେ ଶତକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ଆଜି ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ବ୍ରୁକ ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। ଟମ ବାଣ୍ଟନ(୫୦) ଓ ବେନ ଡକେଟ(୨୯) ଆଉଟ ହେବା ପରେ ସେ ମଙ୍ଗ ସମ୍ଭାଳିଥିଲେ। ପ୍ରଥମେ ସେ ପିଚ୍‌ର ସ୍ଥିତି ବୁଝିବାକୁ ଚେଷ୍ଟା କରିଥିଲେ।ଏକଦା ୨୪ ବଲରେ ମାତ୍ର ୧୩ ରନ କରିଥିବା ବ୍ରୁକ ହଠାତ୍ ଗିୟର ବଦଳାଇଥିଲେ। ପରବର୍ତ୍ତୀ ୯୨ ବଲରେ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ୧୮୯ ରନ। ଶ୍ରୀଲଙ୍କାର ପ୍ରତିଟି ବୋଲରଙ୍କୁ ସେ ନିଜର ବିସ୍ଫୋରକ ରୂପ ଦେଖାଇଥିଲେ। ପ୍ରଥମେ ୭୫ ବଲରେ ଶତକ ହାସଲ କରିଥିଲେ ବ୍ରୁକ। ଏହାପରେ ୯୭ ବଲରେ ୧୫୦ ଓ ୧୧୪ ବଲରେ ପୂରଣ କରିଥିଲେ ଦୁଇ ଶତକ। ଶେଷ ଇନିଂସର ଶେଷ ବଲରେ ହିଁ ଆଉଟ ହୋଇଛନ୍ତି। ତାଙ୍କ ଦୁଇ ଶତକ ଯୋଗୁ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ ହରାଇ ୪୨୯ ରନ କରିପାରିଛି। ବ୍ରୁକଙ୍କୁ ଆଜିର ଇନିଂସରେ ଜୋ ରୁଟ ଭରପୂର ସାଥ ଦେବା ସହ ୬୫ ବଲରେ ୬୯ ରନ କରିଛନ୍ତି। ଏଥିସହ ସେ ଇଂଲଣ୍ଡର ପ୍ରଥମ ବ୍ୟାଟର ଭାବେ ଦିନିକିଆରେ ୮ ହଜାର ରନ ପୂରଣ କରିଛନ୍ତି। ଶେଷ ଭାଗରେ ୱିଲ ଜ୍ୟାକ୍ସ ୩୦ ବଲରେ ୬୬ ରନ କରିବାରୁ ଇଂଲଣ୍ଡ ୨୫ ଓଭରରେ ୨୯୬ କରି ଇଂଲଣ୍ଡକୁ ୪୩୦ ରନର ଟାର୍ଗେଟ ଦେଇଛି।

# ରଣଜୀରେ ଓଡ଼ିଶାର ଲଜ୍ଜାଜନକ ପ୍ରଦର୍ଶନ

ଥିରୁଅନନ୍ତପୁରମ, ୨୨।୧୦: ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ଦୟନୀୟ ପ୍ରଦର୍ଶନ। ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଠାରୁ ହାରିଥିବା ଓଡ଼ିଶା ଦ୍ୱିତୀୟ ଲଢେଇରେ କେରଳ ଠାରୁ ଲଜ୍ଜାଜନକ ଭାବେ ହାରିଛି। କେରଳ ଗୋଟିଏ ଇନିଂସ ଓ ୩୬ ରନରେ ଓଡ଼ିଶାକୁ ହରାଇ ଦେଇଛି।କେରଳ ପ୍ରଥମ ଇନିଂସରେ ଯେତିକି ରନ କରିଥିଲା ଓଡ଼ିଶାର ବ୍ୟାଟରମାନେ ଦୁଇ ଥର ବ୍ୟାଟିଂ କରି ମଧ୍ୟ ସେତିକି ରନ କରିପାରି ନାହାନ୍ତି। କେରଳ ପ୍ରଥମ ଇନିଂସରେ ୪୦୪ ରନ କରିଥିବା ବେଳେ ଓଡ଼ିଶା ଏହାର ଜବାବରେ ୨୨୫ ରନ କରିଥିଲା। ପ୍ରଥମ ଇନିଂସରେ ଫଲୋଅନ ଖାଇବା ପରେ କେରଳ ପୁଣି ଓଡ଼ିଶାକୁ ବ୍ୟାଟିଂ କରିବାକୁ କହିଥିଲା। ହେଲେ ପ୍ରଥମ ଇନିଂସ ତୁଳନାରେ ଓଡ଼ିଶା ଆହୁରି ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଶେଷରେ ଓଡ଼ିଶା କେବଳ ୧୪୩ ରନ କରିପାରିଥିଲା।କେରଳ ପାଇଁ ଜଲଜ ସକ୍‌ସେନା କମାଲ କରିଛନ୍ତି। ସେ ଦ୍ୱିତୀୟ ଇନିଂସରେ ୫ ୱିକେଟ ଦଖଲ କରି ଓଡ଼ିଶାର ବ୍ୟାଟିଂ ଲାଇନଅପକୁ ଛିନଛତ୍ର କରି ଦେଇଛନ୍ତି। ଓଡ଼ିଶା ପାଇଁ ଦ୍ୱିତୀୟ ଇନିଂସରେ ଗୌରବ ଚୌଧୁରୀ ୫୩ ରନ କରିଥିଲେ ହେଁ ଆଉ କୌଣସି ବ୍ୟାଟର କେରଳ ବୋଲରଙ୍କ ସାମ୍ନା କରିପାରି ନଥିଲେ। ଥିରୁଅନନ୍ତପୁରମରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶାର ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତିଥିଲେ ହେଁ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା କେରଳ ମହମ୍ମଦ ଆଝାରୁଦ୍ଦିନଙ୍କ ଅପରାଜିତ ୧୩୯, ସଚିନ ବେବୀଙ୍କ ୧୧୨ ଓ ଆଦିତ୍ୟ ସରୱେଟଙ୍କ ୫୩ ରନ ବଳରେ ସମସ୍ତ ୱିକେଟ ହରାଇ ୪୦୪ ରନ କରିଥିଲା।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର**